ଆଜି - ମଙ୍ଗଳବାର
ତାରିଖ - ୦୨ ଜୁନ୍ ୨୦୨୬
ମାସ - ବୃଷ, ଦିନ - ୧୯
ତିଥି - ଦ୍ୱିତୀୟା, ପକ୍ଷ- କୃଷ୍ଣ
ନକ୍ଷତ୍ର - ମୂଳା, ଧନୁ ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୧୧: ୦୦
ସୂର୍ଯ୍ୟାସ୍ତ - ୬ : ୧୮ : ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


"ବର୍ଷରେ ଦୁଇଗୋଟି ଦିନ ଅଛି ଯେଉଁ ଦିନମାନଙ୍କରେ ଆମେ କିଛି କରି ପାରିବା ନାହିଁ । ସେ ଦୁଇ ଦିନ ହେଉଛି- ଗତକାଲି ଓ ଆସନ୍ତା କାଲି ।"

- ମହାତ୍ମା ଗାନ୍ଧୀ


E-News : www.Ajikali epaper.com

Vol.- 41 ISSUE- 49 R.N.I. REGD. No. 44026/86 ବାଲେଶ୍ୱର ୦୨ ଜୁନ୍ ୨୦୨୬ ମଙ୍ଗଳବାର BALASORE 02 JUNE 2026 TUESDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


## ବିଜେପିର ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବାସଭବନରେ ବିଜେପି କେନ୍ଦ୍ରୀୟ ନିର୍ବାଚନ ସମିତିର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଗାମୀ ରାଜ୍ୟସଭା ଓ ବିଧାନ ପରିଷଦ ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ କରିବା ସହ ଦଳ ଭିତରେ ସାଂଗଠନିକ ପରିବର୍ତ୍ତନ ଉପରେ ଏଠାରେ ବିସ୍ତୃତ ଆଲୋଚନା କରାଯାଇଛି । ପ୍ରାୟ ଦୁଇ ଘଂଟା ଧରି ଚାଲିଥିବା ଏହି ବୈଠକରେ ୧୦ଟି ରାଜ୍ୟର ୨୪ଟି ରାଜ୍ୟସଭା ଆସନ ଉପରେ ମନ୍ଥନ ହୋଇଥିଲା । ଏହାସହ ୩ଟି ରାଜ୍ୟସଭା ଉପନିର୍ବାଚନ ଏବଂ ମହାରାଷ୍ଟ୍ର ସମେତ ବିଭିନ୍ନ ରାଜ୍ୟର ବିଧାନ ପରିଷଦ ନିର୍ବାଚନ ନେଇ ମଧ୍ୟ ଆଲୋଚନା ହୋଇଥିବା ଜଣାପଡ଼ିଛି । ବୈଠକରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ବିଏଲ ସନ୍ତୋଷ, ଜେପି ନଡ୍ଡା ଏବଂ ଦେବେନ୍ଦ୍ର ଫଡ଼ନବୀସଙ୍କ ଭଳି ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ । ନୀତିନ ନବୀନ ଓ ବିଏଲ ସନ୍ତୋଷ ଆଗାମୀ ନିର୍ବାଚନ ଏବଂ ସମ୍ଭାବ୍ୟ ପ୍ରାର୍ଥୀଙ୍କ ସମ୍ପର୍କରେ ଏକ ବିସ୍ତୃତ ରିପୋର୍ଟ ଉପସ୍ଥାପନ କରିଥିଲେ । ଦଳ ଚଳିତ ଥର ରାଜ୍ୟସଭାରେ ନିଜର ପୂର୍ବ ସଂଖ୍ୟା ଠାରୁ ୩ରୁ ୪ଟି ଅଧିକ ଆସନ ଜିତିବ ବୋଲି ଆକଳନ କରାଯାଇଛି । କେନ୍ଦ୍ରୀୟ ନିର୍ବାଚନ ସମିତି ବୈଠକ ଶେଷ ହେବା ପରେ ପ୍ରଧାନମନ୍ତ୍ରୀଙ୍କ ସହ ଶୀର୍ଷ ନେତାମାନଙ୍କର ଏକ ସ୍ୱତନ୍ତ୍ର ବୈଠକ ମଧ୍ୟ ହୋଇଥିଲା । ଏଥିରେ ସାଂଗଠନିକ ପୁନର୍ଗଠନ ଏବଂ ନୂଆ ଟିମ ଗଠନ ନେଇ ବିଚାରବିମର୍ଶ ହୋଇଥିଲା । ବର୍ତ୍ତମାନର କେନ୍ଦ୍ରୀୟ ନିର୍ବାଚନ ସମିତିର ଏହା ଶେଷ ବୈଠକ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି । ଖୁବଶୀଘ୍ର ବିଜେପି ଅଧ୍ୟକ୍ଷ ନୀତିନ ନବୀନ ନିଜର ନୂଆ ଟିମ ଘୋଷଣା କରିପାରନ୍ତି ବୋଲି ସୂଚନା ମିଳିଛି । ସୋମବାର ଦିନ ରାଷ୍ଟ୍ରୀୟ କର୍ମକର୍ତ୍ତାଙ୍କର ଏକ ବୈଠକ ଡକାଯାଇଛି ଯାହା ପରେ ସାଂଗଠନିକ ସ୍ତରରେ ନୂଆ ନିଯୁକ୍ତି ଘୋଷଣା ହେବାର ସମ୍ଭାବନା ରହିଛି ।

## ଲୋକଙ୍କ ଅଭିଯୋଗ ଶୁଣିଲେ ମୁଖ୍ୟମନ୍ତ୍ରୀ

### ୧୭ ପାଳି ସୁଦ୍ଧା ଗ୍ରହଣ କରାଯାଇଥିବା ଅଭିଯୋଗ ମଧ୍ୟରୁ ୯୬ ପ୍ରତିଶତ ଅଭିଯୋଗର ସମାଧାନ

ଭୁବନେଶ୍ୱର : ଆଜି ଥିଲା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ୧୮ତମ ପାଳି । ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ସକାଳେ ଭୁବନେଶ୍ୱର ୟୁନିଟ-୨ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ପହଂଚି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସହିତ ମନ୍ତ୍ରୀ ମଣ୍ଡଳର ୧୩ଜଣ ବରିଷ୍ଠ ମନ୍ତ୍ରୀ ମଧ୍ୟ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ୨ ବର୍ଷ ମଧ୍ୟରେ ରାଜ୍ୟ ସରକାରଙ୍କ ଅଭିଯୋଗ ଶୁଣାଣି ପ୍ରକ୍ରିୟା ରାଜ୍ୟ ପ୍ରଶାସନିକ ବ୍ୟବସ୍ଥାର ଏକ ଅଭିନ୍ନ ଅଙ୍ଗ ପାଲଟି ଯାଇଛି । ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାର ୨ ବର୍ଷ ପୂରଣ କରିବାକୁ ଯାଉଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ସମ୍ପୂର୍ଣ୍ଣ ଭାବେ ସକ୍ରିୟ ହୋଇଛି ଏବଂ ମୁଖ୍ୟମନ୍ତ୍ରୀ ଆଜିକୁ ମିଶାଇ ୧୮ ଥର ଶୁଣାଣି କରିସାରିଛନ୍ତି । ଏହା ବ୍ୟତୀତ ବିଭିନ୍ନ ଜିଲ୍ଲାଗସ୍ତ ସମୟରେ ମଧ୍ୟ ମୁଖ୍ୟମନ୍ତ୍ରୀ ସାଧାରଣ ଲୋକଙ୍କୁ ଭେଟି ତାଙ୍କ ଅଭିଯୋଗ ଗ୍ରହଣ କରିଥାନ୍ତି । ଅଭିଯୋଗ ଶୁଣାଣି ପ୍ରତି ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ ଯୋଗୁ ପ୍ରଶାସନର ବିଭିନ୍ନ ସ୍ତରରେ ଏହାର ସୁପ୍ରଭାବ ପଡିଛି । ଜିଲ୍ଲାସ୍ତରରେ



ଜିଲ୍ଲାପାଳ ଓ ଏସ୍.ପି ମାନେ ନିୟମିତ ଭାବେ ଲୋକଙ୍କ ଆପତି ଅଭିଯୋଗ ଶୁଣୁଥିବା ବେଳେ ତହସିଲ ଓ ବ୍ଲକ ସ୍ତରରେ ମଧ୍ୟ ଅଭିଯୋଗ ଶୁଣାଣି ନିୟମିତ ରୂପେ ଚାଲିଛି । ଜିଲ୍ଲାସ୍ତରରେ ଏପ୍ରିଲ ମାସ ସୁଦ୍ଧା ୨.୪୦ ଲକ୍ଷ ଅଭିଯୋଗ ଶୁଣାଣି ହୋଇ ୯୨ ପ୍ରତିଶତ ସମାଧାନ ହୋଇଛି । ଏହା ଦ୍ୱାରା ସାଧାରଣ ଲୋକମାନେ ସେମାନଙ୍କ ଆପତି ଅଭିଯୋଗ ଶୁଣାଣି ପାଇଁ ଆଉ ପୂର୍ବ ଭଳି ବିଶେଷ ହଇରାଣ ହରକତ ହେଉନାହାନ୍ତି । ପ୍ରଶାସନିକ ବ୍ୟବସ୍ଥାରେ ଏହି ପରିବର୍ତ୍ତନ ସାଧାରଣ ଲୋକଙ୍କ ଭିତରେ ଏକ ବଡ ପ୍ରଭାବ ପକାଇଛି ଓ ସରକାରଙ୍କ ଉପରେ ସେମାନଙ୍କ ଆସ୍ଥା ବୃଦ୍ଧି ପାଇଛି । ସବୁଥର ପରି ଆଜି ମୁଖ୍ୟମନ୍ତ୍ରୀ ସକାଳେ ପ୍ରଥମେ ଅ । ସି ବାହାରେ ଅପେକ୍ଷା କରିଥିବା ୩୦ ଜଣ ଦିବ୍ୟାଙ୍ଗ ଓ ଦୂରାରୋଗ୍ୟରେ ପୀଡ଼ିତ ଲୋକମାନଙ୍କୁ ଭେଟି ସେମାନଙ୍କ ସମସ୍ୟା ଶୁଣିଥିଲେ । ସେମାନଙ୍କ ଅଭିଯୋଗ ପତ୍ର ଗ୍ରହଣ କରି ତୁରନ୍ତ ପଦକ୍ଷେପ ନେବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହା ପରେ ପ୍ରକୋଷ୍ଠ ଭିତରେ ପଞ୍ଜିକୃତ କରିଥିବା ଅଭିଯୋଗକାରୀ ମାନଙ୍କ ଅଭିଯୋଗ ଶୁଣିଥିଲେ । ବିଭିନ୍ନ ରୋଗରେ ପୀଡ଼ିତ ପ୍ରାୟ ୧୩ ଜଣ ଅଭିଯୋଗକାରୀଙ୍କ ପାଇଁ ଆଜି ମୁଖ୍ୟମନ୍ତ୍ରୀ ସିଙ୍ଗିଲ୍ ୱିଣ୍ଡୋ ସିଷ୍ଟମ ଜରିଆରେ ୩.୬୦ ଲକ୍ଷ ଟଙ୍କା ଚିକିତ୍ସା ସହାୟତା ରାଶି ମଞ୍ଜୁର କରିଛନ୍ତି । ସେହିଭଳି ପୁଅର ଦୁର୍ଘଟଣା ଜନିତ ମୃତ୍ୟୁ ପାଇଁ ନୟାଗଡ ଜିଲ୍ଲାର କାମାକ୍ଷୀ ସାହୁଙ୍କ ପାଇଁ ମୁଖ୍ୟମନ୍ତ୍ରୀ ୨ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ମଞ୍ଜୁର କରିଛନ୍ତି । ଆଜି ଉଭୟ ଅନ୍ ?ଲାଇନ ଓ ଅଫ୍ ?ଲାଇନ ଜରିଆରେ ୬୦୦ରୁ ଉର୍ଦ୍ଧ୍ୱ ଅଭିଯୋଗ ପତ୍ର ଗ୍ରହଣ କରାଯାଇଛି । ସୂଚନାଯୋଗ୍ୟ ଯେ, ଗତ ୧୭ ପାଳି ସୁଦ୍ଧା ଅଭିଯୋଗ ପ୍ରକୋଷ୍ଠରେ ପ୍ରତ୍ୟକ୍ଷ ଭାବେ ଆସି ଅଭିଯୋଗ ଦେଇଥିବା ୧୪,୬୫୧ ଟି ଅଭିଯୋଗ ମଧ୍ୟରୁ ୧୪,୦୪୬ ଅର୍ଥାତ ୯୬ ପ୍ରତିଶତ ଅଭିଯୋଗର ସମାଧାନ କରାଯାଇଛି । ଗଣମାଧ୍ୟମ ଆଗରେ ବିବୃତି ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମର ଏହି ଜନାଭିମୁଖୀ କାର୍ଯ୍ୟକ୍ରମ ଯୋଗୁ ସାଧାରଣ ଲୋକଟିଏ ତା'ର ସମସ୍ୟା ଓ ଅଭିଯୋଗକୁ ସିଧାସଳଖ ସରକାର ଓ ପ୍ରଶାସନ ନିକଟରେ ପହଂଚାଇ ପାରୁଛି । ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁ ବର୍ତ୍ତମାନ ଏହି କାର୍ଯ୍ୟକ୍ରମ ଟିକେ କମ୍ ଅଛି । ଗ୍ରୀଷ୍ମ ଋତୁ ପରେ ଏହାକୁ ଆହୁରି ବ୍ୟାପକ କରାଯିବ ।

## ଅଳ୍ପରେ ଖବର

- ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟରେ ମୁଖ୍ୟ ଶାସନ ସଚିବଙ୍କ ଭାରପ୍ରାପ୍ତ ଅଧିକାରୀଙ୍କ ବରିଷ୍ଠ ବ୍ୟକ୍ତିଗତ ସଚିବ ଭାବେ କାର୍ଯ୍ୟ କରିଥିବା ସୁଶାନ୍ତ କୁମାର ବେହେରା, ଗତ କାଲି ମଇ ୩୧ ତାରିଖରେ ସରକାରୀ ଚାକିରୀରୁ ଅବସର ଗ୍ରହଣ କରିଛନ୍ତି ।
- ଜେଇଇ ଆଡଭାନ୍ସ ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ରାଜ୍ୟପାଳ ହରିବାବୁ କମ୍ଭମପାଟି ଶୁଭେଚ୍ଛା ଜଣାଇଛନ୍ତି । ଏକ ଶୁଭେଚ୍ଛା ବାର୍ତାରେ ରାଜ୍ୟପାଳ କହିଛନ୍ତି ଯେ ଜେଇଇ ଆଡଭାନ୍ସଡ୍ ପାଇଁ ପରୀକ୍ଷା ଦେଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ।
- ଲୋକ ଭବନ, ଓଡିଶା ଦ୍ୱାରା ଆୟୋଜିତ ନିଶା ନିବାରଣ ଉପରେ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରତିଯୋଗିତାରେ ମୟୂରଭଞ୍ଜର ବେତନଟି ଡିଗ୍ରୀ କଲେଜ ପ୍ରଥମ ପୁରସ୍କାର ହାସଲ କରିଛି । ଏଥିପାଇଁ ବେତନଟି କଲେଜକୁ ରାଜ୍ୟପାଳ ହରିବାବୁ କମ୍ଭମପାଟି ଅଭିନନ୍ଦନ ଜଣାଇଛନ୍ତି ।
- ସିବିଏସଇକୁ ନେଇ ସୋସିଆଲ ମିଡ଼ିଆରେ କଂଗ୍ରେସର ଅପପ୍ରଚାର ପ୍ରସଙ୍ଗରେ ବର୍ଷିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ।

## ୨୦୨୬ ଜେଇଇ ଆଡଭାନ୍ସଡ ପରୀକ୍ଷା

### ଶୁଭମ କୁମାର ସର୍ବଭାରତୀୟ ଟପ୍ପର ଏବଂ ଓଡ଼ିଶାରୁ ଭବେଶ ପାତ୍ର ପ୍ରଥମ

ନୂଆଦିଲ୍ଲୀ/ଭୁବନେଶ୍ୱର: ଆଜି ୨୦୨୬ ବର୍ଷ ପାଇଁ ବହୁ ପ୍ରତୀକ୍ଷିତ



ଜେଇଇ ଆଡଭାନ୍ସଡ ପରୀକ୍ଷା ଫଳ ପ୍ରକାଶ ପାଇଛି । ଚଳିତ ବର୍ଷ ଆଇଆଇଟି ଦିଲ୍ଲୀ ଜୋନରୁ ଶୁଭମ କୁମାର ସର୍ବଭାରତୀୟ ସ୍ତରରେ ଟପ୍ପର ହେବାର ଗୌରବ ଅର୍ଜନ କରିଛନ୍ତି । ସେ ମୋଟ ୩୬୦ ନମ୍ବରରୁ ୩୩୦ ନମ୍ବର ରଖି ଏହି କଠିନ ପରୀକ୍ଷାରେ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି । ଶୁଭମଙ୍କ ଏହି ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଚାରିଆଡୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି । ସେହିପରି ଓଡ଼ିଶା ପାଇଁ ମଧ୍ୟ ଏହି ରେଜଲ୍ଟ ଏକ ବଡ଼ ଖୁସି ଖବର ଆଣିଦେଇଛି । ରାଜ୍ୟର ମେଧାବୀ ଛାତ୍ର ଭବେଶ ପାତ୍ର ସର୍ବଭାରତୀୟ ସ୍ତରରେ ୨୯ ତମ ରାଙ୍କ ଅଧିକାର କରିଛନ୍ତି । ଏହି ଚମତ୍କାର ସଫଳତା ସହିତ ସେ ଚଳିତ ବର୍ଷର ଓଡ଼ିଶା ଟପ୍ପର ହେବାର ସୌଭାଗ୍ୟ ଲାଭ କରିଛନ୍ତି । ଭବେଶଙ୍କ ଏହି ଆକର୍ଷଣୀୟ ରାଙ୍କ ପାଇଁ ତାଙ୍କ ପରିବାର ଓ ଶିକ୍ଷକମାନେ ବେଶ ଆନନ୍ଦିତ ଅଛନ୍ତି ଏବଂ ରାଜ୍ୟ ପାଇଁ ଗର୍ବ ଅନୁଭବ କରୁଛନ୍ତି । ସାରା ଦେଶରୁ ମୋଟ ୧ ଲକ୍ଷ ୭୯ ହଜାରରୁ ଅଧିକ ଛାତ୍ରଛାତ୍ରୀ ଏହି ପ୍ରବେଶିକା ପରୀକ୍ଷା ଦେଇଥିଲେ । ସେମାନଙ୍କ ମଧ୍ୟରୁ ସମୁଦାୟ ୫୬ ହଜାର ୮୮୦ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି । ସଫଳ ହୋଇଥିବା ଏହି ବିଦ୍ୟାର୍ଥୀଙ୍କ ମଧ୍ୟରେ ୧୦ ହଜାରରୁ ଉର୍ଦ୍ଧ୍ୱ କେବଳ ଛାତ୍ରୀ ରହିଛନ୍ତି । ଦେଶର ବିଭିନ୍ନ ଆଇଆଇଟି ଏବଂ ଅନ୍ୟାନ୍ୟ ପ୍ରମୁଖ ଶିକ୍ଷାନୁଷ୍ଠାନରେ ନାମଲେଖା ପାଇଁ ଏବେ ବାଟ ଫିଟିଛି । ବର୍ତ୍ତମାନ ଫଳାଫଳ ବାହାରିବା ପରେ ପରବର୍ତ୍ତୀ ପର୍ଯ୍ୟାୟ ଅର୍ଥାତ କାଉନସେଲିଂ ପ୍ରକ୍ରିୟା ଖୁବଶୀଘ୍ର ଆରମ୍ଭ ହେବ । ସମସ୍ତ ଯୋଗ୍ୟ ବିଦ୍ୟାର୍ଥୀ ଏବେ ନିଜ ମନପସନ୍ଦର ଇଞ୍ଜିନିୟରିଂ କଲେଜରେ ସିଟ ପାଇବା ପାଇଁ ଆବେଦନ କରିପାରିବେ ।


### ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ଜେଇଇ ଆଡଭାନ୍ସ ପରୀକ୍ଷାର କୃତୀ ଛାତ୍ରଛାତ୍ରୀଙ୍କ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇଛନ୍ତି । ଏନେଇ ସୋସିଆଲ ମିଡିଆ ଏକ୍ସରେ ଏକ ବାର୍ତା ଜାରି କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ୨୦୨୬ ଜେଇଇ ଆଡ଼ଭାନ୍ସ ପରୀକ୍ଷାର ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ । ଆପଣମାନଙ୍କର ଏହି ସଫଳତା କଠିନ ପରିଶ୍ରମ, ନିଷ୍ଠା ଓ ଅଦମ୍ୟ ଇଚ୍ଛାଶକ୍ତିର ପରିଣାମ । ପରୀକ୍ଷା ଫଳ ନିର୍ବିଶେଷରେ ସମସ୍ତେ ଜୀବନର ପ୍ରତ୍ୟେକଟି ପାଦରେ ଆତ୍ମବିଶ୍ୱାସ ଏବଂ ଦୃଢ଼ ମନୋବଳ ସହ ଆଗକୁ ବଢ଼ିଚାଲନ୍ତୁ ।

## ଜୁନ୍ ୩ ଠାରୁ ପୁରୀରେ ବ୍ରିକ୍ସ ସମ୍ମିଳନୀ

ଭୁବନେଶ୍ୱର : ଆସନ୍ତା ଜୁନ୍ ୩ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ପୁରୀଠାରେ ବ୍ରିକ୍ସ ବିପର୍ଯ୍ୟୟ ବିପଦ ହ୍ରାସ କାର୍ଯ୍ୟଗୋଷ୍ଠୀର ଦ୍ୱିତୀୟ ବୈଷୟିକ ବୈଠକ ଅନୁଷ୍ଠିତ ହେବ । ଜୁନ୍ ୪ ତାରିଖରେ ଏହାର ଉଦଘାଟନୀ ଅଧିବେଶନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେବେ । ବ୍ରିକ୍ସ ରାଷ୍ଟ୍ରସମୂହଙ୍କ ସହ ଭାରତର ବିଭିନ୍ନ ରାଜ୍ୟର ପ୍ରତିନିଧି ଏବଂ ବିଶେଷଜ୍ଞବୃନ୍ଦ ମଧ୍ୟ ଏହି ତିନିଦିନିଆ ବୈଠକରେ ଯୋଗ ଦେବେ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୋମବାର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ବ୍ରିକ୍ସ ହେଉଛି ବିଶ୍ୱର ଉଦୀୟମାନ ଅର୍ଥନୀତିଗୁଡ଼ିକୁ ନେଇ ଗଠିତ ଏକ ପ୍ରମୁଖ ଅନ୍ତର୍ଜାତୀୟ ଆନ୍ତଃସରକାରୀ ସଂଗଠନ ଏବଂ ଭୂ-ରାଜନୈତିକ ମଂଚ । ଏହାର ସଦସ୍ୟ ରାଷ୍ଟ୍ରଗୁଡ଼ିକ ହେଲେ ବ୍ରାଜିଲ୍, ରୁଷ୍, ଭାରତ, ଚୀନ, ଦକ୍ଷିଣ ଆଫ୍ରିକା, ସାଉଦି ଆରବ, ଇଜିପ୍ଟ, ସଂଯୁକ୍ତ ଆରବ ଏମିରେଟ୍ସ (ଟଇର), ଇଥିଓପିଆ, ଇରାନ୍ ଓ ଇଣ୍ଡୋନେସିଆ । ଭାରତର ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଏନଡିଏମଏ) ଅଧ୍ୟକ୍ଷତାରେ ବ୍ରିକ୍ସ ବିପର୍ଯ୍ୟୟ ବିପଦ ହ୍ରାସ କାର୍ଯ୍ୟଗୋଷ୍ଠୀର ପ୍ରଥମ ବୈଷୟିକ ବୈଠକ ୨୯–୩୦ ଏପ୍ରିଲ ୨୦୨୬ ରେ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା । ଭାରତର ବ୍ରିକ୍ସ ଅଧ୍ୟକ୍ଷତା ଅଧୀନରେ ପ୍ରଥମ ପ୍ରତ୍ୟକ୍ଷ ବୈଷୟିକ ବୈଠକ ୦୩–୦୫ ଜୁନ୍ ୨୦୨୬ ମଧ୍ୟରେ ଓଡ଼ିଶାର ପୁରୀସ୍ଥିତ ତାଜ୍ ପୁରୀ ରିସୋର୍ଟରେ ଅନୁଷ୍ଠିତ ହେବ । ବିପର୍ଯ୍ୟୟ ପ୍ରସ୍ତୁତି, ବାତ୍ୟା ପରିଚାଳନା ଏବଂ ପ୍ରାରମ୍ଭିକ ସତର୍କ ସୂଚନା ବ୍ୟବସ୍ଥାରେ ଓଡ଼ିଶାର ବିଶ୍ୱସ୍ତରୀୟ ସଫଳତାକୁ ଦୃଷ୍ଟିରେ ରଖି ଆମ ରାଜ୍ୟକୁ ଆୟୋଜକ ଭାବେ ଚୟନ କରାଯାଇଛି । ବ୍ରିକ୍ସ ସଦସ୍ୟ ଓ ସହଯୋଗୀ ଦେଶଗୁଡ଼ିକର ପ୍ରତିନିଧି, ନୀତି-ନିର୍ଦ୍ଧାରକ ଏବଂ ବିପର୍ଯ୍ୟୟ ପରିଚାଳନା ବିଶେଷଜ୍ଞମାନେ ଏଥିରେ ଅଂଶଗ୍ରହଣ କରିବେ । ବୈଠକରେ ସ୍ଥାୟୀ ଡିଆରଆର ଅର୍ଥ ପରିଚାଳନା, ଭିତିଭୂମି, ପୂର୍ବାନୁମାନ ଆଧାରିତ ପ୍ରତିକ୍ରିୟା ଏବଂ ପାରମ୍ପରିକ ଜ୍ଞାନର ସମନ୍ୱୟ ଭଳି ବିଭିନ୍ନ ବିଷୟ ଉପରେ ଆଲୋଚନା ହେବ ।

## ସରକାରୀ କାମ ପାଇଁ ଇଭି କିଣିବାକୁ ନିର୍ଦ୍ଦେଶାବଳୀ ଜାରି କଲା ଅର୍ଥ ବିଭାଗ



ଭୁବନେଶ୍ୱର : ସରକାରୀ କାର୍ଯ୍ୟରେ ବାଧ୍ୟତାମୂଳକ ଇଭି ବ୍ୟବହାର ପାଇଁ ନିର୍ଦ୍ଦେଶାବଳି ଜାରି ହୋଇଛି । ଇଭି କିଣିବାକୁ ନିର୍ଦ୍ଦେଶାବଳି ଜାରି କରିଛି ଅର୍ଥ ବିଭାଗ । ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ୩୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଇଭି କିଣିପାରିବେ । ସେହିପରି ହାଇକୋର୍ଟ ମୁଖ୍ୟ ବିଚାରପତି, ମନ୍ତ୍ରୀମାନେ ମଧ୍ୟ ୩୦ ଲକ୍ଷ ପର୍ଯ୍ୟନ୍ତ କିଣିପାରିବେ । ମୁଖ୍ୟ ସଚିବ, ଉନ୍ନୟନ କମିଶନର, ସଚିବ ଆଦି୨୫ ଲକ୍ଷ ପର୍ଯ୍ୟନ୍ତ ଇଭି କିଣିପାରିବେ । ଜିଲ୍ଲା ଜଜ୍, ଜିଲ୍ଲାପାଳ ଓ ଏସପିମାନେ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଇଭି କିଣି ପାରିବେ ବୋଲି ଅର୍ଥ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଅର୍ଥ ବିଭାଗର ଅନୁମୋଦନ ପରି ଏବଂ ବର୍ତ୍ତମାନ ବ୍ୟବହାର ହେଉଥିବା ଗାଡିର ଅବଧି ଶେଷ ହେବା ପରେ କିମ୍ବା ସ୍କ୍ରାପିଂ ହେବା ପରେ ନୂଆ ଇଭି କିଣାଯିବ । କେବଳ ଟାଟା , ମହିନ୍ଦ୍ରା ଓ ମାରୁତି କମ୍ପାନୀର ଇଭି କିଣାଯିବ । ଏହା ବ୍ୟତୀତ ଜଣେ ଅଧିକାରୀ ଗୋଟିଏ ଗାଡି ନିୟମ ଲାଗୁ ହେବ ବୋଲି ନିର୍ଦ୍ଦେଶାବଳି ଜାରି କରିଛି ଅର୍ଥ ବିଭାଗ ।

## ଜାତୀୟ ରାଜପଥ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କଲେ ପୂର୍ତ୍ତମନ୍ତ୍ରୀ

ଭୁବନେଶ୍ୱର : ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନ ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସଂକଳ୍ପକୁ ଆଧାର କରି ରାଜ୍ୟର ରୋଡ୍ ନେଟ୍‌ୱାର୍କକୁ ସମୃଦ୍ଧ କରିବା କ୍ଷେତ୍ରରେ ଆମେ ଆଗେଇ ଚାଲିଛୁ । ସମସ୍ତଙ୍କ ମିଳିତ ସହଯୋଗରେ ଆମେ ବିଗତ ବର୍ଷ ତୁଳନାରେ ଭିତିଭୂମି ନିର୍ମାଣ କ୍ଷେତ୍ରରେ ଭଲ ପ୍ରଦର୍ଶନ କରିଛୁ । ତେବେ ଏହି ଧାରାକୁ ବଜାୟ ରଖିବା ଏବଂ ପ୍ରକଳ୍ପଗୁଡ଼ିକୁ ଅଧିକ ତ୍ୱରିତ ଗତିରେ ଆଗେଇନେବା ଲାଗି ଆମକୁ ସ୍ୱତନ୍ତ୍ର ଲକ୍ଷ୍ୟ ଧାର୍ଯ୍ୟ କରିବାକୁ ପଡ଼ିବ ବୋଲି ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି । ଆଜି ୫୦ କୋଟିରୁ ଅଧିକ ବ୍ୟୟ ଅଟକଳ ଥିବା ୪୮ ଗୋଟି ଜାତୀୟ ରାଜପଥର ଅଗ୍ରଗତି ନେଇ ଲୋକସେବା ଭବନ କନ୍‌ଭେନ୍‌ସନ୍





ହଲ୍‌ଠାରେ ଆୟୋଜିତ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ କେନ୍ଦ୍ର ସରକାର ସବୁବେଳେ ଓଡ଼ିଶାକୁ ଅଧିକରୁ ଅଧିକ ପାଣ୍ଠି ଦେବାକୁ ପ୍ରସ୍ତୁତ ଅଛନ୍ତି । ବର୍ତ୍ତମାନ ରାଜ୍ୟରେ ଅନେକ ପ୍ରକଳ୍ପ ନିର୍ମାଣାଧୀନ ଅବସ୍ଥାରେ ଥିବାବେଳେ ଆଗକୁ ଆହୁରି ଅଧିକ ପ୍ରକଳ୍ପ କାର୍ଯ୍ୟକାରୀ ହେବାକୁ ଯାଉଛି । ଏହାକୁ ଦୃଷ୍ଟିରେ ରଖି ଯୋଜନାବଦ୍ଧ ଭାବେ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ଏହି ଅବସରରେ ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ଏବଂ ଇଂଜିନିୟରମାନଙ୍କ ନିଷ୍ଠାପର ଉଦ୍ୟମ ଯୋଗୁଁ ୧୭୨୧ କୋଟି ମୂଲ୍ୟର ୪୯ଟି ପ୍ରକଳ୍ପ ନିକଟରେ ଶେଷ ହୋଇଛି, ଯାହା ଖୁବ୍‌ଶୀଘ୍ର ଲୋକାର୍ପିତ ହେବ । ସେହିପରି ୧୨୧୦୨ କୋଟି ମୂଲ୍ୟର ୪୭ଟି ନୂଆ ପ୍ରକଳ୍ପର ଭିତିପ୍ରସ୍ତର ଖୁବ୍‌ଶୀଘ୍ର ସ୍ଥାପନ ହେବାକୁ ଯାଉଛି ବୋଲି ସେ ପ୍ରକାଶ କରିଥିଲେ ।

## ବଢ଼ିଲା ବାଣିଜ୍ୟିକ ଏଲପିଜି ଗ୍ୟାସ ସିଲିଣ୍ଡର ଦର

ନୂଆଦିଲ୍ଲୀ: ଆଜି ଜୁନ ପହିଲାରେ ସାଧାରଣ ଜନତାଙ୍କୁ ପୁଣି ଥରେ ମହଙ୍ଗା ମାଡ଼ ଲାଗିଛି । ଗ୍ୟାସ କମ୍ପାନୀଗୁଡ଼ିକ ପକ୍ଷରୁ ବ୍ୟବସାୟିକ ଏଲପିଜି ସିଲିଣ୍ଡର ଦର ଆଉ ଥରେ ବୃଦ୍ଧି କରାଯାଇଛି । ଦିଲ୍ଲୀ ଏବଂ ଏନସିଆର ଅଂଚଳରେ ୧୯ କିଲୋଗ୍ରାମ ବିଶିଷ୍ଟ ବ୍ୟବସାୟିକ ସିଲିଣ୍ଡର ଦରରେ ୪୨ ଟଙ୍କା ବଢ଼ିଛି । ଏହି ନୂଆ ବୃଦ୍ଧି ପରେ ବର୍ତ୍ତମାନ ଏହାର ମୂଲ୍ୟ ୩୧୧୩ ଟଙ୍କା ୫୦ ପଇସାରେ ପହଂଚିଛି । ସେହିପରି କୋଲକାତାରେ ଗ୍ୟାସ ଦାମରେ ୫୩ ଟଙ୍କା ୫୦ ପଇସା ବୃଦ୍ଧି କରାଯାଇଛି । ଫଳରେ ସେଠାରେ ବ୍ୟବସାୟିକ ସିଲିଣ୍ଡରର ନୂଆ ମୂଲ୍ୟ ୩୨୫୫ ଟଙ୍କା ୫୦ ପଇସା ହୋଇଯାଇଛି । ଅନ୍ୟପକ୍ଷରେ ୫ କିଲୋଗ୍ରାମ ବିଶିଷ୍ଟ ଫ୍ରି ଟ୍ରେଡ ଏଲପିଜି ସିଲିଣ୍ଡର ଦର ମଧ୍ୟ ମହଙ୍ଗା ହୋଇଛି । ଏହି ଛୋଟ ସିଲିଣ୍ଡର ପିଛା ୧୧ ଟଙ୍କା ବଢ଼ିଛି । ନୂଆ ଦର ଲାଗୁ ହେବା ପରେ ଦିଲ୍ଲୀରେ ଏବେ ଏହାର ଦାମ ୮୨୧ ଟଙ୍କା ୫୦ ପଇସା ହେବ । ଏହି ଦର ବୃଦ୍ଧି ଫଳରେ



ହୋଟେଲ ଏବଂ ରେଷ୍ଟୁରାଂଟ ବ୍ୟବସାୟୀଙ୍କ ଉପରେ ସିଧାସଳଖ ପ୍ରଭାବ ପଡ଼ିବ । ଫଳରେ ବାହାରେ ଖାଇବା ଏବେ ସାଧାରଣ ଲୋକଙ୍କ ପାଇଁ ଅଧିକ ଖର୍ଚ୍ଚବହୁଳ ହୋଇପାରେ ବୋଲି ଆଶଙ୍କା କରାଯାଉଛି । ଅନ୍ୟପକ୍ଷରେ ରୋଷେଇ ଘରେ ବ୍ୟବହାର ହେଉଥିବା ୧୪ ଦଶମିକ ୨ କିଲୋଗ୍ରାମ ବିଶିଷ୍ଟ ଘରୋଇ ସିଲିଣ୍ଡର ଦର ସମ୍ପୂର୍ଣ୍ଣ ସ୍ଥିର ରହିଛି । ଦରଦାମ ବୃଦ୍ଧିକୁ ନେଇ ସବୁବେଳେ ଚିନ୍ତାରେ ରହୁଥିବା ସାଧାରଣ ଗୃହିଣୀମାନଙ୍କୁ ଏହା ବେଶ ଆଶ୍ୱାସନା ଦେଇଛି ।

# କ୍ୟାରିଅର୍ ପରାମର୍ଶ ଏବଂ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ

ବାଲେଶ୍ୱର,(ନି.ପ୍ର.)ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ (ଡଡଚଟ), ବାଲେଶ୍ୱର ଦ୍ୱାରା ପୂର୍ବାହ୍ନ ୧୦.୦୦ ଘଟିକା ସମୟରେ ଶିଶୁ ଯତ୍ନ ପ୍ରତିଷ୍ଠାନ (ଡଡଓଝ) ରେ ରହୁଥିବା ପିଲା, ଡଡଓ ପାସ୍ ଆଉଟ୍ ପିଲା, ଆଶୀର୍ବାଦ ହିତାଧିକାରୀ ଏବଂ ବାଲେଶ୍ୱର ଜିଲ୍ଲାର ଅନାଥ ପିଲାମାନଙ୍କ ପାଇଁ ବାଲେଶ୍ୱରର ନୂତନ କଲେକ୍ଟରେଟ୍ କୋଠାର ଅଡିଟୋରିୟମ୍ ହଲ୍ ରେ ଏକ କ୍ୟାରିଅର୍ ପରାମର୍ଶ ଏବଂ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ସଫଳତାର ସହିତ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା କ୍ୟାରିଅର୍ ମାର୍ଗଦର୍ଶନ ଏବଂ ପରାମର୍ଶ, ଦକ୍ଷତା ବିକାଶ ସୁଯୋଗ, ବୃତିଗତ ତାଲିମ ଏବଂ



ଉଚ୍ଚଶିକ୍ଷା ମାର୍ଗ ସମ୍ପର୍କରେ ସୂଚନା ପ୍ରସାରଣ ମାଧ୍ୟମରେ ଯୁବ ମନକୁ ସଶକ୍ତ କରିବା । ବିଶ୍ୱ ଦକ୍ଷତା କେନ୍ଦ୍ର, ଭୁବନେଶ୍ୱରର ସମ୍ବଳ ବ୍ୟକ୍ତି ଏବଂ ଅନ୍ୟ ବିଶେଷଜ୍ଞ ମାନେ ଅଂଶଗ୍ରହଣକାରୀଙ୍କ ସହିତ ଆଲୋଚନା କରିଥିଲେ ଏବଂ ଭବିଷ୍ୟତ କ୍ୟାରିଅର୍ ସମ୍ଭାବନା ଏବଂ ଦକ୍ଷତା ବୃଦ୍ଧି ସୁଯୋଗ ସମ୍ପର୍କରେ ମୂଲ୍ୟବାନ ମାର୍ଗଦର୍ଶନ ପ୍ରଦାନ କରିଥିଲେ । ବହୁ ସଂଖ୍ୟକ ଯୋଗ୍ୟ ପିଲା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ଏବଂ ପରାମର୍ଶ ଅଧିବେଶନ, ବିଶେଷଜ୍ଞ ଆଲୋଚନା ଏବଂ ବିଭିନ୍ନ ବୈଷୟିକ, ବୃତିଗତ ଏବଂ ଉଚ୍ଚଶିକ୍ଷା ସୁଯୋଗର ସଂସ୍ପର୍ଶରୁ ଉପକୃତ ହୋଇଥିଲେ । ଏହି କାର୍ଯ୍ୟକ୍ରମ ଅଂଶଗ୍ରହଣକାରୀମାନଙ୍କ ପାଇଁ ଅତ୍ୟନ୍ତ ସୂଚନାପ୍ରଦ ଏବଂ ପ୍ରେରଣାଦାୟକ ଥିଲା, ଯାହା ସେମାନଙ୍କୁ ସେମାନଙ୍କର ଭବିଷ୍ୟତ କ୍ୟାରିଅର୍ ଏବଂ ଦକ୍ଷତା ବିକାଶ ସମ୍ପର୍କରେ ସୂଚନାପ୍ରଦ ନିଷ୍ପତି ନେବାରେ ସାହାଯ୍ୟ କରିଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ ଖୁସିରାମ ଗାହୀର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ପ୍ରତିଭା ବେହେରା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ଜ୍ୟୋସ୍ନାରାଣୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## ସ୍ୱତନ୍ତ୍ର ସଘନ ସଂଶୋଧନ ସଚେତନତା ଅଭିଯାନରେ 'ମା ବାସନ୍ତୀ ଚଢ଼େୟା ନାଚ' ଦଳର ନାଟ୍ୟ ପରିବେଷଣ

ବାଲେଶ୍ୱର, (ନି.ପ୍ର.)ଆଜି ପୂର୍ବାହ୍ନ ୧୦.୩୦ ଘଟିକା ସମୟରେ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଝଓଜ) ସଚେତନତା ଅଭିଯାନ ଅବସରରେ 'ମା ବାସନ୍ତୀ ଛଢେୟା ନାଚ' ଦଳ ପକ୍ଷରୁ ଏକ ଆକର୍ଷଣୀୟ ଛଢେୟା ନାଚ ପରିବେଷଣ କରାଯାଇଥିଲା । ଦଳର ନେତୃତ୍ୱ ବିଶିଷ୍ଟ କଳାକାର ଶ୍ରୀ ମଧୁସୂଦନ ନାୟକ କରିଥିଲେ । ଏହି ନାଟକ ମାଧ୍ୟମରେ ଏସ୍.ଆଇଆର୍ ଅଭିଯାନର ବିଭିନ୍ନ ବାର୍ତ୍ତାକୁ ସରଳ ଏବଂ ମନୋରଞ୍ଜନାତ୍ମକ ଢଙ୍ଗରେ ଉପସ୍ଥାପନ କରାଯାଇଥିଲା।କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ରହି ଦଳର କଳାତ୍ମକ ପରିବେଷଣକୁ ଉଚ୍ଚ ପ୍ରଶଂସା କରିଥିଲେ । 'ମା ବସନ୍ତୀ ଛଢେୟା ନାଚ' ଦଳର ସଦସ୍ୟମାନଙ୍କର ଜୀବନ୍ତ ଅଭିନୟ, ସୁନ୍ଦର ସଂଳାପ ଏବଂ ସାମାଜିକ ବାର୍ତ୍ତାଭିତ୍ତିକ ଉପସ୍ଥାପନା ଦର୍ଶକମାନଙ୍କୁ ବେଶ୍ ଆକର୍ଷିତ କରିଥିଲା ।




## ବ୍ୟାସକବି ଫକୀରମୋହନ ଓ ଉତ୍କଳ ଗୌରବ ମଧୁସୂଦନଙ୍କ ସଂପର୍କରେ ଅରୁଚିକର ମନ୍ତବ୍ୟ ବିରୁଦ୍ଧରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ବାଲେଶ୍ୱର, (ନି.ପ୍ର.): ବାଲେଶ୍ୱର ସିଭିଲ୍ ସୋସାଇଟି ଆହ୍ୱାନରେ ସୋମବାର ଦିନ ପୂର୍ବାହ୍ନରେ ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ହେମନ୍ତ କୁମାର ସିଂଙ୍କ ଜରିଆରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ବହୁ ସାମାଜିକ, ସାଂସ୍କୃତିକ ଓ ଗଣ ସଂଗଠନ ନେତୃତ୍ୱଙ୍କ ସ୍ୱାକ୍ଷର ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଏହି ସ୍ମାରକପତ୍ରରେ ବ୍ୟାସକବି ଫକୀରମୋହନ ସେନାପତି ଓ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ବିରୁଦ୍ଧରେ ବିଜେପି ଯୁବମୋର୍ଚ୍ଚାର ନେତା ଶ୍ରୀ ଅଭିଳାଷ ପଣ୍ଡା ଦେଇଥିବା ଅପମାନଜନକ ମନ୍ତବ୍ୟକୁ ଦୃଢ଼ ନିନ୍ଦା କରାଯାଇଛି । ଓଡ଼ିଆ ଭାଷାର ସୁରକ୍ଷା ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଏହି ଦୁଇ ମହାପୁରୁଷଙ୍କ ତ୍ୟାଗ ଓ ଭୂମିକାକୁ ଶ୍ରୀ ପଣ୍ଡା ଅପମାନିତ କରିଛନ୍ତି ବୋଲି ସେମାନେ ଉଲ୍ଲେଖ କରିଛନ୍ତି । ଏ ଘଟଣା କେବଳ ବାଲେଶ୍ୱରବାସୀଙ୍କ ମଧ୍ୟରେ ନୁହେଁ ସମସ୍ତ ଓଡ଼ିଆ ଭାଷାଭାଷି ବ୍ୟକ୍ତିଙ୍କ ମଧ୍ୟରେ




ବ୍ୟାପକ ଅସନ୍ତୋଷ ସୃଷ୍ଟି କରିଛି । ତେଣୁ ଶ୍ରୀ ପଣ୍ଡାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ମହାପୁରୁଷମାନଙ୍କ ପ୍ରତି ଯଥାର୍ଥ ସମ୍ମାନ ରକ୍ଷା କରିବାସହ ଓଡ଼ିଆ ଅସ୍ମିତାକୁ ରକ୍ଷା କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ରରେ ନିବେଦନ କରାଯାଇଛି । ଅନ୍ୟଥା ଏହି ଘଟଣାକୁ ନେଇ ବ୍ୟାପକ ଜନ ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି । ସିଭିଲ୍ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ ଓ ସଂପାଦକ ମନୋଜ ନାୟକଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରାକାରୀ ଦଳ ଜିଲ୍ଲାପାଳଙ୍କ ଦପ୍ତରକୁ ଯାଇ ଏହି ସ୍ମାରକପତ୍ର ପ୍ରଦାନ କରିବା ପରେ ଜିଲ୍ଲାପାଳଙ୍କ ଫାଟକ ସମ୍ମୁଖରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ବିଭିନ୍ନ ସଂଗଠନ ପକ୍ଷରୁ ପ୍ରଦୀପ କୁମାର ଚାଟାର୍ଜୀ, ସୀତାଂଶୁ ସେନାପତି, ଦିଲ୍ଲୀପ କୁମାର ଗିରି, ଭାଗବତ ପ୍ରତିହାରୀ, ନିର୍ମଳ ନାୟକ, ନିରଞ୍ଜନ ପରିଡ଼ା, ମଳୟ ରାୟ, ଜ୍ୟୋସ୍ନା ସେନାପତି, ଅରୁଣ ଜେନା, ରାଜେଶ ଗିରି, ଶରତ ଚନ୍ଦ୍ର ଦଳାଇ, ଶ୍ୟାମସୁନ୍ଦର ଜେନା, ସନ୍ତୋଷ ସାହୁ, କମଳାକାନ୍ତ ବେହେରା ଓ ପ୍ରମଥ ପ୍ରମାଣିକ ପ୍ରମୁଖ ଉପସ୍ଥିତ ରହି ଓଡ଼ିଶାର ବରପୁତ୍ରମାନଙ୍କୁ ଅପମାନିତ କରିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ରାଜ୍ୟ ସରକାର ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ । ପ୍ରେମରଞ୍ଜନ ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

## ମିଳିତ ନିଶା ନିବାରଣ ଅଭିଯାନ (ମନା) ଓ ଇଂଟରାକ୍ଟ କ୍ଲବ୍ ଅଫ୍ ସିଦ୍ଧିବିନାୟକ ପବ୍ଲିକ୍ ସ୍କୁଲ୍‌ର ମିଳିତ ଆନୁକୂଲ୍ୟରେ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ

ବାଲେଶ୍ୱର,(ନି.ପ୍ର.): ମିଳିତ ନିଶା ନିବାରଣ ଅଭିଯାନ (ମନା), ବାଲେଶ୍ୱର ଓ ସିଦ୍ଧିବିନାୟକ ପବ୍ଲିକ୍ ସ୍କୁଲ୍‌ର ମିଳିତ ଆନୁକୂଲ୍ୟରେ 'ମନା'ର ସଭାପତି ପ୍ରଭାକର ସାହୁଙ୍କ ଅଧ୍ୟକ୍ଷତାରେ ଆଜି ବାଲେଶ୍ୱରର ଆତିଥ୍ୟ ଭବନରେ 'ବିଶ୍ୱ ତମାଖୁ ବର୍ଜନ ଦିବସ' ପାଳିତ ହୋଇଯାଇଛି । ସଭାପତି ସଭା ଆରମ୍ଭରେ ସମସ୍ତଙ୍କୁ ସ୍ୱାଗତ କରିବା ସହ ଆଜି ଦିବସର ଆଭିମୁଖ୍ୟ ଓ 'ମନା' ଦୀର୍ଘଦିନ ଧରି ଏ ଦିଗରେ କାର୍ଯ୍ୟ କରିଆସୁଥିବା କଥା ପ୍ରକାଶ କରିଥିଲେ । 'ମନା'ର ସାଧାରଣ ସଂପାଦିକା ମମତା ମହାପାତ୍ର ମ□ାସୀନ ଅତିଥିମାନଙ୍କର ପରିଚୟ ପ୍ରଦାନ କରିବା ସହିତ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଆହ୍ୱାନ ଉପରେ ଗୁରୁତ୍ୱ ଦେବାପାଇଁ ମତ ରଖିଥିଲେ ।

ମୁଖ୍ୟଅତିଥି ରୂପେ ବାଲେଶ୍ୱରର ପୂର୍ବତନ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମିନାକ୍ଷୀ ରାୟ ଯୋଗଦେଇ ପିଲାମାନଙ୍କୁ ତମାଖୁର ଶରୀର ଉପରେ ପ୍ରଭାବ ଓ ତା'ର ଭୟାବହ ପରିଣତି ବିଷୟରେ ବୁଝାଇଥିଲେ । ଆମ ଆଗରେ ବହୁ ଲୋଭନୀୟ ପଦାର୍ଥ ଆସିବ, ମାତ୍ର ନିଜକୁ ସଂଯତ କରି ସେଥିରୁ ନିବୃ□ ରହିବା ଆମର କ□ବ୍ୟ ହେବା ଉଚିତ ବୋଲି ପିଲାମାନଙ୍କୁ ଉପଦେଶ ଦେଇଥିଲେ । 'ମନା'ର ବରିଷ୍ଠ ଉପଦେଷ୍ଟା ତଥା ରୋଟାରିୟାନ୍




ସୁବ୍ରତ କର ତାଙ୍କ ବକ୍ତବ୍ୟରେ ସରକାରଙ୍କର ନୀତି ଓ ସମାଜରେ ତା'ର ପ୍ରଭାବ ଉପରେ ଆଲୋଚନା କରିବା ସଙ୍ଗେସଙ୍ଗେ ସରକାର ଓଡ଼ିଶାକୁ ନିଶାମୁକ୍ତ କରିବା ପାଇଁ ଉଦ୍ୟମ କରିବାର ଆବଶ୍ୟକତା ଅଛି ବୋଲି ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ତଥା ସିଦ୍ଧି ବିନାୟକ ପବ୍ଲିକ୍ ସ୍କୁଲ୍‌ର ଅଧ୍ୟକ୍ଷ ସୁଧାଂଶୁ ଶେଖର ପଣ୍ଡା ତାଙ୍କ ବକ୍ତବ୍ୟରେ ଆମେ ସମସ୍ତେ ପୃଥିବୀକୁ ବଦଳାଇ ପାରିବା ନାହିଁ, କିନ୍ତୁ ନିଜ ପୃଥିବୀକୁ ଚେଷ୍ଟାକଲେ ବଦଳାଇ ପାରିବା ବୋଲି ମତ ରଖିଥିଲେ । ଅନ୍ୟତମ ବକ୍ତା ଡ. କ୍ଷିତୀଶ୍ୱର ଦାଶ ସ୍କୁଲ୍‌ମାନଙ୍କରେ ସଚେତନତା କାର୍ଯ୍ୟକ୍ରମ କରିବା ସଂଗେସଂଗେ ପିଲାମାନଙ୍କୁ ତମାଖୁ ସେବନରୁ ଦୂରେଇ ରହିବାପାଇଁ ଉପଦେଶ ଦେଇଥିଲେ । 'ମନା'ର ଉପସଭାପତି ସୁଶ୍ରୀ ଅର୍ଚ୍ଚନା ନନ୍ଦୀ ତମାଖୁ ସେବନର କୁପ୍ରଭାବ ଉପରେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ସିଦ୍ଧି ବିନାୟକ ପବ୍ଲିକ୍ ସ୍କୁଲ୍‌ର ଛାତ୍ରଛାତ୍ରୀ ଋଷିକା ପଣ୍ଡା, ସ୍ୱସ୍ତିକା କୁମାରୀ ସାହୁ, କାବ୍ୟା ପଣ୍ଡା, ଆଶୁତୋଷ ଶତପଥୀ, ଗୀତାଞ୍ଜଳି ମହାପାତ୍ର ଓ ଜ୍ୟୋତିଶ୍ରୀ ଜେନା ନିଶା ବର୍ଜନ ଉପରେ ନିଜନିଜର ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ଗୀତାଞ୍ଜଳି ସିଂହ, ପ୍ରଫୁଲ୍ଲ କୁମାର ଦାସ, ରବି କୁମାର ପାଣିଗ୍ରାହୀ, ଶୁଭଙ୍କର ମହାପାତ୍ର, ଅକ୍ଷୟ କୁମାର ତ୍ରିପାଠୀ, ପ୍ରଭାକର ସାହୁ (ଖ), ଡ. ଦୟାନିଧି ମହାପାତ୍ର, ରମେଶ ଚନ୍ଦ୍ର ଜେନା, ପଦ୍ମଲୋଚନ ଦ□, ଭାସ୍କର ମିଶ୍ର, ଭାରତୀ ପଣ୍ଡା, ଶଶାଙ୍କ ଶେଖର ଦ□, କ୍ରୀଷ୍ଣା ସାହା, କଲ୍ୟାଣୀ ନନ୍ଦ, କ୍ରିଷ୍ଣା ପ୍ରଧାନ, ଶାନ୍ତି ବିସି, ସୁବ୍ରତା ମହାନ୍ତି, ସ୍ନେହଲତା ପତି, ବାସନ୍ତୀ ଦେ, ପ୍ରଶାନ୍ତି ସାହୁ, ପ୍ରଭୁଦ□ ସାହୁ, ଗଙ୍ଗାଧର ପୃଷ୍ଟି, ଯୋଗେଶ ଚନ୍ଦ୍ର ପ୍ରଧାନ, ବେଣୁଧର ସାହୁ, ମହମ୍ମଦ ଇସଲାମ୍, ଶଚୀନ୍ଦ୍ର ଦାସ, କମଳାକାନ୍ତ ନାୟକ, ଶରତ ସାହୁ, ବସନ୍ତ ପ୍ରଧାନ, ସଞ୍ଜୟ ପଣ୍ଡା, ପ୍ରତିମା ପରିଡ଼ା, ଶରତ ପଣ୍ଡା, ପ୍ରବାଳ ସିହ୍ନା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଗୌରାଙ୍ଗ ପାଣିଗ୍ରାହୀ ମ□ଆହ୍ୱାନ କରିଥିବାବେଳେ ଡ. କେଶବ ଚରଣ ପଣ୍ଡା ବେଦପାଠ କରିଥିଲେ ଓ ସରସ୍ୱତୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ହରପ୍ରିୟା ମାଉସୀଙ୍କ କର୍ମ ପାଇଁ ନବଜ୍ୟୋତି ପଟ୍ଟନାୟକଙ୍କ ଆର୍ଥିକ ସହାୟତା

ବାଲେଶ୍ୱର (ନି.ପ୍ର.) ଗତ ୨୨ ତାରିଖ ଦିନ ମାଣିଖମ୍ବ ଅଂଚଳର ହରପ୍ରିୟା ଦେ ତଥା ବାଲେଶ୍ୱର ସହରର ଜଣେ ପରିଚିତ ବ୍ୟକ୍ତିତ୍ୱ ହର ମାଉସୀଙ୍କ ଦେହାନ୍ତ ଘଟିଥିଲା । ମୃତ୍ୟୁ ବେଳକୁ ହରପ୍ରିୟା ମାଉସୀଙ୍କ ବୟସ ୯୦ ବର୍ଷ ପହଂଚିଥିଲା । ବୟସର ଅପରାହ୍ନରେ ପହଂଚିଥିଲେ ମଧ ସେ ନିଜେ ଏକ ଛୋଟ ପାନ ଦୋକାନ କରି ନିଜର ଗୁଜୁରାଣ ମେ[ାଉଥିଲେ, କାହା ଉପରେ ନିର୍ଭରଶୀଳ ନଥିଲେ । ତାଙ୍କର ଜଣେ ସ୍ୱାଭିମାନ, ଧୈର୍ଯ୍ୟ ଓ ପରିଶ୍ରମ ଆଗାମୀ ପିଢ଼ିଙ୍କୁ ପ୍ରେରଣା ଯୋଗାଇବ ନିଶ୍ଚୟ । ତାଙ୍କର ଏକାଦଶାହ ପରିପ୍ରେକ୍ଷୀରେ ଯୁବନେତା ନବଜ୍ୟୋତି ପଟ୍ଟନାୟକଙ୍କ ତରଫରୁ ଆର୍ଥିକ ସହାୟତା ହରପ୍ରିୟା ମାଉସୀଙ୍କ ପରିବାରକୁ ଯୋଗାଇ ଦିଆଯାଇଛି । ଆଜି ତାଙ୍କ ଏକାଦଶାହ ରେ ପ୍ରଦେଶ ଛାତ୍ର କଂଗ୍ରେସର ପୂର୍ବତନ ଉପସଭାପତି ଗୌତମ ସାହୁଙ୍କ ସମେତ ବାଲେଶ୍ୱର ଛାତ୍ର କଂଗ୍ରେସର କର୍ମୀ ନବପ୍ରସାଦ ଭୂୟାଁ, ଆଲୋକ ମାଝୀ, ସୌରଭ ବେହେରା ଓ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ର କଂଗ୍ରେସ ନେତା ଅମ୍ରିତ ସ୍ୱନ୍ଦନ ବେହେରା ଓ ବିଶ୍ୱରଞ୍ଜନ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ନବଜ୍ୟୋତି ପଟ୍ଟନାୟକଙ୍କ ତରଫରୁ ସହାୟତା ରାଶି ପ୍ରଦାନ କରିଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ହରପ୍ରିୟା ମାଉସୀଙ୍କ ନିକଟରେ ସରକାରୀ ଘର ଖଣ୍ଡେ ମିଳି ନଥିବାରୁ ମୁଣ୍ଡ ଗୁଞ୍ଜିବାକୁ ଯେତେବେଳେ ସେ ଦହଗଞ୍ଜ ହେଉଥିଲେ, ଏ ସଂକ୍ରାନ୍ତରେ ନବଜ୍ୟୋତି ପଟ୍ଟନାୟକ ଖବର ପାଇ ଛାତ୍ର କଂଗ୍ରେସ କର୍ମୀଙ୍କ ଦ୍ୱାରା ହରପ୍ରିୟା ମାଉସୀଙ୍କ ପାଇଁ ଏକ ଆଜବେଷ୍ଟସ ଘର ତିଆରି କରାଇ ଦେଇଥିଲେ ।



## ଫକୀରମୋହନ ସାହିତ୍ୟ ପରିଷଦ ପକ୍ଷରୁ ପାଳିତ ହେଲା କବି ବ୍ରଜନାଥ ରଥଙ୍କର ଦ୍ୱାଦଶ ପୁଣ୍ୟତିଥି

ବାଲେଶ୍ୱର,(ନି.ପ୍ର.) : ପ୍ରଥିତଯଶା କବି ତଥା ମାନବୀୟ ମୂଲ୍ୟବୋଧର ଅନନ୍ୟ ସ୍ରଷ୍ଟା କବି ଡ଼କ୍ଟର ବ୍ରଜନାଥ ରଥଙ୍କର ଦ୍ୱାଦଶ ପୁଣ୍ୟତିଥି କବିତୀର୍ଥ ଶାନ୍ତି କାନନରେ ପାଳିତ ହୋଇଯାଇଛି । ବିଶିଷ୍ଟ କବି ଡ଼କ୍ଟର ମନୋରମା ବିଶ୍ୱାଳ ମହାପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କହିଲେ ଯେ କବି ରଥଙ୍କର କବିତା ମୋ ଭଳି ନୂଆ ଲେଖୁଥିବା ସେ ବେଳର କବିଙ୍କ ପାଇଁ ଥିଲା ଗୀତା ଭାଗବତ । ସେ ଆହୁରି କହିଲେ ଯେ କବି ବ୍ରଜନାଥ ସତରେ ଥିଲେ ଓଡ଼ିଆ ସାରସ୍ୱତ ଜଗତର ଏନସାଇକ୍ଲୋପେଡ଼ିଆ ବା ଶବ୍ଦକୋଷ । କାରଣ ଯେତେବେଳେ ଯେଉଁ ପୁସ୍ତକ, ପତ୍ରିକା ବା ଲେଖକଙ୍କ ସମ୍ପର୍କରେ କିଛି ତଥ୍ୟ ଆବଶ୍ୟକ ପଡେ କବି ରଥଙ୍କ ପାଖରୁ ସହଜରେ ଉପଲବ୍ଧ ହେଉଥିଲା । ସେ ଥିଲେ ମୋର ସାରସ୍ୱତ ସାଧନାର ଅନନ୍ୟ ପ୍ରେରଣା । ଏଥିରେ ମୁଖ୍ୟ ବକ୍ତା ଭାବରେ ଯୋଗଦେଇ କବି ରଥଙ୍କର ପୁତ୍ରପ୍ରତିମ ସାରସ୍ୱତ ସାଧକ କବି ଡ଼କ୍ଟର କାଳିକିଙ୍କର ଦାସ କବି ରଥଙ୍କର ଜୀବନ ସଂଗ୍ରାମ ଓ ସାରସ୍ୱତ



ଯାତ୍ରା ସମ୍ପର୍କରେ ବହୁ ଉପାଦେୟ ତଥ୍ୟ ଉପସ୍ଥାପନ କଲେ । ସେ କହିଲେ ଯେ କବି ବ୍ରଜନାଥ ରଥ ଥିଲେ ମାନବୀୟ ମୂଲ୍ୟବୋଧ ଓ ମାନବବାଦର ସ୍ୱତନ୍ତ୍ର ସ୍ରଷ୍ଟା । ସଂସାରର ଦୁଃଖ, ଦୈନ୍ୟ, ଅନ୍ୟାୟ, ଅତ୍ୟାଚାରକୁ ତାଙ୍କ କବିତା ମାଧ୍ୟମରେ ପରିପ୍ରକାଶ କରି ସୁନ୍ଦର ସଂସାରର ସ୍ୱପ୍ନ ନିର୍ମାଣ କରୁଥିଲେ । ପରିଷଦର ସମ୍ପାଦକ ଡ଼କ୍ଟର ରତ୍ନାକର ସିଂହ କବି ରଥଙ୍କର ସମସ୍ତ କୃତି ଓ ସମ୍ମାନ ସବୁର ବିଶେଷ ବିବରଣୀ ପ୍ରଦାନ କରିବା ସହ ସେ ଯେ ବ୍ୟାସକବି ଫକୀରମୋହନଙ୍କର ଯଥାର୍ଥ ଦାୟାଦ ବୋଲି ଉଲ୍ଲେଖ କରିଥିଲେ । ପରିଷଦର ସଭାପତି ଡ଼କ୍ଟର ସୁବାସ ଚନ୍ଦ୍ର ପାତ୍ର କବି ରଥଙ୍କ ସହିତ ତାଙ୍କର ସମ୍ପର୍କକୁ ଉପସ୍ଥାପନ କରି କହିଲେ ଯେ ବ୍ରଜବାବୁ ଆମ ସାରସ୍ୱତ ସଂସାରର ଯଥାର୍ଥ ମୁରବୀ ଥିଲେ । ମନୋଜ ଦାସ ଓ ବ୍ରଜନାଥ ରଥଙ୍କର ବନ୍ଧୁତ୍ୱକୁ ସ୍ମରଣ କରି ଡ଼କ୍ଟର ପାତ୍ର କହିଲେ ଯେ ଜୀବନର ଯଥାର୍ଥ ଭଲପାଇବା ଓ ବନ୍ଧୁତ୍ୱର ମୂଲ୍ୟ ଏମାନଙ୍କ ସମ୍ପର୍କ ଦେଖିଲେ ବୁଝିହୁଏ । ପରିଷଦର ଯୁଗ୍ମ ସମ୍ପାଦକ ରାଜେଶ ଗିରି ମଂଚ ଆହ୍ୱାନ କରିଥିଲା ବେଳେ ଅନ୍ୟତମ ଯୁଗ୍ମ ସମ୍ପାଦିକା ଶ୍ରୀମତୀ କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ । ଶରତ କର ଓ ନୀଳିମା କର ଫାଉଣ୍ଡେସନର ସଭାପତି ଶୋଭନ କର ସମେତ ରବି ନାରାୟଣ ଦାଶ, କବି ବିମଳ ଜେନା, ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, କବି ହରିଶ୍ଚନ୍ଦ୍ର ବେହେରା, ଗାଳ୍ପିକା ପୁଷ୍ପାଞ୍ଜଳି ନାୟକ ଆଦି ବହୁ କବି, ଲେଖକ, ବୁଦ୍ଧିଜୀବୀ ଯୋଗ ଦେଇଥିଲେ । ବ୍ରଜନାଥ ରଥଙ୍କ ପରିବାରରୁ ତାଙ୍କ କନ୍ୟା ମନସ୍ୱିନୀ, ଓଜସ୍ୱିନୀ, ଜ୍ୱାଇଁ ମୃତ୍ୟୁଞ୍ଜୟ, ପୁତ୍ର ବ୍ୟୋମନାଥ, ବିଧୁନାଥ, ବ୍ରହ୍ମନାଥ, ପୁତ୍ରବଧୂ ଅନିତା, ସୌଭାଗିନୀ, ଅର୍ଚ୍ଚନା, ନାତୁଣି ଆନନ୍ଦିତା, ନାତୁଣୀ ଜ୍ୱାଇଁ ଅନୁରାଗ ଓ ନାତି ବହ୍ନିମାନ ସମେତ ଅଧିକାଂଶ ସଦସ୍ୟ ଯୋଗ ଦେଇଥିଲେ ।

# ନିଟ୍ ପ୍ରଶ୍ନପତ୍ର ପ୍ରଘଟ ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିରେ ପଥପ୍ରାନ୍ତ ସଭା

ବାଲେଶ୍ୱର,(ନି.ପ୍ର.): ଶିକ୍ଷା ସୁରକ୍ଷା ମ□ ପକ୍ଷରୁ ଚଳିତ ବର୍ଷ ନିଟ୍ ପରୀକ୍ଷାରେ ପ୍ରଶ୍ନପତ୍ର ପ୍ରଘଟ କାରଣରୁ ପରୀକ୍ଷାକୁ ବାତିଲ କରିବା ଘଟଣାକୁ ନେଇ ଗତ ୯ ଦିନ ଧରି ବାଲେଶ୍ୱର ସହରର ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହେଉଛି । ୧୦ମ ଦିନ ଶନିବାର ସନ୍ଧ୍ୟାରେ ବିଚାରଗଞ୍ଜ ଛକ ପାର୍ଶ୍ୱରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ବାଲେଶ୍ୱର ଓକିଲ ସଂଘର ସଭାପତି ମନୋଜ ନାୟକ, ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଜିଲ୍ଲା ସଂପାଦକ ଭାଗବତ ପ୍ରତିହାରୀ, ସମାଜସେବୀ ସଲିମ୍ ରାଜା, ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀ, ଆଇନଜୀବୀ ମହମ୍ମଦ ଇସଲାମ, ନାରୀନେତ୍ରୀ ମିନତୀ ସେଠୀ, ଜ୍ୟୋସ୍ନା ସେନାପତି ଓ ବନ୍ଦନା ବିଶ୍ୱାସଙ୍କ ସମେତ ମ□ର ଅନ୍ୟତମ ଆବାହକ ପ୍ରତିମା ପଣ୍ଡା ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ଏକ ଜାତୀୟସ୍ତରର ପରୀକ୍ଷାରେ ଦେଶର ପ୍ରାୟ



୨୩ ଲକ୍ଷ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାର କହିଥିଲେ । ଏହି ପ୍ରଶ୍ନପତ୍ର ପ୍ରଘଟ କାରଣରୁ ୩୨ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ଘଟଣାରେ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ସେମାନେ ଦାବି କରିଥିଲେ । ପ୍ରଶ୍ନପତ୍ର ପ୍ରସ୍ତୁତି ଓ ପରୀକ୍ଷା ପରିଚାଳନାରେ ଥିବା ସମସ୍ତ ବ୍ୟକ୍ତିଙ୍କୁ ଗିରଫ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଓ ପୁନଶ୍ଚ ଏହି ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ନହେବା ନିମି□ କେନ୍ଦ୍ରସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଘୋଷଣା କରିବାକୁ ବକ୍ତାମାନେ ଦାବି କରିଥିଲେ । ଡାକ୍ତର ହେବାପାଇଁ ଆଶା କରି ଅକ୍ଳାନ୍ତ ପରିଶ୍ରମ କରୁଥିବା ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକମାନଙ୍କ ମାନସିକତାକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ବିଚାରକୁ ନିଅନ୍ତୁ ବୋଲି ସେମାନେ କହିଥିଲେ । ପଥପ୍ରାନ୍ତ ସଭାରେ ରଘୁନାଥ ଲେଙ୍କା ସଂଯୋଜନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ଜ୍ୟୋତିରଞ୍ଜନ ବାରିକ, ଯଦୁନାଥ ସେଠୀ, ଶଙ୍ଖ ମାରାଣ୍ଡି, ମଦନ ଜେନା, ପ୍ରସନ୍ନ ପାତ୍ର, ସେକ୍ ଲତିଫ୍, କୁନ୍ଦନ ଦାସ, ଶ୍ୟାମ ସୁନ୍ଦର ଜେନା, ଭରତ ଚନ୍ଦ୍ର ସେଠୀ, ଗୌତମ ଦାସ ଓ ଏସ୍.କେ. ତାଲିବ ପ୍ରମୁଖ ଉପସ୍ଥିତ ଥିଲେ । ରବିବାର ଦିନ ସକାଳେ ନୂଆ ବଜାରରେ ଶିକ୍ଷା ସୁରକ୍ଷା ମ□ ପକ୍ଷରୁ ପ୍ରଚାରପତ୍ର ବ□ନ କରାଯାଇଛି ।

## ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ

ବାଲେଶ୍ୱର,(ନି.ପ୍ର.)ଆଜି ସକାଳ ଘ: ୭.୦୦ ଟିକା ସମୟରେ ବାଲେଶ୍ୱର ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଟରେ ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ବାଲେଶ୍ୱର ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୧୬୭ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ । ସେଥି ମଧ୍ୟରୁ ୧୩୦ ଗୋଟି ବ୍ୟକ୍ତିଗତ ଏବଂ ୧୮ ଗୋଟି ସାମୁହିକ ଅଭିଯୋଗ ସମ୍ପର୍କିତ ହୋଇଥିବା ବେଳେ ୧୯ ଗୋଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ନିମନ୍ତେ ଆବେଦନ କରିଥିଲେ ଓ ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ



୨୭ ଗୋଟି ଅଭିଯୋଗର ତତକାଳ ସମାଧାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ, ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ, ବାଲେଶ୍ୱର, ଶ୍ରୀଯୁକ୍ତ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ ସିଂ, ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀଯୁକ୍ତ ସଞ୍ଜୟ କୁମାର ରାଉତ, ଉପ ଜିଲ୍ଲାପାଳ, ବାଲେଶ୍ୱର, ଶ୍ରୀଯୁକ୍ତ ଶିବ ମାଲବ୍ୟ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଡ. ପ୍ରଭାତ କୁମାର ବେହେରା, ସଦର ବିଡିଓ ଶ୍ରୀଯୁକ୍ତ ଉତମ କୁମାର ଜେନା, ସଦର ତହସିଲଦାର ଶ୍ରୀଯୁକ୍ତ ଅନିଲ କୁମାର ମହାନ୍ତି, ନିର୍ବାହୀ ଅଧିକାରୀ, ବାଲେଶ୍ୱର ପୌରପାଳିକା ଶ୍ରୀଯୁକ୍ତ ଶିରୀୟାଲ ଶୁଭ୍ର ପଟେଲଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

# ପ୍ରଶାସନ ପକ୍ଷରୁ ଜନଜାଗରଣ ପାଇଁ ଏସଆଇଆର ରଥ ସହରରେ ବୁଲିଲା

ବାଲେଶ୍ୱର, (ନି.ପ୍ର.) ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସମ୍ପର୍କରେ ବ୍ୟାପକ ସୂଚନା ପ୍ରଦାନ ଉଦ୍ଦେଶ୍ୟରେ ଆଜି ଦିନ ୧.୦୦ ଘଟିକା ସମୟରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଝଓଜ) ସଚେତନତା ଅଭିଯାନ ରଥର ଶୁଭାରମ୍ଭ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଆରମ୍ଭ କରାଯାଇଛି । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ତପନ କୁମାର ଖୁ[ିଆଙ୍କ



ସମେତ ଜିଲ୍ଲା ପ୍ରଶାସନର ବହୁ ବରିଷ୍ଠ ଅଧିକାରୀ, ବିଭିନ୍ନ ବିଭାଗର କର୍ମକର୍ତା ମାନେ ଉପସ୍ଥିତ ଥିଲେ । ଅତିଥିମାନେ ସବୁଜ ପତାକା ପ୍ରଦର୍ଶନ କରି ସଚେତନତା ରଥକୁ ଉଦ୍ ?ଘାଟନ କରିଥିଲେ ।

## ବାଲେଶ୍ୱରରେ ଜିଲ୍ଲା ପ୍ରଶାସନ ଓ ଓରମାସ୍ ପକ୍ଷରୁ ଆରମ୍ଭ ହେଲା 'ଗାଁ ଆମ୍ବ ପସରା'

ବାଲେଶ୍ୱର,(ନି.ପ୍ର.)): ବାଲେଶ୍ୱରରେ 'ଓରମାସ' ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଗାଁ ଆମ୍ବର ପ୍ରଚାର ପ୍ରସାର ସହ ଓଡିଶାର ଆମ୍ବ ଚାଷୀମାନଙ୍କୁ ସିଧାସଳଖ ବଜାର ସୁବିଧା ଯୋଗାଇବା ଏବଂ ଗ୍ରାହକମାନଙ୍କୁ ସୁଲଭ ମୂଲ୍ୟରେ ଉନ୍ନତ ମାନର ଆମ୍ବ ଯୋଗାଇବା ଉଦ୍ଦେଶ୍ୟରେ ବାଲେଶ୍ୱର ସ୍ଥିତ ମିଶନ ଶକ୍ତି ବଜାର ପ୍ରାଙ୍ଗଣରେ 'ଗାଁ ଆମ୍ବ ପସରା' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହା ଗତ ମେ ୨୨ ତାରିଖରୁ ଆରମ୍ଭ ହୋଇଛି ଏବଂ ଆଗାମୀ ଜୁନ୍ ୧୫ ତାରିଖ ପର୍ଯ୍ୟନ୍ତ ଖୋଲା ରହିବ ବୋଲି ଜଣାପଡିଛି । 'ଓରମାସ'ର ଉପ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶାନ୍ତନୁ ବାନାର୍ଜୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଖୁବ୍ ଭଲରେ ସମ୍ପାଦନ ହେଉଛି । ଓଡିଶାର ଗ୍ରାମୀଣ ଚାଷୀମାନଙ୍କୁ ଉପଯୁକ୍ତ ବଜାର ସୁବିଧା ଯୋଗାଇବା ଦିଗରେ ଗାଁ ଆମ୍ବ ପସରା ଏକ ଉଲ୍ଲେଖନୀୟ ପଦକ୍ଷେପ । ଏଥିରେ ବାଲେଶ୍ୱର ଜିଲ୍ଲା ସମେତ ବିଭିନ୍ନ ଜିଲ୍ଲାରୁ ଅଣାଯାଇଥିବା ସୁନ୍ଦରୀ, ଦଶେରୀ, ଲେଙ୍ଗଡ଼ା, ଗୋପାଳ ଭୋଗ, ରାଜ ଭୋଗ, ଆମରପଲ୍ଲୀ ଓ ବାଇଗଣ ପଲ୍ଲେଇ ଭଳି ବିଭିନ୍ନ ପ୍ରଜାତି ଅନୁଯାୟୀ କିଲୋଗ୍ରାମ ପିଛା ୬୦ ଟଙ୍କାରୁ ୧୦୦ ଟଙ୍କା ମଧ୍ୟରେ ମୂଲ୍ୟ ଧାର୍ଯ୍ୟ କରାଯାଇ ବିକ୍ରି ହେଉଛି । ବାଲେଶ୍ୱର ଜୀବିକା ପ୍ରଡୁସର କମ୍ପାନୀ ଲିମିଟେଡ଼ ଏବଂ ନୀଳଗିରି କୃଷକ ଉତ୍ପାଦକ କମ୍ପାନୀ ଲିମିଟେଡ଼ର ସହଯୋଗରେ ଏହି ଆମ୍ବ ପସରା ପରିଚାଳିତ ହେଉଛି ।





## ଜଙ୍ଗଲ ଜମିରୁ ମାଟି ଉଠାଇବା ଘଟଣା : ୬ ଅଭିଯୁକ୍ତଙ୍କ ନାମରେ ମାମଲା ରୁଜୁ

ନୀଳଗିରି(ନିପ୍ର): ୨୮ତାରିଖ ରାତିରେ ସଂରକ୍ଷିତ ଜଙ୍ଗଲ ଜମିରେ ରାସ୍ତା ନିର୍ମାଣକୁ ନେଇ ଜଣେ ମହିଳା ଫରେଷ୍ଟ ଗାର୍ଡଙ୍କୁ ସ୍ଥାନୀୟ ବାସିନ୍ଦା ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଥିବା ନେଇ ଗାର୍ଡ ଜଣଙ୍କ ନୀଳଗିରି ଥାନାରେ ଅଭିଯୋଗ ପରେ ୬ଅଭିଯୁକ୍ତଙ୍କ ନାଁ ରେ ମାମଲା ରୁଜୁ କରିଛ ପୋଲିସ । ଓପର ପକ୍ଷ ଉକ୍ତ ଗ୍ରାମର ଜୈନ କ ମହିଳା ଙ୍କୁ ସ୍ୱ ସମ୍ମୁଖରେ ଜାତି ଉଠେଇ କି ଗାଳି ଦେବା ଓ ମାଡ଼ମାରି କୁ ନେଇ ଥାନାରେ ଅଭିଯୋଗ ପରେ ଗାର୍ଡ ନାଁ ପୋଲିସ ୨ମାମଲା ରଜୁ କରି ତଦନ୍ତ କରୁଥିବା ପୋଲିସ ସୂତ୍ର ରୁ ପ୍ରକାଶ । ଅଭିଯୋଗ ଅନୁଯାୟୀ ନୀଳଗିରି ବନ ବିଭାଗ ଅଧୀନ ଧୋବିଶିଳା ସଂରକ୍ଷିତ ଜଙ୍ଗଲରୁ ଟ୍ରାକ୍ଟର ଯୋଗେ ମାଟି ଉଠାଇ ଧୋବିସିଳା ପଂଚାୟତ ୯ ନମ୍ବର ୱାର୍ଡ ରାବିଡ଼ି ସାହିରୁ ଡାହିସାହିକୁ ରାସ୍ତା ନିର୍ମାଣ କରାଉଥିଲେ ସ୍ଥାନୀୟ ଗ୍ରାମବାସୀ । ହେଲେ ନିର୍ମାଣ ହେଉଥିବା ରାସ୍ତାଟି ସଂରକ୍ଷିତ ଜଙ୍ଗଲ ଓ ଗ୍ରାମ୍ୟ ଜଙ୍ଗଲ ଅଂଚଳରେ ଥିବାରୁ ଫରେଷ୍ଟ ଗାର୍ଡ ବବିସ୍ମିତା ସାହୁ ଏହାକୁ ରୋକିବାକୁ ଯାଇଥିଲେ । ହେଲେ ଗ୍ରାମର ୬ଜଣ ଲୋକ ତାଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ କରିଥିବା ସେ ଅଭିଯୋଗ କରିଛନ୍ତି । ଅପରପକ୍ଷରେ କଇଁଥପଦା ଗାଁ ର ସର୍ବେଶ୍ୱର ସିଂ ର ସ୍ତ୍ରୀ ସାବିତ୍ରୀ(୩୨)ଅଭିଯୋଗ କରିଛନ୍ତି ଯେ ରାସ୍ତା କାର୍ଯ୍ୟ ନିର୍ମାଣଚାଲି ଥିଲା ବେଳେ ଫରେଷ୍ଟ ଗାର୍ଡବବିସ୍ମିତା ସାହୁ ପହଁଚି ଗ୍ରାମ ବାସୀଙ୍କ ଉପସ୍ଥିତ ରେ ସାବିତ୍ରୀ ଙ୍କୁ ଜାତି ଉଠାଇ ଅଶ୍ଳିଳ ଭାଷା ରେ ଗାଳି ଗୁଳଜ କରିବା ସହିତ ମାଡ଼ ମାରିଥିବା ନେଇ ଅଭିଯୋଗ କରିଛନ୍ତି । ତେବେ ଡାହିସାହିକୁ ଏଯାଏ ରାସ୍ତା ନଥିବାରୁ ଗ୍ରାମକୁ ଆମ୍ବୁଲାନ୍ସ ଟିଏ ଯାଇ ପାରୁ ନାହିଁ କି ବର୍ଷା ଦିନେ ସ୍କୁଲ, ଅନଗଂୱାଡି ପିଲା ଯାତ୍ରା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଉକ୍ତ ଅଂଚଳ ଜଙ୍ଗଲ ଜମିରେ ଯାଉଥିବାରୁ ରାସ୍ତା ନିର୍ମାଣ ହେଇପାରୁନି । ଏନେଇ ପ୍ରଶାସନକୁ ବାରମ୍ବାର ଜଣାଇବା ପରେ ବି କିଛି ପଦକ୍ଷେପ ନିଆଯାଉନି । ତେଣୁ ବାଧ ହୋଇ ଆମେ ନିଜ ଉଦ୍ୟମରେ ରାସ୍ତା ନିର୍ମାଣ କରୁଥିଲୁ ବୋଲି କହି ଛନ୍ତି । ଦେଖି ବାକୁ ବାକି ରହିଲା ପ୍ରକୃତରେ ସତ କିଏ କହୁଛି । ପୋଲିସ ତଦନ୍ତ କାହା ଆଡ଼କୁ ଯାଉଛି ବୋଲି ସାଧାରଣ ରେ ଚର୍ଚ୍ଚା ହେଉଛି ।

## ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ



ଖୋର୍ଦ୍ଧା(ନିପ୍ର): ସୋମବାର ପୂର୍ବାହ୍ନରେ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଅମ୍ରିତ୍ ଋତୁରାଜ ଏବଂ ନୂତନ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିବା ଆରକ୍ଷୀ ଅଧିକ୍ଷକ ପାରମାଣିକ ସ୍ମିତ୍ ପୁରୁଷୋତମ ଦାସଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ଶିବିରରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ପ୍ରତାପ ଚନ୍ଦ୍ର ବେଉରା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଜ୍ୟୋତି ଶଙ୍କର ସାହୁ, ଉପଜିଲ୍ଲାପାଳ, ଖୋର୍ଦ୍ଧା ସଂକଳ୍ପ ସ୍ୱସ୍ତିକ ସାହୁ, ଆସିଷ୍ଟାଂଟ କଲେକ୍ଟର, ଅଭିଯୋଗ, ଭୁବନେଶ୍ୱରୀ କଅଁର, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଶ୍ରୀତପା ମିଶ୍ର, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ ପ୍ରମୁଖ ଆଜିର ଏହି ପ୍ରଶାସନିକ ଜନ ଅଭିଯୋଗ ଶିବିରରେ ଯୋଗଦେଇ ଜନସାଧାରଣ ମାନଙ୍କ ବିଭିନ୍ନ ଆପତି ଅଭିଯୋଗ ଗୁଡ଼ିକର ଶୁଣାଣିରେ ଜିଲ୍ଲାପାଳଙ୍କୁ ସହଯୋଗ ପ୍ରଦାନ କରିଥିଲେ । ଆଜିର ଅଭିଯୋଗ ଶିବିରକୁ ମୋଟ ୮୫ ଗୋଟି ଅଭିଯୋଗ ଆସିଥିବା ବେଳେ ତନ୍ମଧ୍ୟରୁ ୭୩ ଗୋଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୧୨ ଗୋଟି ଗ୍ରାମୀଣ ସମସ୍ୟା ଜନିତ ଅଭିଯୋଗଥିଲା । ଜିଲ୍ଲାପାଳ ଅଭିଯୋଗ ଶିବିରରେ ୧୪ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରିଥିଲେ । ଜିଲ୍ଲାପାଳ ଋତୁରାଜ ଚିକିତ୍ସା ନିମନ୍ତେ କୁମାଣ୍ଡୋଳା ଗ୍ରାମ ପଂଚାୟତ, ବାଣପୁର ବ୍ଲକ୍‌ର ଅଭିଯୋଗ କାରୀ ମଞ୍ଜୁ ବେହେରାଙ୍କୁ କର୍କଟ ରୋଗ ଚିକିତ୍ସା ନିମନ୍ତେ ୧୫ ହଜାର ଏବଂ ଗୁରୁଜଙ୍ଗା ଗ୍ରାମ ପଂଚାୟତ, ଖୋର୍ଦ୍ଧା ବ୍ଲକର ଛବି ଦାସଙ୍କୁ ଆତ୍ମ ନିଯୁକ୍ତି ନିମନ୍ତେ ୧୫ ହଜାରକୁ ନେଇ ମୋଟ ୩୦ ହଜାର ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସହାୟତା ରାଶି ପ୍ରଦାନ କରିଥିଲେ । ଅନ୍ୟ ସମସ୍ତ ଅଭିଯୋଗ ଗୁଡ଼ିକୁ ବିଭାଗୀୟ ଅଧିକାରୀ ମାନେ ଯତ୍ନବାନ ହୋଇ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଜନଶୁଣାଣି ଶିବିରରେ ବିଭିନ୍ନ ବିଭାଗର ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଲାଇନ୍ ଡିପାର୍ଟମେଂଟ ଅଧିକାରୀ, ସମସ୍ତ ବି ଡି ଓ, ତହସିଲଦାର, ଜନ ପ୍ରତିନିଧି ବୃନ୍ଦ ଓ ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗ ଦେଇଥିଲେ ।

## ମୁଖ୍ୟମନ୍ତ୍ରୀଙ୍କ ଶିଳାନ୍ୟାସକୁ ବର୍ଷେ : ଶେଷ ସ୍ୱାଧୀନ ରାଜାଙ୍କ ପୀଠରେ ଉନ୍ନତି ଧିମାଉଛି



ଧାମନଗର(ନିପ୍ର): ଓଡ଼ିଶାର ଶେଷ ସ୍ୱାଧୀନ ରାଜା ଗଜପତି ମୁକୁନ୍ଦଦେବଙ୍କ ବୀରତ୍ୱ ଓ ଆତ୍ମବଳିଦାନର ମୂକସାକ୍ଷୀ ଐତିହାସିକ ଗୋହିରାଟିକିରି ପୀଠ ଆଜି ବି ବିକାଶ ପାଇଁ ଚାତକ ଭଳି ଚାହିଁ ରହିଛି । ଗତ ବର୍ଷ ଜୁନ୍ ୨ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଭଦ୍ରକ ସହର ଉପକଣ୍ଠ ରାହାଞ୍ଜ ନିକଟ ରମ୍ଭିଳାଠାରେ ଆୟୋଜିତ ଏକ ଭବ୍ୟ ସଭାରେ ପ୍ରାୟ ୧୦ କୋଟି ଟଙ୍କାର ମୁକୁନ୍ଦଦେବ ସ୍ମାରକୀ ପାର୍କ ଓ ସୁବିଧା କେନ୍ଦ୍ରର ଶିଳାନ୍ୟାସ କରିଥିଲେ । ଖୁବଶୀଘ୍ର କାର୍ଯ୍ୟ ଆରମ୍ଭ ହେବାର ପ୍ରତିଶ୍ରୁତି ମଧ ମିଳିଥିଲା । ହେଲେ ଆଜି ଏହି ପ୍ରତିଶ୍ରୁତିର ବର୍ଷେ ପୂରିଥିଲେ ମଧ କାମ ୧୦ ପ୍ରତିଶତ ବି ଆଗେଇ ପାରିନାହିଁ । ସରକାରୀ ଆଡ଼ମ୍ବର ମଧରେ ଶିଳାନ୍ୟାସ ଶେଷ ହେଲା ସତ, କିନ୍ତୁ ବାସ୍ତବ ପ୍ରକଳ୍ପ ଏବେ ବି କାଗଜପତ୍ର ଓ ମନ୍ଥର ନୀତି ମଧରେ ଛନ୍ଦି ହୋଇ ରହିଛି । ମୁଖ୍ୟମନ୍ତ୍ରୀଙ୍କ ଶିଳାନ୍ୟାସ ପରେ ଗତ ନଭେମ୍ବର ୨୨ରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ ଏହି ପୀଠ ପରିଦର୍ଶନ କରି ଦୋବଲ କାଳୀପଡ଼ିଆ ସଭାରେ ଆଉ ୭ କୋଟି ଟଙ୍କାର ପ୍ରକଳ୍ପ ଘୋଷଣା କରିଥିଲେ । ପର୍ଯ୍ୟଟନ ବିଭାଗ ପକ୍ଷରୁ ୨.୪୬ କୋଟିରେ ସେନାପତିଆ ପୋଖରୀର ଉନ୍ନତିକରଣ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୫ କୋଟି ଟଙ୍କା ବ୍ୟୟରେ ଗବେଷଣା କେନ୍ଦ୍ର ଓ ଆର୍ଟ ଗ୍ୟାଲେରୀ ନିର୍ମାଣର ଯୋଜନା ରହିଥିଲା । ବର୍ଷକ ଭିତରେ ପ୍ରାୟ ୧୭ କୋଟି ଟଙ୍କାର ପ୍ରକଳ୍ପ ଘୋଷଣା ହୋଇଥିବା ବେଳେ ମିଳିଥିବା ସୂଚନା ମୁତାବକ, ଏଯାଏଁ ମାତ୍ର ୬ କୋଟି ଟଙ୍କାର ମଞ୍ଜୁରୀ ମିଳିଛି ଏବଂ କେବଳ ୫.୮୬ କୋଟି ଟଙ୍କାର କାର୍ଯ୍ୟାଦେଶ ଦିଆଯାଇଛି । ଚଳିତ ମାର୍ଚ୍ଚ ମାସରୁ ଯେନତେନ ପ୍ରକାରେ କାମ ଆରମ୍ଭ ହୋଇଥିଲେ ବି ଏହାର ଗତି ଅତ୍ୟନ୍ତ ନୈରାଶ୍ୟଜନକ । ପ୍ରକଳ୍ପର ପ୍ରସ୍ତାବ ଅନୁସାରେ ପୀଠରେ ଏକ ନୂତନ ପାଠାଗାର ନିର୍ମାଣ ହେବାର ଥିଲା । କିନ୍ତୁ ପ୍ରଶାସନ ପକ୍ଷରୁ ଏବେ ପୀଠରେ ଥିବା ଏକମାତ୍ର କଲ୍ୟାଣ ମଣ୍ଡପକୁ ପାଠାଗାରରେ ରୂପାନ୍ତରିତ କରିବାକୁ ସ୍ଥାନୀୟ ପ୍ରଶାସନ ଷଡ଼ଯନ୍ତ୍ର କରୁଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ସ୍ଥାନୀୟ ମୁସ୍ତଫାପୁର ପଂଚାୟତବାସୀଙ୍କ ମଧରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଧାମନଗର ବ୍ଲକ ଉପାଧ୍ୟକ୍ଷ ତଥା ସ୍ଥାନୀୟ ସମିତି ସଭ୍ୟ ଜଗବନ୍ଧୁ ପ୍ରଧାନ କହିଛନ୍ତି, କଲ୍ୟାଣ ମଣ୍ଡପଟି ଗ୍ରାମବାସୀଙ୍କ ବିଭିନ୍ନ ସାମାଜିକ କାର୍ଯ୍ୟରେ ବ୍ୟବହାର ହେଉଛି । ଏହାକୁ ନଷ୍ଟ ନ କରି ନୂଆ ପାଠାଗାର ନିର୍ମାଣ କରାଯାଉ । ୨୮ ନଭେମ୍ବର ୨୦୧୬ରେ ତତ୍କାଳୀନ ରାଜ୍ୟ ସରକାର ଗୋହିରାଟିକିରିକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦେଇଥିଲେ । ହେଲେ ୮ ବର୍ଷ ପରେ ବି ଏଠାରେ ଆଖିଦୃଶିଆ ପରିବର୍ତନ ହୋଇନାହିଁ । ପର୍ଯ୍ୟଟକଙ୍କ ପାଇଁ ରହଣି ସ୍ଥଳ, ବିଶ୍ରାମ ଗୃହ, ଶୌଚାଳୟ କିମ୍ବା ପାନୀୟ ଜଳର ସୁବିଧା ନାହିଁ । ବଣଭୋଜି ପାଇଁ ପିଣ୍ଡିଟିଏ ସୁଦ୍ଧା ନିର୍ମାଣ କରାଯାଇନାହିଁ । ପୀଠକୁ ସଂଯୋଗ କରୁଥିବା ଦୋବଲ ବଜାରରୁ ଗୋବିନ୍ଦାଗଡ଼ିଆ ଗେଙ୍ଗୁଟି ନଦୀବନ୍ଧ ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ଧାମନଗର ଦକ୍ଷିଣବାଡ଼ ଛକରୁ ଭଣ୍ଡାରିପୋଖରୀ ବ୍ଲକର କୁରିଗାଁ ହୋଇ ଆସିଥିବା କଂକ୍ରିଟ ରାସ୍ତାଟି ମଧ ବିପର୍ଯ୍ୟସ୍ତ ହୋଇପଡ଼ିଛି । ଓଡ଼ିଶା ଇତିହାସରେ ଗୋହିରାଟିକିରି ଏକ ସ୍ମରଣୀୟ ତଥା ସମ୍ବେଦନଶୀଳ ସ୍ଥାନ । ୧୫୬୮ ମସିହାରେ ଏହିଠାରେ ହିଁ ଓଡ଼ିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବ ଏବଂ ବଙ୍ଗର ସୁଲତାନଙ୍କ ମଧରେ ଶେଷ ଐତିହାସିକ ଯୁଦ୍ଧ ହୋଇଥିଲା, ଯେଉଁଠାରେ ଓଡ଼ିଶା ତାର ସ୍ୱାଧୀନତା ହରାଇଥିଲା । ଏହି ଐତିହାସିକ ପୀଠର ସୁରକ୍ଷା ଓ ବିକାଶ ଓଡ଼ିଆ ଅସ୍ମିତାର ପ୍ରତୀକ । ୟୁନେସ୍କୋ ପ୍ରତିନିଧି ଦଳ ମଧ ଏହି ପୀଠର ଗୁରୁତ୍ୱ ଅନୁଧ୍ୟାନ କରିସାରିଛନ୍ତି । ଏଭଳି ସ୍ଥିତିରେ ସରକାର ଓ ପ୍ରଶାସନ କେବଳ ଭାଷଣ ଓ ଶିଳାନ୍ୟାସରେ ସୀମିତ ନ ରହି ତୁରନ୍ତ ବାସ୍ତବ କାର୍ଯ୍ୟ ଶେଷ କରିବାକୁ ଅଂଚଳବାସୀ ଦାବି କରିଛନ୍ତି ।

## ଉପେନ୍ଦ୍ରନାଥ ହାଇସ୍କୁଲ ପାଠସାଥି ସମ୍ମିଳନୀ

ସୋର(ସପ୍ର): ସୋର ବ୍ଲକ ଅନନ୍ତପୁର ଉପେନ୍ଦ୍ରନାଥ ହାଇସ୍କୁଲର ୧୯୮୨ ମସିହା ପାଠସାଥି ମାନଙ୍କର ଏକ ସମ୍ମିଳନୀ ସୋର ରୟାଲ ହୋଟେଲ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ରଘୁନାଥ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଆବାହକ ଅକ୍ଷୟ କୁମାର କର ଏହାର ଆଭିମୁଖ୍ୟ ସଂପର୍କରେ ବକ୍ତବ୍ୟ ରଖିଥିଲେ । ପଢ଼ାସାଥିମାନେ ଅବସର ବୟସରେ ବରିଷ୍ଠ ନାଗରିକ ଭାବେ କିପରି ସେମାନଙ୍କର ସମୟ ଅତିବାହିତ କରୁଛନ୍ତି ସେ ସଂପର୍କରେ ସେମାନଙ୍କର ଅନୁଭୂତି ବଖାଣି ଥିଲେ । ଏହି ଅବସରେ ଜୈବବିବିଧତା ଦବିସର ବଡ଼ ଆହ୍ୱାନ ଶୀର୍ଷକ ଖବରରେ ମାରିଦେବ ଚକମକ ଧଳା ଆଳୁଅ ସଂବର୍କରେ ଆଲୋଚନା ହୋଇଥିଲା । ଏହି ସମ୍ମିଳନୀରେ ଅକ୍ଷୟ କୁମାର ଉପାଧ୍ୟାୟ, ବସନ୍ତ ପଣ୍ଡା, ବନଲତା ପୁହାଣ, ସୁକାନ୍ତୀ ପାଣିଗ୍ରାହୀ, ମନୋରଂଜନ ବେହେରା, ଲକ୍ଷ୍ମୀକାନ୍ତ ଦାଶ, ଉମାକାନ୍ତ ମଲ୍ଲିକ, ସୁମତୀ ପାଣିଗ୍ରାହୀ, ମହେନ୍ଦ୍ର ପରିଡ଼ା, ଭାସ୍କର ଶିଅଳ, ଗିରିଜା ଶଙ୍କର ସାହୁ, ବ୍ରଜକିଶୋର ରଥ, ନରେନ୍ଦ୍ର ପୋଥାଳ, ମିତନୀ କର, ପ୍ରହ୍ଲାଦ ଅଗସ୍ତି, ରମାକାନ୍ତ ପଲେଇ, ଜୟନ୍ତୀ ମହାପାତ୍ର, ରାଜେନ୍ଦ୍ର ମଲ୍ଲିକ ଯୋଗଦେଇ ମତବ୍ୟକ୍ତ କରିଥିଲେ । ଶେଷରେ ସୁକାନ୍ତି ପାଣିଗ୍ରାହି ଧନ୍ୟବାଦ ଅର୍ପଣ କରିଥିଲେ ।

**NOTICE**
**(above 18 years of age)**

By virtue of an affidavit sworn before Executive Magistrate, Balasore, dated :01.06.2026 I, Sk Abdul Hamid, S/O.-Sk Gerif, At/P.O.-Chasakhanda, P.S.-Sadar, Dist.-Balasore-756003 declare that I have changed my name from SK HAMID (old name) to SK ABDUL HAMID (new name). Henceforth, I shall be known as SK ABDUL HAMID (new name) for all purposes.

**Sd/-**
**SK ABDUL HAMID**

## ଜାତୀୟ ରାଜପଥ ଅବରୋଧ

ନୂଆପଡ଼ା(ନିପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀପୁର ଗ୍ରାମ୍ ପୂର୍ବରୁ ଏକ ବସ୍ ଧକ୍କା ରେ ବଡ଼ମହେଶ୍ୱର ଗ୍ରାମର ଅରୁଣ କୁମାର ମାଝୀ ୩୮ ବର୍ଷଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଅଛି । ବାଇକ୍ ରେବୈକୁଣ୍ଠ ମାଝୀଙ୍କ ପୁଅ ଅରୁଣ କୁମାର ମାଝୀ ବାଇକ୍ । ଯୋଗେ କିଛି ପାଣି ପମ୍ପ ର ସାମନ ନେଇଁ ଯାଇଥିଲେ । ଘରକୁ ଫେରୁଥିବା ବେଳେ ତାଙ୍କୁ ଏକ ଘରୋଇ ବସ୍ ଧକ୍କା ଦେଇଥିଲା ।ଫଳରେ ଅରୁଣଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଅଛି । ଘଟଣା ସ୍ଥଳେ ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ପହଂଚି ରେଡକ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କା ସହାୟତା ସହ ୩ ହଜାର ଟଙ୍କା ହରିଶ୍ଚନ୍ଦ୍ର ଯୋଜନାରୁ ଚେକ୍ ମାଧ୍ୟମରେ ପ୍ରଦାନ କରିଛନ୍ତି ।

## ସମଗ୍ର ହିନ୍ଦୁ ସମାଜ ତରଫରୁ ସାମ୍ବାଦିକ ସମ୍ମିଳନୀ

ସୋର(ନିପ୍ର): ସୋର ରୟାଲ ହୋଟେଲ ସଭା ଗୃହରେ ସମଗ୍ର ହିନ୍ଦୁ ସମାଜ ସୋର ଶାଖା ତରଫରୁ ପ୍ରହ୍ଲାଦ ସାହୁ , କାହ୍ନୁଚରଣ ବେହେରା ଏବଂ ମହେଶ୍ୱର ବେହେରାଙ୍କ ଉପସ୍ଥିତିରେ ଏକ ସମ୍ବାଦିକ ସମ୍ମିଳନୀରେ ଗତ (ଇଦ-ଉଲ-ଅଦା) ଅବସରରେ ପ୍ରଥମ କରି ସୋର ସହରର ଜନଗହଳି ପୂର୍ଣ ମୁଖ୍ୟ ରାସ୍ତାକୁ ଅବରୋଧ କରି ନମାଜ ପାଠ କରାଯାଇଥିଲା । ଏହା ସ୍ଥାନୀୟ ପୁଲିସ ପ୍ରଶାସନର ଅନୁମତି ଓ ଉପସ୍ଥିତିରେ ଘଟିଥିବା ସତ୍ୱେ କୌଣସି ପଦକ୍ଷେପ ନିଆଯାଇନଥିବା ଅଭିଯୋଗ କରାଯାଇଛି । ଏହି ରାସ୍ତାଟି ସୋର-ଅନନ୍ତପୁର-ଗୋପାଳପୁର-ବାସୁଦେବପୁର ମୁଖ୍ୟ ରାସ୍ତା ସହିତ ସଂଯୋଗ କରୁଥିବା ଏବଂ ସୋର ମୁଖ୍ୟ ସରକାରୀ ଡାକ୍ତରଖାନାକୁ ସଂଯୋଗ କରୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ଜନସାଧାରଣଙ୍କ ମାର୍ଗ । ରାସ୍ତାରେ ବ୍ୟାରିକେଟ୍ ଲଗାଇ ଯାତାୟତ ବନ୍ଦ କରାଯିବା ଫଳରେ ସାଧାରଣ ଲୋକ, ରୋଗୀ ଓ ଜରୁରୀ ସେବା ପ୍ରଭାବିତ ହୋଇଥିଲା । ସାର୍ବଜନୀନ ରାସ୍ତା ଦଖଲ କରି ଧାର୍ମିକ କାର୍ଯ୍ୟକ୍ରମ କରିବା ସର୍ବୋଚ୍ଚ ନ୍ୟାୟାଳୟ ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶନାମାର ଖୋଲା ଉଲଂଘନ । ଗୃହବିଭାଗ, ଓଡ଼ିଶା ସରକାରଙ୍କ ସ୍ଥାୟୀ ନିର୍ଦ୍ଦେଶନାମା ଥିବା ସତ୍ୱେ ଚଳିତ ବର୍ଷ ବକ୍ରିଇଦ୍ ଉପଲକ୍ଷେ କୌଣସି ଶାନ୍ତି କମିଟି ବୈଠକ ଡକା ନଯାଇ ଏକତରଫା ଭାବେ ଏ ପ୍ରକାର ନିଷ୍ପତି ନେବା ସମ୍ପୂର୍ଣ୍ଣ ବେଆଇନ୍ । ଏ ସମସ୍ତ ବିଷୟ ଅବଗତ ଥିବା ସତ୍ୱେ ଦାୟିତ୍ୱରେ ଥିବା ନିମ୍ନୋକ୍ତ ଅଫିସର ଦ୍ୱୟଙ୍କ ଉପସ୍ଥିତିରେ ସର୍ବସାଧାରଣ ରାସ୍ତାକୁ ଅବରୋଧ କରି ଧାର୍ମିକ କାର୍ଯ୍ୟକ୍ରମ (ନମାଜ ପାଠ) କରାଇବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ । ତେଣୁ ସମଗ୍ର ହିନ୍ଦୁ ସମାଜ ସୋର ପକ୍ଷରୁ ଆମେ ଗଣମାଧ୍ୟମ ଜରିଆରେ ଓଡ଼ିଶା ସରକାର ଓ ପୁଲିସ ପ୍ରଶାସନ ନିକଟରେ ଦାବି କରୁଛୁ ଯେ- ଏହି ଘଟଣାର ନିରପେକ୍ଷ ତଦନ୍ତ କରି ଦାୟୀ ଏସ୍.ଡି.ପି.ଓ., ବାଲେଶ୍ୱର ସଦର ଓ ଆଇ.ଆଇ.ସି. ସୋରଙ୍କ ବିରୁଦ୍ଧରେ ଆଗାମୀ ୧୫ ଦିନ ମଧ୍ୟରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ସମଗ୍ର ହିନ୍ଦୁ ସମାଜ, ସୋର ଗଣତାନ୍ତ୍ରିକ ଉପାୟରେ ବ୍ୟାପକ ଆନ୍ଦୋଳନ କରିବାକୁ ବାଧ ହେବ ।

**NOTICE (FOR MINOR)**

By virtue of an affidavit sworn before Executive Magistrate, Balasore, dated : 29.05.2026 I, Sri Rupak Samantaray,aged 42 Years, S/O.Late Dhruba Samantaray, At.-Nuasahi,P.O.-Balia, P.S.-Sahadevkhunta, Dist.-Balasore-756001. At present At.-Nuasahi,P.O.-Balia, P.S.-Sahadevkhunta, Dist.-Balasore-756001 declare that I have changed the name of my son from SARITA SAMANTARAY (old name) to BHABANI SANKAR SAMANTARAY (new name). Henceforth, he/she shall be known as BHABANI SANKAR SAMANTARAY (new name) for all purposes.

**Sd/-**
**Rupak Samantaray**

## ସ୍କାଉଟ ଗାଇଡ଼ ପିଲାଙ୍କ ଦ୍ୱାରା ବିଶ୍ୱତମାଖୁ ବର୍ଜନ ସଚେତନତା ଦିବସ ପାଳିତ




ନୟାଗଡ(ନିପ୍ର): ରୋହିବାଙ୍କ ଉଚ୍ଚ ବିଦ୍ୟାଳୟର ସ୍କାଉଟ ଗାଇଡ଼ ପିଲାଙ୍କ ଦ୍ୱାରା ବିଶ୍ୱ ତମାଖୁ ବର୍ଜନ ସଚେତନତା ଦିବସ ପାଳିତ ତମାଖୁ ଯାହାକି ଶରୀରପାଇଁ କ୍ଷତି କରିବା, ପାରିବାରରୁ ସ୍ୱାମୀ ସ୍ତ୍ରୀ କୁ ଅଲଗା କରିବା, କମ ବୟସ ଯୁବକ ଯୁବତୀଙ୍କୁ ବିପଥଗାମୀ କରିବା ଶେଷରେ ପାରିବାରର ଆର୍ଥିକ ମାନଦଣ୍ଡ କୁ ଉଜୁଡାଇ ସର୍ବସ୍ୱାନ୍ତ କରିଦେବାରେ ସିଦ୍ଧ ହସ୍ତ ହେଉଛି । କିଶୋର କିଶୋରୀ ମାନଙ୍କୁ ସଚେତନ କରାଇ ନିଜ ପରିବାର ପରେ ସମାଜକୁ ବାର୍ତା ଦେବାକୁ ନୟାଗଡ଼ ଜିଲ୍ଲା ଓଡଗାଁ ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ, ରୋହିବାଙ୍କର ସ୍କାଉଟ ଗାଇଡ ଛାତ୍ର ଛାତ୍ରୀ ପାଳିଲେ ବିଶ୍ୱ ତମାଖୁ ନିରୋଧ/ ବର୍ଜନ ଦିବସ । ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ବିଷ୍ଣୁ ପ୍ରିୟା ବାରିକଙ୍କ ନିର୍ଦ୍ଦେଶ କ୍ରମେ ପ୍ରକୃତିବନ୍ଧୁ ଶିକ୍ଷକ ସନ୍ତୋଷ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ତମାଖୁ ସେବନର ଭୟାବହତା ସାଙ୍ଗକୁ ବ୍ରେନଷ୍ଟ୍ରୋକ, ଫୁସ ଫୁସ କ୍ୟାନସର, ବୃକକ ଏପରିକି ଏହି ଧୂଆଁ ଯେଉଁ ପଥ ଦେଇ ଯାଉଛି ସେହିବାଟେ ନିକୋଟିନ ର ପରିମାଣ ବୃଦ୍ଧି ଓ ତାହାର ସଂକ୍ରମିତ ଯୋଗୁଁ ବର୍ତମାନ ଦିନକୁ ଦିନ କ୍ୟାନ୍ସର ରୋଗ ସୃଷ୍ଟିର ଜନ୍ମ ହେଉଥିବା ଶିକ୍ଷକ ବ୍ୟକ୍ତ କରିଥିଲେ । ଖାଲି ସେତିକି ନୁହେଁ ବର୍ତମାନ ସଙ୍ଗଦୋଷ କାରଣରୁ ଅଧିକରୁ ଅଧିକ କମ ବୟସ ଯୁବ ଗୋଷ୍ଠୀକୁ ଏ ତମାଖୁ କବଳିତ କରିଥିବା ଆଲୋଚନା ହୋଇଥିଲା । ଯାହାଫଳରେ ତମାଖୁ ସେବନର ପ୍ରତିକ୍ରିୟା ସ୍ୱରୂପ ଯୁବ ପିଢ଼ି ଅଳ୍ପାୟୁ ମୃତ୍ୟୁ, ପରିବାର ମଧରେ ଦମ୍ପତି ବିଛେଦ, ଆର୍ଥିକ ଅଭାବ, ଅସାମାଜିକ କାର୍ଯ୍ୟ ଭଳି ନାନା ପ୍ରକାର ଘଟଣା ଘଟୁଛି । ତେଣୁ ଏସବୁ ଠାରୁ ନିବୃତ ରଖିବା ପାଇଁ ଓ ନିଜ ପରିବାରକୁ ବଂଚାଇବା ପାଇଁ କୋମଳ ମତି ପିଲାଙ୍କ ମନରେ ଶପଥ ପାଠ କରାଇ ସଚେତନତା ବାର୍ତା ପ୍ରେରଣ କରାଯାଇଥିଲା । ଗ୍ରାମ ପରିକ୍ରମା ସାଙ୍ଗକୁ ପିଲାମାନେ ବିଭିର୍ଣ୍ଣ ଯୁବ ଗୋଷ୍ଠୀକୁ ଏଥିରୁ ନିବୃତ ରହିବା ପାଇଁ ବାର୍ତା ପ୍ରେରଣ କରିଥିଲେ । କାର୍ଯ୍ୟକ୍ରମ କୁ ଶିକ୍ଷକ ଶ୍ରୀସାହୁ ପରିଚାଳନା କରିଥିବାବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

## ପଂଚମ ସଂଗୀତ ସମ୍ମାନ ପାଇଲେ ହରିଶ ପ୍ରଧାନ

ନୟାଗଡ଼(ନିପ୍ର): ନୟାଗଡ଼ର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ମଂଚାୟନ ପକ୍ଷରୁ ବହୁମୁଖୀ ପ୍ରତିଭାର ଅଧିକାରୀ ତଥା କେନ୍ଦ୍ର ସରକାରଙ୍କ ଜନଜାତୀୟ ଗୌରବ ସମ୍ମାନରେ ସମ୍ମାନୀତ ଏବଂ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ କବି ଗୀତିକଳ୍ପ ହରିଶ ପ୍ରଧାନଙ୍କୁ ନୟାଗଡ ମାଟିର ଅନ୍ୟତମ ଗର୍ବ, ଗୌରବ, ବରପୁତ୍ର, ସାହିତ୍ୟିକ, ଗୀତିକାର, ବହୁମୁଖୀ ପ୍ରତିଭାର ଅଧିକାରୀ, ଭାରତୀୟ ଜୀବନ ବୀମା ନିଗମ ର ସ୍ୱର୍ଣ ପଦକ ଅଧିକାରୀଙ୍କୁ 'ମଂଚ ସଂଗୀତ ସମ୍ମାନ' ପ୍ରଦାନ କରାଯାଇଛି ।

No. 34001/287/2627

OFFICE OF THE SUPERINTENDING ENGINEER
BALASORE (ROADS & BUILDINGS ) DIVISION-II
AT/PO- BHASKARGANJ , BALASORE

CONTACT NO :- 06782-263149
E Mail ID :- eepwdbls2@gmail.com

SHORT TENDER CALL NOTICE

BID INVITATION NO. EE (R and B) BLS-II- 04/ 2026-27
No. 4673 dt. 30.05.2026

| | | | |
|---|---|---|---|
| 1 | The Superintending Engineer , Balasore (R & B) Division-II , Balasore on behalf of the Governor of Odisha invites Percentage rate bids to be received in **ONLINE MODE** only for Roads & Buildings works . | | |
| 2 | No. of Work | : | 7 Nos |
| 3 | Nature of work : | : | Building Works |
| 4 | Class of Contractor : | : | "D", "C" & "B" |
| 5 | Approx. value of work | : | Rs.25.67 Lakhs to 6.76 Lakhs |
| 6 | Tender Cost : . | : | Rs.4000.00 (Sl.No.1,2,5 ) & Rs.6000.00 (Sl.No.3,4,6,7 ) |
| 7 | Availability of Bid Documents in the website : | : | From 10.00 AM of 06.06.2026 to 1.00 PM of 17.06.2026 |
| 8 | Date of Opening of Bid : | : | Dt. 17.06.2026 at 1.30 PM. |
| 9 | Other details can be seen in the Bidding documents from the website : https://tendersorissa.gov.in. | | |

Sd/-
Superintending Engineer,
Balasore (R & B) Division-II

OIPR. 34001/34155/1/26-27/0002





ତୁମେ ଯଦି ଚାହଁ ସୂର୍ଯ୍ୟଙ୍କ ପରି ଉଜ୍ଜ୍ୱଳ ହେବାକୁ ତାହେଲେ ତୁମେ ସୂର୍ଯ୍ୟଙ୍କ ପରି ଜଳୁନିଅ : ଅବଦୁଲ କାଲାମ୍ ।

# ଆଜିକାଲି



'ଯଃ ସର୍ବତ୍ରାନଭିସ୍ନେହସ୍ତତ୍ ପ୍ରାପ୍ୟ ଶୁଭାଶୁଭମ୍ । ନାଭିନନ୍ଦତି ନଦ୍ୱେଷ୍ଟି ତସ୍ୟ ପ୍ରଜ୍ଞା ପ୍ରତିଷ୍ଠାତା ।'' (ଶ୍ରୀମଦ୍ ଭଗବତ୍ ଗୀତା)

ଭାବାର୍ଥ : ଯେଉଁ ପୁରୁଷ ସର୍ବତ୍ର ଅନାସକ୍ତ ହୋଇ ଶୁଭବସ୍ତୁ ପାଇଲେ ପ୍ରସନ୍ନ ହୁଅନ୍ତି ନାହିଁ, କି ଅଶୁଭ ବସ୍ତୁ ପାଇଲେ ଦ୍ୱେଷ କରନ୍ତି ନାହିଁ, ତାଙ୍କର ବୁଦ୍ଧି ସ୍ଥିର ।

## ତାତିରୁ ମିଳିବ ଆଶ୍ୱସ୍ତି

୧୬ଦିନ ଧରି କ୍ରମାଗତ ଭାବେ ୪୦ଡିଗ୍ରୀ ଉପରେ ତାପମାତ୍ରା ରହିବା ଘଟଣା ପାଣିପାଗ ବିଭାଗରେ ରେକର୍ଡ଼ ସୃଷ୍ଟି କରିଛି ବୋଲି ସୂଚନା ମିଳୁଛି । ଏହା ପୂର୍ବରୁ ଏତେଦିନ ଧରି ରାଜ୍ୟରେ କେଉଁ ସହରରେ ତାପମାତ୍ରା କ୍ରମାଗତ ଭାବେ ଉପରେ ଥିଲା । ଅବଶ୍ୟ ୨ଦିନ ଧରି ଟ୍ୱିନ୍‌ସିଟି କଟକ ଓ ଭୁବନେଶ୍ୱରରେ ତାତି ୪୦ଡିଗ୍ରୀ ତଳକୁ ଅଛି । ମୋଟାମୋଟି ଭାବେ କହିବାକୁ ଗଲେ ସାରା ରାଜ୍ୟ ତତଲା କଡ଼ାଇରେ ଫୁଟୁଥିଲା ଏବଂ ବହୁ ଲୋକ ଅଂଶୁଘାତ ରୋଗରେ ଆକ୍ରାନ୍ତ ହୋଇ ଡାକ୍ତରଖାନାକୁ ଆସୁଥିଲେ । ପ୍ରଚଣ୍ଡ ତାତିରେ ରାଜ୍ୟବାସୀ ଅସ୍ତବ୍ୟସ୍ତ ହେଉଥିଲେ । କିନ୍ତୁ ଆଶ୍ୱସ୍ତିକର ଖବର ବର୍ତମାନ ପାଣିପାଗ ବିଭାଗର ମିଳିଛି । ୧୦ ତାରିଖ ଯାଏଁ ରାଜ୍ୟର ବିଭିନ୍ନ ଅଂଚଳରେ ପ୍ରବଳ ବର୍ଷା ହେବ । ଏଭଳି ଏକ ସୂଚନା ଯାହା କି ରାଜ୍ୟବାସୀଙ୍କୁ ଆନନ୍ଦ ଦେଇଛି । ଏବେ ଜୁନ୍ ଆରମ୍ଭ । ଅବଶ୍ୟ ମୌସୁମୀ କେବେ ଆସିବ ତାହାର ସ୍ପଷ୍ଟ ସୂଚନା ମିଳିନାହିଁ । ପୂର୍ବରୁ ଦେଖାଯାଇଛି ଯେ ନିର୍ଦ୍ଦିଷ୍ଟ ସମୟ ଠାରୁ ପୂର୍ବରୁ କିମ୍ବା ପରେ ରାଜ୍ୟକୁ ମୌସୁମୀ ପ୍ରବେଶ କରିଥାଏ । ଏହି ଦୃଷ୍ଟିରୁ ଆହୁରି କେବେ ମୌସୁମୀ ପ୍ରବେଶ ତାହା କେବଳ ଆଗକୁ ଜଣାପଡ଼ିବ । ରାଜ୍ୟରେ କିଭଳି ତାତି କମିବ ନା ବଢ଼ିବ ସେ ନେଇ ସ୍ପଷ୍ଟ ସୂଚନା ମିଳୁନାହିଁ । କିନ୍ତୁ ଆପାତତଃ ସୂଚନା ଅନୁଯାୟୀ ଯଦି ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିବ ତାହେଲେ ରାଜ୍ୟବାସୀ ଏହି ସମୟରେ ତାତି ତ୍ରାହିରୁ ମୁକ୍ତି ପାଇବେ ? ଚଳିତ ବର୍ଷ କ୍ରମାଗତ ଭାବେ ପ୍ରବଳ ତାତି ଓ ଗୁଳଗୁଳି ୫୦ବର୍ଷର ରେକର୍ଡ଼ ଭାଙ୍ଗିଛି ବୋଲି କୁହାଯାଉଛି । କେବଳ ଓଡ଼ିଶାରେ ନୁହେଁ ସମଗ୍ର ଦେଶ ଓ ବିଦେଶରେ ପାଣିପାଗର ପରିବର୍ତନ ବଢ଼ି ବଢ଼ି ଚାଲିଛି । ଏହି ଦୃଷ୍ଟିରୁ ଆଗକୁ କ'ଣ ହେବ ତାହା କହିହେବ ନାହିଁ । ଯଦିଓ ତାତି ଏତେ ଅସହ୍ୟ ହେଉଛି ତେବେ ବି କେତେକ ଅଂଚଳରେ କାଳବୈଶାଖି ହେବା ଯୋଗୁଁ ଉତାପ ସାମାନ୍ୟ ହ୍ରାସ ପାଉଛି ବୋଲି ଜଣାପଡୁଛି । କିନ୍ତୁ କାଳବୈଶାଖୀ ଯୋଗୁଁ କଚ୍ଚାଘର ଏବଂ ଗଛ ଭାଙ୍ଗି ନଷ୍ଟଭ୍ରଷ୍ଟ ହେଉଛି । ଟିଣ ଛପର ଓଲଟି ପଡ଼ିବା ଯୋଗୁଁ ଧନଜୀବନରେ ତାହାର ପ୍ରଭାବ ପଡୁଛି । ଯାହା ହେଉନା କାହିଁକି ଯେଉଁସବୁ ସ୍ଥାନରେ କାଳବୈଶାଖୀ ସଂଗଠିତ ହେଉଛି ସେହିସବୁ ସ୍ଥାନମାନଙ୍କରେ ଆପାତତଃ ତାତିରୁ ଲୋକେ ଆଶ୍ୱସ୍ତି ଅନୁଭବ କରୁଛନ୍ତି ।

## ଜୀବନ ନଈଟି



◆ ଆର୍ତବନ୍ଧୁ ଦାସ

ଜୀବନ ନଈ ସଦୃଷ କାହାର ବି ସରଳ ସିଧାସଳଖ ହୋଇଥାଏ କି ଗଭୀରତା ଦୃଷ୍ଟିରୁ ମଧ୍ୟ ସବୁରେ ସମାନତା ନଥାଏ । କୋଉଟା ଉଠାଣି ଗଡାଣୀ ଗିରି ବନ ଗହ୍ୱର ଅତିକ୍ରମ ସଦା ଆଗକୁ ଆଗକୁ ହିଁ ଅବିଚଳିତ ଭାବେ ପଛକୁ ନ ଚାହିଁ ଗତି କରି ଚାଲିଥାଏ । କୋଉଟା ଚିରସ୍ରୋତା ପୁଣି କୋଉଟା ଉଦ୍ଦଣ୍ଡି କନ୍ୟା ସଦୃଶ । ଚଳ ଚ□ଳ ତପଳତା ଯାହାକି ପ୍ରାକୃତିକ ଓ ଭୌଗୋଳିକ ସ୍ଥିତି ମୁତାବକ ହୋଇଥାଏ । ନଈ ତାର ତୀରବାସୀ ଜନସମୁଦ୍ରକୁ ସମାକାରରେ ଉପକାର କି ଅପକାର କରିନଥାଏ କି ଦେଇ ନଥାଏ । ତା ଦ୍ୱାରା ସଂଗଠିତ ହେଉଥିବା ଚରାଚର ବିଶ୍ୱର ଯାହାବି ଘଟଣା ଦୁର୍ଘଟଣା ଅଘଟଣ ସମ୍ପର୍କେ ବିଚାରି ନଥାଏ, ବିଚାରିଲେ ବି କରିପାରିବ କଣ ଯେକେତେକ ମନୁଷ୍ୟ ଭାବନ୍ତି କି

ଜଗତରେ ସାଧୁସନ୍ଥ ମହାତ୍ମା ମାନଙ୍କର ଜୀବନ ନଈ ସାଦୃଶ୍ୟ ହୋଇ ନଥାଇପାରେ କଣ ? ଏହା ବି ସମ୍ପୂର୍ଣ୍ଣ ରୂପେ ପ୍ରଣିଧାନ ଯୋଗ୍ୟ । ନା ସତ୍ୟ ସାଧାରଣ ଲୋକଙ୍କ ଭଳି ମଧ୍ୟ ସାଧୁ ମହାତ୍ମାମାନଙ୍କ ଜୀବନେ କେତେ ଯେ ଘାତ ପ୍ରତିଘାତ ଘଟଣା ଦୁର୍ଘଟଣା ପ୍ରତ୍ୟେକ୍ଷ କ୍ଷେତ୍ରରେ ଅନୁମେୟ । ବରଂ ଏଇୟା ଠିକ୍ ଯେ ସାଧାରଣ ବର୍ଗର ଲୋକଙ୍କର ଯାହାଟା ଅସହ୍ୟ ଅବୋଧ୍ୟ ଦୁରାଗମ୍ୟ ସେଇଟା ସନ୍ଥଙ୍କ ପକ୍ଷେ ସେମିତି ହୋଇ ନଥାଇପାରେ ? କାହିଁକି ନା ମହାତ୍ମାମାନେ ଧୀର ମନ୍ଥର ଗତିଶୀଳ କଇଁଛ ହୋଇଥାଇପାରନ୍ତି ମାତ୍ର ଦ୍ରୁତ ଗତିଶୀଳ ଠେକୁଆ କେବେ ବି ନୁହଁନ୍ତି । ଯୁଗାନୁଯାୟୀ ଧୀର ପାଣି ଆଉ ପଥର କାଟିବା ସମ୍ଭବ ହେଉନିତ ଏଣୁ ନଈ ପରି ଅବିଶ୍ରାନ୍ତ ଗତି ଯେଉଁମାନେ କରୁଛନ୍ତି ସେମାନେ ହିଁ ବହିଗଲା ପାଣି ତ ଫେରି ଆଉ ଉପରକୁ ଉଠେନା । ତେଣୁ ଦ୍ରୁତ ଗତିଶୀଳ ଠେକୁଆ ନୀତି ବି ଅବଲମ୍ବନ ନ କରିବା ଶ୍ରେୟ। କାହିଁକି କି ସିଆଣିଆ ଚତୁର ହେତୁ



ତ ସିଏ ବାବାଜି କି ସାଧ ମହାତ୍ମା ଏଣୁ ଲକ୍ଷ ସ୍ଥଳରେ ପହଂଚିବା ବ୍ରତ ନେଇ ବରଂ ପହଂଚୁ ନ ପହଂଚୁ କିନ୍ତୁ ନଈ ପରି ପଛକୁ ଫେରି ନଚାହିଁ ଗତି କରୁଛନ୍ତି । ଅତି ଦ୍ରୁତ ଗତି କିମ୍ବା ଅତି ମନ୍ଥର ଗତି ଏ ଦୁନିଆରେ କୌଣସି କ୍ଷେତ୍ରରେ ସମୁଚିତ ନୁହେଁ । ପଛ କଥା ଭାବି ଅଯଥା ଭାରାକ୍ରାନ୍ତ ହେବାଠୁଁ ନ ଭାବିବା ଶତେଗୁଣ ଭଲ । ଆଳସ୍ୟ ସର୍ବାଦୌ ବର୍ଜନୀୟ । ହିତକାରୀ ଅଁଳାକୁ ଚେବେଇ ଚୁଷି ଖାଇ ଚାଲିଲେ ପ୍ରଥମେ ପ୍ରଥମେ କଷା ଆମ୍ବିଳା ଲାଗୁଥିବା ଅଁଳା ଶେଷ ସମୟେ ମନ ମୁଗ୍ଧକାରୀ ସୁସ୍ୱାଦୁ ମିଠା ହୋଇଥାଏ । ତେଣୁ କର୍ମ କ୍ଷେତ୍ରରେ ସେମିତି ଆଗ ଆଗ ଯେଉଁ କାମ ଦୁଃସାଧ ସେଇ କାମକୁ ମନୋନିବେଶ କରି କଲେ ସୁଫଳ ପ୍ରଦାନକାରୀ ହୋଇଥାଏ । ନଈର ବଢିପାଣି ଭଳି ମଣିଷର ପ୍ରତ୍ୟେକଟି କାମ ହେଲେ ଜୀବନ ସୁଚାରୁରୂପେ ଗତିକୁ ପ୍ରଗତି ପଥରେ ନେଇ ହେବ । ନିର୍ଦ୍ଦିଷ୍ଟ ସୂତ୍ରରେ ପ୍ରତ୍ୟେକଟି କାମ କରିବା ଉଚିତ କିନ୍ତୁ ପଛକଥାକୁ ଘାଂଟିଲେ ତାହା ନିଶ୍ଚୟ ହିଁ ଗନ୍ଧ କରିବ ଆଉ କିଛି ସୁଫଳ କୁଫଳ ଆଶାନୁରୂପ ଦେବ ନାହିଁ । ନଈ ସ୍ୱରୂପ ଜୀବନର କର୍ମ ସମ୍ବନ୍ଧେ ଯେଉଁମାନେ ବି ଉପଦେଶ ଆଦେଶ ପରାମର୍ଶ ଦିଅନ୍ତି, ସେମାନେ କି ନିଜ ଜୀବନରେ ଆଚରଣ କରନ୍ତି କି ? ଅଙ୍କା ବଙ୍କା ବୁଲାଣି ଦେଇ ନଈ ତ ବହି ଚାଲିଛି ନା ନାହିଁ ? ମଣିଷ ଜୀବନରେ ଯେ କୌଣସି ଘାତ ପ୍ରତିଘାତ କି ଘଟଣ ଅଘଟଣ ନଥିବ କିଏ ବା କହିବ ? ଲକ୍ଷ ସ୍ଥଳରେ ପହଂଚିବାକୁ ଉଦ୍ୟମ ପ୍ରଚେଷ୍ଟା ନାନା ରୂପେ ନାନା କିସମ ପ୍ରକାରରେ କରିବା ଜୀବନରେ ନଈ ସଦୃଶ୍ୟ ହେବା ବାଞ୍ଛନୀୟ । ସମୟ ତ ଗଡି ଚାଲିଛି ନା କାହାକୁ କେବେ ଅପେକ୍ଷା କରିଛି ? ତେଣୁ ସମୟ ହିଁ ମୂଲ୍ୟବାନ ଯିଏ ଠିକ୍ ରୂପେ ବିନିଯୋଗ କଲା ତ ସେ ତନଦୁରୂପ ଫଳ ପାଇ ଜୀବନକୁ ସୁରମ୍ୟ ସୁଗମ କରି ପାରୁଛି । ଦ୍ରୁତ ଗତି ମହାବିପତି ଠିକ୍ ମାତ୍ର କର୍ମ ପଦ୍ଧତି ପ୍ରକ୍ରିୟାକୁଯାୟୀ କଲେ ତାହା କାହିଁକି ବା ଅଶୁଦ୍ଧ କି ବିପତି ସୃଷ୍ଟିକାରୀ ହେବ ? ଠେକୁଆ ପରି ହେୟ କଇଁଛ ପରି ନିର୍ଦ୍ଦିଷ୍ଟ ପଦ୍ଧତି ପ୍ରକ୍ରିୟାରେ କଲେ କି କିଛି ଦୁର୍ବିପାକ ଅଘଟଣ କାହିଁକି ବା ଘଟିବ ? ପ୍ରତି କର୍ମ କ୍ଷେତ୍ରରେ ସୁରକ୍ଷାକୁ ପ୍ରାଥମିକତା ଦେଇ ସୁଚାରୁ ରୂପେ ସମ୍ପାଦନା କରିବା ମଣିଷ ପଣିଆର ଶ୍ରେଷ୍ଠ ପରିଚୟକ । ପ୍ରାକୃତିକକୁ ଅପ୍ରାକୃତିକ ମନ ମାନି ନୀତିରେ କଲେ କ'ଣ ହେବ ? ସମାନୁୟକ୍ରମେ ବହିଯାଉଥିବା ନଈ ନିଜର ରୂପ ରଙ୍ଗ ବର୍ଣ୍ଣ ନାମ ପରିବର୍ତନ କଲାଭଳି ଓ ଏ ଦୁନିଆର ମଣିଷ କରିବାକୁ ବାଧ । ନଈ ଯେମିତି ଦେଶକାଳ ପାତ୍ର ସ୍ଥିତି ପରିସ୍ଥିତି ମୁତାବକ ଜୀବ ଜଗତର ହିତ ସାଧନ କରେ ଏ ମଣିଷ ସାଧୁ ସଙ୍ଗଲାଭ ଫଳରେ ସଂସାର ମଙ୍ଗଳ ବିଧାନ କରିବ ନଚେତ ଯୁଗାନୁଯାୟୀ ଆଣ୍ଡ୍ରୋଡଫୋନ୍ ମାୟାରେ ମୋହିତ ହେଲେ ଫଳ ଯାହା ହେବ ? ଦ୍ରୁତଗତି ମହାବିପତି ଆଣି ଦେଇପାରେ ଯେ ମାଦକତାରେ ମୋହିତ ନ ହେଲେ କାର କଣ ଦୁର୍ଗତି ଯୁଗେ ଯୁଗେ କିଛି ନଜିର ତ ନାହିଁ । ଗତିକୁ ପ୍ରଗତିରେ ପରିଣତ ନକରି ଦ୍ରୁତ ଗତିରେ ପରିଣତ କଲେ ବିଚାର ବିବେଚନା ହୋଇନଥାଏ । ଠେକୁଆର ମନୋବୃତି ତ୍ୟାଗ କରି କଇଁଛର ମନୋବୃତି ଗ୍ରହଣ କଲେ କ୍ଷତି ବା କ'ଣ ? ସଂସାର ଜଞ୍ଜାଳରେ ଉବୁଟୁବୁ ହେଉଥିବା ମଣିଷ ଯିଏ ପ୍ରକୃତ ମଣିଷ ପଦବାଚ୍ୟ ସମ୍ପତି ବଢାଇବା ପାଇଁ ନିର୍ଦ୍ଦିଷ୍ଟ ମାପକାଠିରେ ମାପି ହୋଇ ବୁଦ୍ଧି ବିବେକକୁ ଆଗୁସାର କରି ଜଡ ନଈକୁ ଗୁରୁଜ୍ଞାନ ପୂର୍ବକ ସକଳ କର୍ମ ଅକର୍ମ ଅପକର୍ମ କି ସୁକର୍ମ ସମ୍ପାଦନା କରିବା ଠିକ୍ କି ନାହିଁ ? ସଫଳତା ବିଫଳତାରେ ଏତେ ବେଶି ମ୍ରିୟମାଣ ହୁଅନି କି ହେୟ ମନଭାବ ନେଇ ଡିଜିଟାଲ ଯୁଗର ଆଣ୍ଡ୍ରୋଏଡ ଫୋନର ବଶବର୍ତୀ ବି ହୁଅନି ବରଂ ବଦଳିବା ଧାରା ଉପଧାରା ପଦ୍ଧତି ପ୍ରକ୍ରିୟାରେ ସମର୍ପଣ ଭାବ ନେଇ ଗତିକୁ ପ୍ରଗତି ଦିଗରେ ଉପଯୋଗ କର ଫଳରେ ସରକାରଙ୍କ ଦ୍ୱାରା ପ୍ରଦତ ମାଗଣା ଖିଆରୁ ତ ବର୍ତିଯିବ । ନିଜସ୍ୱ ମନନାନୀତ ବୁଦ୍ଧି ବିଚାରାନୁଯାୟୀ ଠିକ୍ ନଈପରି ଅପରିଶ୍ରାନ୍ତ ଜୀବନର ଗତି ହେଉ ।

*ବରମୁଣ୍ଡା, ଭୁବନେଶ୍ୱର*

## ପିଲାଦିନର କଥା କାହିଁକି ମନେ ରହେନା ?



◆ ଡାକ୍ତର ସମ୍ରାଟ କର


ଆପଣଙ୍କ ପିଲାଦିନର କଥା ମନେଅଛି ? ଘରେ ବଡ଼ ସାନ ଭାଇ ଭଉଣୀଙ୍କ ସହ କିପରି ଖେଳୁଥିଲେ, ଗାଁ ଦାଣ୍ଡରେ କୁନି ସାଥି ସାଙ୍ଗଙ୍କ ସହ ଧୂଳିବାଲି ଘରର ଫୋପଡ଼ା ଫୋପଡ଼ି ଆଉ ମିଳାମିଶା ଆଉ ମନେଅଛି ? ଗାଁ ମୁଣ୍ଡ ଅବଧାନଙ୍କ ଚାଟଶାଳୀର ପଣିକିଆ ଘୋଷା ହେଉ ବା ଖରାଦିନରେ ଗଛରୁ ନଇ ପାଣିକୁ ଡେଇଁବାର ସ୍ମୃତି କହିପାରିବେ ଆପଣ ? ଏମିତି ଅନେକ କଥା । ପିଲାଦିନର କଥା କେତେଜଣ ମନେରଖନ୍ତି ତ ଆଉ କେତେକ ଲୋକ ଭୁଲିଯାଇଥାନ୍ତି ମାତ୍ର ସ୍ମୃତି ବିଜଡ଼ିତ ବାଲ୍ୟକାଳର ସବୁ ଘଟଣା ସ୍ମରଣ କଲାଭଳି ଦକ୍ଷତା କ୍ୱଚିତ୍ ଲୋକଙ୍କର ଥାଏ । କିନ୍ତୁ ପ୍ରଶ୍ନ ହେଉଛି ଏପରି ହୁଏ କାହିଁକି ? ଶିଶୁ ମନସ୍ତତ୍ୱ କ୍ଷେତ୍ରକୁ ଦେଖିଲେ ଏପ୍ରକାର ଅବସ୍ଥାକୁ ବାଲ୍ୟ ବିସ୍ମରଣ କୁହାଯାଏ । ସ୍ମରଣ ଶକ୍ତିକୁ ଅନୁଶୀଳନ କରାଯାଇ ଏହାକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି ଯଥା - କ୍ଷଣସ୍ଥାୟୀ ସ୍ମୃତିଶକ୍ତି ଓ ଦୀର୍ଘସ୍ଥାୟୀ ସ୍ମୃତି ଶକ୍ତି । ଦୀର୍ଘଦିନ ଧରି ମନେରହୁଥିବା ମାନସିକ ଶକ୍ତିକୁ ଦୀର୍ଘସ୍ଥାୟୀ ସ୍ମରଣ ଶକ୍ତି ଏବଂ ଏହାର ବିପରୀତ ଅବସ୍ଥାକୁ କ୍ଷଣସ୍ଥାୟୀ ସ୍ମରଣଶକ୍ତି କୁହାଯାଏ । ଦୀର୍ଘସ୍ଥାୟୀ ସ୍ମରଣ ଶକ୍ତି ମସ୍ତିଷ୍କର ପ୍ରମୁଖ ବ୍ୟବସ୍ଥାପନା ଅଂଚଳରେ ମହଜୁଦ୍ ହୋଇରହେ । ମାତ୍ର ବାଲ୍ୟ ଅବସ୍ଥାରେ ଏହା ପୂର୍ଣ୍ଣ ବିକଶିତ ହୋଇନଥାଏ । ପୁଣି ବାଲ୍ୟ ଅବସ୍ଥାରେ କ୍ଷଣସ୍ଥାୟୀ ସ୍ମୃତି ଶକ୍ତି ଉପରେ ଶିଶୁ ନିର୍ଭରଶୀଳ ଥାଏ । ଏହି ବ୍ୟବସ୍ଥାରେ କୋଷଗୁଡ଼ିକ ବାରମ୍ବାର ନଷ୍ଟ ହେଉଥିବାରୁ ରେକର୍ଡ଼ ହୋଇ ରହୁଥିବା ସ୍ମୃତି ଉଭେଇଯାଏ । ସେହିପରି ଦ୍ୱିତୀୟ କାରଣଟି ହେଲା କୌଣସି ଘଟଣାକୁ ସ୍ମୃତି ପଟ୍ଟରେ ସାଇତି ରଖିବା ବାକ୍ ଶକ୍ତି ଉପରେ ନିର୍ଭରଶୀଳ । କାରଣ କୌଣସି ଘଟଣା ଉପରେ ଏକାଧିବାର ଆଲୋଚନା କଲେ ତାହା ମାନସ ପଟ୍ଟରେ ଲିପିବଦ୍ଧ ହୋଇ ରହିଯାଏ ମାତ୍ର ଶିଶୁ ଅବସ୍ଥାରେ ବାକ୍ ଶକ୍ତି ପୂର୍ଣ୍ଣ ବିକଶିତ ହୋଇନଥିବାରୁ କୌଣସି ଘଟଣା ମନେରଖିବାରେ ଅନ୍ତରାୟ ହୋଇଥାଏ । ପିଲାଦିନର କଥା ମନେନରଖିବା ଏକ ରୋଗ ବା ସମସ୍ୟା ବୋଲି ଭାବନ୍ତୁନି । ବୟସ ବଢ଼ିବା ସହ ମଣିଷର ଶାରୀରିକ ଦକ୍ଷତା ଓ ଶକ୍ତି ଦିନକୁ ଦିନ କ୍ଷୟ ହୁଏ । ଏହା ବ୍ୟତୀତ ତେଲଲୁଣ, ଘରସଂସାର ଚାପ ହେଉ ବା କର୍ମଦାୟିତ୍ୱର ବୋଝ, ଆଖପାଖର ବ୍ୟବସ୍ଥା, ଦାୟିତ୍ୱ ଓ ଚାପ ମଧ୍ୟ ଏ କ୍ଷେତ୍ର ପାଇଁ ଏକ ଅନ୍ୟତମ କାରଣ ହୋଇଥାଏ । ଏହି ସ୍ମରଣ ଶକ୍ତି କମ୍ ଥିବା ନେଇ କାହାକୁ ସମାଲୋଚନା କରନ୍ତୁ ନାହିଁ । ଆଉ ଗୋଟିଏ କଥା ଏ କ୍ଷେତ୍ରରେ ପିଲାମାନଙ୍କୁ ପ୍ରାଥମିକ ଅବସ୍ଥାରେ ଛୋଟ ଛୋଟ ଶବ୍ଦ କୁହନ୍ତି ଯେପରି ସେ ବୁଝିପାରିବ । ଆବଶ୍ୟକୀୟ ବିଶ୍ରାମ, ସୁଷମ ଖାଦ୍ୟ ଓ ଶାରୀରିକ ବ୍ୟାୟାମ, ଯୋଗାସନ ଏହାପାଇଁ ଅମୃତ ସଂଜ୍ଞୀବନୀ ସଦୃଶ କାମକରେ । ସବୁଜ ପନିପରିବା, ତଟକା ଫଳ ଓ ପୃଷ୍ଟିକର ଖାଦ୍ୟ ବହୁତ ଭଲ । ଏ କ୍ଷେତ୍ରରେ ଘିଅ, କ୍ଷୀର, ଛେନା, ଖିସ୍‌ମିସ୍ ବା



ଛୋଟମାଛ ବହୁତ ହିତକର । ଦେଶୀଅଣ୍ଡା ଭଲ କିନ୍ତୁ ଏହାକୁ ଦୈନିକ ନଦେଇ ନିୟମିତ ବ୍ୟବଧାନରେ ଦିଅନ୍ତୁ । ଶାରୀରିକ ବ୍ୟାୟାମ ଭାବରେ ସନ୍ତରଣ, ପଦଭ୍ରମଣ, ସାଇକେଲ ଚାଳନା ଖୁବ୍ ଉତମ । କେହି କେହି ଯୋଗାସନ ଭିତରେ ଶ୍ରେଷ୍ଠ କୁହାଯାଉଥିବା ଶୀର୍ଷାସନ ବା ସର୍ବାଙ୍ଗସନକୁ ଗୁରୁତ୍ୱ ଦିଅନ୍ତି କିନ୍ତୁ ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ଆସନ କରିବା ପୂର୍ବରୁ ନିଜ ଶାରୀରିକ କ୍ଷେତ୍ରକୁ ଦେଖନ୍ତୁ । ପିଲାମାନଙ୍କୁ ବର୍ତମାନ ସମୟରେ ଅଭିଭାବକ ମାନେ ବିଭିନ୍ନ ପାଠ୍ୟକ୍ରମ ଓ ଭବିଷ୍ୟତର କର୍ମ ନିଯୁକ୍ତିର ଏକ ସୁନିଶ୍ଚିତ ଯୋଜନାକୁ ଦୃଷ୍ଟିରେ ରଖି ଅନେକ ପାଠ୍ୟକ୍ରମର ଚାପ ସୃଷ୍ଟି କରୁଛନ୍ତି ଯାହାକି ପିଲାଟିର ମାନସିକ କ୍ଷେତ୍ରକୁ ଭାରାକ୍ରାନ୍ତ କରିଥାଏ । ଅଧିକାଂଶ କ୍ଷେତ୍ରରେ ଦେଖାଯାଏ ଶିକ୍ଷାୟତନର ପାଠପଢ଼ାର ଚାପ ଓ ଘରେ ଅଭିଭାବକଙ୍କ ପାଠ ସହ ବ୍ୟକ୍ତିଗତ ଆଚରଣକୁ ନେଇ ଯେଉଁ ମନସ୍ତାତ୍ୱିକ ଚାପ ରହିଥାଏ ଏହା ପିଲାର ମାନସିକ ସନ୍ତୁଳନକୁ ବିଗାଡ଼ି ଦେବାର ସମ୍ଭାବନା ରଖିଥାଏ । ଏସବୁ କ୍ଷେତ୍ରକୁ ଭଲ ଭାବେ ଗୁରୁତ୍ୱ ଦିଅନ୍ତୁ । ତେବେ ଏହି ମନେନରହିବା ଘଟଣାକୁ ଆପଣ ଲକ୍ଷ୍ୟ ରଖିଲେ ଆପଣ ତୁରନ୍ତୁ ମାନସିକ ରୋଗବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ବା ତୁରନ୍ତ ନିକଟସ୍ଥ ସରକାରୀ ଡାକ୍ତରଖାନାର ସୁଯୋଗ ନିଅନ୍ତୁ । କେହି କହି ଇଆଡୁସିଆଡୁ କଥାକହି ତୁଟୁକା ଚିକିତ୍ସା କଥା କହିଲେ ତାଙ୍କୁ ଆପଣ ଏଡ଼ାଇ ଦିଅନ୍ତୁ । କାରଣ ପ୍ରଥମରୁ ମୁଁ କହୁଛି ଏହା ଏକ ରୋଗ ନୁହେଁ ବା ଏହାକୁ ନେଇ ଜଣଙ୍କ ଜୀବନରେ କିଛି ସେପରି କିଛି କ୍ଷତି ବି ହୋଇଯିବ ନାହିଁ । ଖୋଲା ପବନ ରହୁଥିବା ସ୍ୱଚ୍ଛ ପରିବେଶ ସମ୍ପନ୍ନ ସ୍ଥାନରେ କିଛି ସମୟ ନୀରବ ବସନ୍ତୁ । ମୋବାଇଲ, ଲାପ୍‌ଟପ୍, ସୋସିଆଲ ସାଇଟ ଏହାର ବ୍ୟବହାର ଠାରୁ ଦୂରେଇ ରଖିବା ଭଲ । ସବୁଠାରୁ ଉତ୍କୃଷ୍ଟ ହେଉଛି କିଛି ସମୟ ଧ୍ୟାନ କରିବା ଯାହାପାଇଁ ପ୍ରତ୍ୟୁଷର ବ୍ରାହ୍ମ ମୁହୂର୍ତ ବା ସଂନ୍ଧ୍ୟା ସମୟ ଉତମ ମୁହୂର୍ତ । ଜୀବନକୁ ଆଧାତ୍ମିକମୟ କରିବା ବହୁତ ଭଲ । ଭୁଲିଯାଉଥିବା କ୍ଷେତ୍ରକୁ ଦେଖିଲେ କେହି କେହି ରୋଗୀର ମୁଣ୍ଡରେ କିଛି ତେଲ ମାରିବା ପାଇଁ କୁହନ୍ତି । କେହି କେହି ଆଉ କିଛି ଜଡ଼ିବୁଟିର ସାହାର ନିଅନ୍ତି ଏହା ସମ୍ପୂର୍ଣ୍ଣ ରୂପେ ଅନୁଚିତ । ଡାକ୍ତରଙ୍କ ପରାମର୍ଶ ନେଇ ଏକ ଭଲ ଦିନଚର୍ଯ୍ୟା ବିଚାର କରି ସେହିପରି ଜୀବନକୁ ବିତାନ୍ତୁ । ଭଗବାନଙ୍କ ଉପରେ ବିଶ୍ୱାସ ରଖନ୍ତୁ ଏବଂ ସଦାସର୍ବଦା ନାମସ୍ମରଣ କରିବା ଏକ ଭଲ ଅଭ୍ୟାସ । ଦେଖିବେ ଆପଣଙ୍କୁ ଆଉ ଭୁଲାକଡ଼ ବୋଲି କେହି କହିବେ ନାହିଁ ।

*ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ଼, କଟକ, : ୯୧୩୨୪୩୩୩୩୩*

## ସାଇବାଣୀ



✦ ବ୍ୟର୍ଥ ସମୟ ନଷ୍ଟ କର ନାହିଁ, ଅଳସୁଆ ହୁଅ ନାହିଁ, କାମ କର, ପ୍ରଭୁଙ୍କ ନାମ କର ଓ ଶାସ୍ତ୍ର ଅଧ୍ୟୟନ କର ।

✦ କର୍ମହୀନ ବ୍ୟକ୍ତି କିଛି ପାଏ ନାହିଁ ।

✦ ବ୍ୟର୍ଥ ସମୟ ନଷ୍ଟ କର ନାହିଁ, ଅଳସୁଆ ହୁଅ ନାହିଁ, କାମ, କର, ପ୍ରଭୁଙ୍କ ନାମ କର ଓ ଶାସ୍ତ୍ର ଅଧ୍ୟୟନ କର ।

✦ ପୂର୍ବ ଜନ୍ମର ଫଳ ଭୋଗ ନିମନ୍ତେ ମନୁଷ୍ୟ ଜନ୍ମ ନେଇଥାଏ

✦ ପ୍ରାରବ୍ଧ କର୍ମର ଫଳ ଭୋଗିବା ପରେ ହିଁ ମନୁଷ୍ୟ ମୁକ୍ତି ପାଇଥାଏ ।

✦ ସୁଖୀ ହେବାକୁ ହେଲେ ସମସ୍ତ କର୍ମ ନିଷ୍କାମ ଭାବରେ କରି ସ୍ୱଇଛାରେ, ଭକ୍ତି ସହକାରେ ସବୁକିଛି ଭଗବାନଙ୍କ ଉପରେ ଛାଡ଼ିଦେବା ଉଚିତ ।

✦ ମୁକ୍ତି କେବଳ ଭଗବାନଙ୍କ ହାତରେ ଓ ଗୁରୁଙ୍କ ଚରଣରେ ରହିଥାଏ ।

✦ ଦୀନ ଦୁଃଖୀମାନଙ୍କ ନିମନ୍ତେ ସହାନୁଭୂତି ଭାବ ରଖ, ତାକୁ କଷ୍ଟ ଦିଅ ନାହିଁ ଏବଂ ତାକୁ ଘୃଣା କର ନାହିଁ ।

✦ ସର୍ବଦା ଚିନ୍ତାକର, ମୁଁ କିଏ ?

✦ ଯଶ- ଅପଯଶ, ହାନୀ- ଲାଭ, ଜନ୍ମ-ମୃତ୍ୟୁ ଏସବୁ ଭଗବାନଙ୍କ ଲୀଳା ଅଟେ ।


+++

## ସାଧାରଣ ଜ୍ଞାନ

◆ ପଙ୍କଜ କୁମାର ପାଣିଗ୍ରାହୀ

*ପାରିପାର୍ଶ୍ୱିକ ଘଟଣାବଳୀ ଗୁଡିକର ସ୍ମରଣୀକା ପ୍ରବାହ କରିବାରେ ଧୁରନ୍ଧର ମଣିଷକୁ ସାଧାରଣ ଜ୍ଞାନରେ ବିଚକ୍ଷଣ ବୋଲି ବିବେଚିତ କରି ଅନେକ ସାମାଜିକ ଶୀର୍ଷ କ୍ଷେତ୍ରରେ ଅବସ୍ଥାପିତ କରାଯାଇ ଥାଏ ! ହେଲେ ବାସ୍ତବିକ ସାଧାରଣ ଜ୍ଞାନ କ'ଣ କେହି ଜାଣନ୍ତି, ନା ସମୟ ସ୍ରୋତରେ ପ୍ରଚଳିତ ଏହି ଭାବଧାରା ହିଁ ପ୍ରକୃତ ସାଧାରଣ ଜ୍ଞାନ !!*

ଜଣେ ବିଦ୍ୟାର୍ଥୀ ତା'ର ପୋଥିଗତ ଶିକ୍ଷା ବିଷୟ ସହିତ ପାରିପାର୍ଶ୍ୱିକ ଘଟଣାବଳୀ ଗୁଡିକର ପ୍ରଖର ସ୍ମରଣିକା ପ୍ରବାହ କରିବାରେ ସାମର୍ଥ୍ୟ ଅର୍ଜନ କରିପାରିଲେ ସେ ସାଧାରଣ ଜ୍ଞାନର ପ୍ରଚଣ୍ଡ ଅଧିକାରୀ ବୋଲି ଗ୍ରହଣ କରାଯିବା ସହିତ ତାକୁ କୌଣସି ସାମାଜିକ ବ୍ୟବସ୍ଥାର ଶୀର୍ଷ କ୍ଷେତ୍ରରେ ଅବସ୍ଥାପିତ କରିବା ପ୍ରାବଧାନ ରଖିଅଛି ଆମ ଦେଶର ସମ୍ବିଧାନ । ପ୍ରକୃତରେ ତାହା ସାଧାରଣ ଜ୍ଞାନ ଅନ୍ତର୍ଭୁକ୍ତ ନା ସାଧାରଣ ଜ୍ଞାନର ଆଉ କିଛି ବାସ୍ତବତା, ସତ୍ୟତା ରହିଛି ତାହାରି ଉପରେ କାହାର ଅନୁଶୀଳନ, ତର୍ଜମା ମୂଳକ ନିରୀକ୍ଷଣ ନାହିଁ ! କେବଳ ବ୍ରିଟିଶ ମାନଙ୍କ ଦ୍ୱାରା ପ୍ରଚଳିତ ଏହି ପ୍ରଥାକୁ ଆମେ ଅଦ୍ୟାବଧି ଅନୁକରଣ କରି ଚାଲିଥିବା ବେଳେ ଭାରତୀୟ ସଂସ୍କୃତି ଅନୁଯାୟୀ ସାଧାରଣ ଜ୍ଞାନର ସଜ୍ଞା ଭିନ୍ନ । କିନ୍ତୁ ଯେହେତୁ ଆମ ପୂର୍ବଜମାନେ ବ୍ରିଟିଶ ବ୍ୟବସ୍ଥା ସହିତ ପୂର୍ବରୁ ଓତପ୍ରୋତଃ ଭାବେ ଜଡିତ ଥିଲେ ତେଣୁ ସେମାନଙ୍କୁ ସମ୍ମାନ ପ୍ରଦର୍ଶନ ପୂର୍ବକ ଅଦ୍ୟାବଧି ଆମେ ସେହି ବ୍ରିଟିଶ ବ୍ୟବସ୍ଥାକୁ ଭୁଲିପାରୁ ନାହୁଁ । ଭାରତୀୟ ସଂସ୍କୃତି ଚୂଲିକୁ ଗଲେ ମଧ୍ୟ ବ୍ରିଟିଶଙ୍କୁ ସମ୍ମାନ ପ୍ରଦର୍ଶନ କରି ଜୀବନ ଅତିବାହିତ କରାଯିବା ଏକପ୍ରକାର ଆମ ଜିନ୍‌ରେ ମିଳାଇ ଗଲାଣି ! ତେଣୁ ଆମେ ଆଉ ସେହି ବ୍ୟବସ୍ଥାକୁ ପରିବର୍ତନ କରି ଭାରତୀୟ ମନୋଭାବକୁ ଆପଣେଇ ନେବା ସମ୍ଭବ ଭଳି ମନେ ହେଉନାହିଁ ଆମର । ବ୍ରିଟିଶ ବ୍ୟବସ୍ଥା ଭାରତୀୟ ସଂସ୍କୃତି ତୁଳନାତ୍ମକ ଉତମ କି ଏହା ଆମର ନିର୍ବୋଧତାର ପରିଚିତି ବିଚାର କରନ୍ତୁ ସୃଜନେ.....! ମାନବବାଦର ଦାର୍ଶନିକ ତତ୍ତ୍ୱରେ ଭରପୁର ଭାରତବର୍ଷର ସଂସ୍କୃତି ପୃଥିବୀର କୌଣସି ସ୍ଥାନରେ ଦେଖାଯିବ ନାହିଁ । ତେଣୁ ଭାରତରେ କୌଣସି ବୈଜ୍ଞାନିକ ଏବଂ ବ୍ୟବସାୟିକ ପଦ୍ଧତିର ଉଦ୍ଭାବନ / ଆବିଷ୍କାର ହୋଇନଥିଲେ ମଧ୍ୟ ପୃଥିବୀର କୋଣ ଅନୁକୋଣରେ ପରିଚିତ ଆମ ଦେଶ ତାହାର ସାଂସ୍କୃତିକ ଭାବଧାରାକୁ ନେଇ । ଏକଥା ସତ୍ୟଯେ ଆମେ ପ୍ରାୟତଃ ସମସ୍ତ ବୈଜ୍ଞାନିକ ପ୍ରୟୋଗ ବିଦେଶରୁ ଶିକ୍ଷା କରିଛୁ । ହେଲେ ଆମ ଦେଶ ସଂସ୍କୃତି , ସଂସ୍କାର କୋଉଠି ନାହିଁ । କିନ୍ତୁ ଭାରତରେ ବ୍ରିଟିଶ ପ୍ରବେଶ ପରବର୍ତୀ ଯେଉଁସବୁ ପରିବର୍ତନ ଲକ୍ଷ କରା ଯାଉଅଛି ପ୍ରାୟତଃ ଆମ ପୂର୍ବଜଙ୍କ ସବୁ ସଂସ୍କାରକୁ ଜାଳିପୋଡ଼ି ପାଉଁଶ କରି ସାରିଲାଣି ଯାହା ସମସ୍ତଙ୍କୁ ଗୋଚର । ହେଲେ ବ୍ରିଟିଶ ସମ୍ବିଧାନର ନକଲ ବର୍ତମାନର ପ୍ରଚଳିତ ଭାରତୀୟ ସମ୍ବିଧାନ କ'ଣ ଆଉ କେବେ ଆମ ପୂର୍ବ ସ୍ମୃତି ଫେରାଇ ଆଣି ପାରିବ ? ସନ୍ଦେହ !! ମାନବିୟ ମନସ୍ତାତ୍ୱିକ ଅବଚେତନ ଜ୍ଞାନ ବହିର୍ଭୂତ ବ୍ରିଟିଶ,







ଅନେକ ବୈଜ୍ଞାନିକ, ବ୍ୟବସାୟୀକ ଗୁଣରେ ଆମଠାରୁ ଉର୍ଦ୍ଧରେ ଥିଲେ ମଧ୍ୟ ସାମାଜିକ ସଂସ୍କାର, ମାନବିକ ଭାବଧାରା ସେମାନଙ୍କ ଶୂନ୍ୟ । ତେଣୁ ପ୍ରେତ୍ୟେକ କାର୍ଯ୍ୟଧାରା କେବଳ ସ୍ୱାର୍ଥ ସଂଯୋଜିତ ଏବଂ ବ୍ୟବସାୟୀକ ଭିତିରେ କରିଥା'ନ୍ତି ସେମାନେ । ସେମାନଙ୍କ ଦ୍ୱାରା ନିୟୋଜିତ ସାମାଜିକ ଶିର୍ଶକ୍ଷେତ୍ରର ସେବକ ମାନଙ୍କୁ ସେମାନଙ୍କ ଆବଶ୍ୟକ ମୁତାବକ ନିୟୋଜିତ କରୁଥିଲେ ଯେଉଁ ପ୍ରଥା ଆଜିପର୍ଯ୍ୟନ୍ତ ଆମ ଦେଶରେ ପ୍ରଚଳିତ ହୋଇ ଆସୁଅଛି । ସେମାନଙ୍କ ଇଛା ମୁତାବକ ଯିଏ ଆବଶ୍ୟକ ସମୟରେ ଉପସ୍ଥିତ ବୁଦ୍ଧି ଚାଳନା କରି ଦମନ ଲୀଳାରେ କୃତକାର୍ଯ୍ୟ ହୋଇ ପାରିବ ସେହିଁ ବ୍ୟବସ୍ଥାର ଶୀର୍ଷ କ୍ଷେତ୍ରରେ ରହି ସେମାନଙ୍କ ତତ୍ୱାବଧାନରେ କାର୍ଯ୍ୟ କରିବାର ସୁଯୋଗ ପାଇବ ! ଅର୍ଥାତ କ୍ଷିପ୍ର ବୁଦ୍ଧି ସାଙ୍ଗକୁ ପ୍ରଖର ଅମାନବୀୟ ଚରିତ୍ର, ଚେହେରା ଥିବା ମଣିଷ ମାନଙ୍କୁ ପରଖି ନିଯୁକ୍ତି ଦିଆ ଯାଉଥିଲା ! ସେମାନେ ସମୟରେ ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି ସାଧାରଣ ଲୋକଙ୍କୁ ଦମନ କରି ଖଜଣା ଆଦାୟ ଠାରୁ ଆରମ୍ଭ କରି ଶାସନର ଗୁଲାମ କରି ରଖିବାରେ ଯଥେଷ୍ଟ ସାହାଯ୍ୟ କରୁଥିଲେ । ଆଜି ମଧ୍ୟ ଅନୁରୂପ ପଦ୍ଧତିରେ ପ୍ରଶାସନିକ କ୍ଷେତ୍ରର ମଣିଷ ମାନଙ୍କୁ ଚୟନ କରାଯିବା ଆବଶ୍ୟକତା / ଉଦେଶ୍ୟ କ'ଣ ଆମ ଜ୍ଞାତ ବହିର୍ଭୂତ ବିଷୟ ! ଯଦି ଏହି ପ୍ରକ୍ରିୟା ହିଁ ଶ୍ରେୟ ତାହେଲେ ସମାଜର ସର୍ବୋଚ୍ଚ ସ୍ଥାନିତ କରାଯାଉଥିବା ଶାସନ କ୍ଷମତାଧାରୀଙ୍କୁ ଅନୁରୂପ ପ୍ରକ୍ରିୟାରେ ଚୟନ କରାନଯିବା ପଛର ରହସ୍ୟ କ'ଣ ? ଭାରତୀୟ ସଂସ୍କୃତି, ସଂସ୍କାର ଅନୁଯାୟୀ ମାନବୀୟ ଅବଚେତନ ଜ୍ଞାନ ତଥା ସାମାଜିକ ସଂସ୍କାରରେ ବ୍ରତୀ ମଣିଷଙ୍କୁ ଜ୍ଞାନୀ ଭାବେ ଗ୍ରହଣ କରାଯାଉଥିଲା । ସେମାନଙ୍କୁ ସାଧାରଣରେ ଜ୍ଞାନୀ ଭାବେ ସମାଜରେ ଗ୍ରହଣ କରାଯିବା ସାଙ୍ଗକୁ ସେମାନଙ୍କ ପ୍ରେରଣାରେ ସାମାଜିକ ପରିବର୍ତନ ତଥା ସାମାଜିକ ସୁଧାର ଅଣାଯାଇ ପାରିବ ବୋଲି ଆମ ବିଚାର ଥିଲା ! ମାନବିକ ଚରିତ୍ର ଥିବା ଲୋକଙ୍କ ସାମାଜିକ ସମ୍ମାନ ଯଥେଷ୍ଟ ଉର୍ଦ୍ଧରେ ରହିଥିଲା । ଆଜି କିନ୍ତୁ ଆଉ ସେସବୁ ବିଷୟ କାହାର ମନ ମାନସରେ ନାହିଁ । ସମସ୍ତେ ବ୍ୟବସ୍ଥା ସହିତ ନିଜକୁ ଯୋଡ଼ିଦେଇ ଯାହା ହେଉଛି ଚାଲୁ ବୋଲି ବିଚାର ରଖିଛନ୍ତି ! ଅତଏବ ଶିକ୍ଷାର ପ୍ରମାଣପତ୍ର ଟିଏ ଯୋଗାଡ଼ କରିଦେଲେ, ସମାଜରେ ଶୀର୍ଷ କ୍ଷେତ୍ର ସ୍ଥାନିତ ହେବା ବ୍ୟବସ୍ଥାକୁ ଏକ ରକମ ବ୍ୟବସାୟୀକ ଭିତିରେ ବିନିଯୋଗ କରି ପରିଚାଳିତ ବ୍ୟବସ୍ଥା ବିଷୟ ଭାବିଲେ ଅତ୍ୟନ୍ତ ଆଶ୍ଚର୍ଯ୍ୟାନ୍ୱିତ ଲାଗୁଛି ! କି ବ୍ୟବସ୍ଥା ଆମ ଦେଶର ! ସମସ୍ତେ ଏକ ଦିଗମୁଖୀ ହୋଇ ନିଜକୁ ନିଜେ ପ୍ରତାରିତ କରିବାରେ ବ୍ରତୀ ! ପ୍ରକୃତ ମାନବିକ ସାଧାରଣ ଜ୍ଞାନରେ ଭରପୁର ବିଚକ୍ଷଣ ମଣିଷ ମାନଙ୍କୁ ଶାସନ, ପ୍ରଶାସନିକ କ୍ଷେତ୍ରରେ ଯୋଡି ଦେଶର ଶାସନଭାର ପ୍ରଦାନ କରାଗଲେ ରାଷ୍ଟ୍ରର ପ୍ରକୃତ ଉନ୍ନତି ସାଧିତ ହୋଇପାରିବ । ବ୍ରିଟିଶ ବ୍ୟବସ୍ଥାର ଅନୁକରଣ କରି ଚାଲିଥିବା ଉପସ୍ଥିତ ବ୍ୟବସ୍ଥା କୌଣସିମତେ ଗ୍ରହଣୀୟ ନୁହେଁ । କାରଣ ଏହି ବ୍ୟବସ୍ଥାରେ ବାସ୍ତବତା କମ୍, ଛଳନାତ୍ମକ ମୂଲ୍ୟାୟନ ଯଥେଷ୍ଟ ସମ୍ଭବ ! କେବଳ ଶିକ୍ଷାଗତ ପ୍ରମାଣପତ୍ର ଜଣେ ମଣିଷକୁ ମାନବୀୟ ବିଚାରଶୀଳ କରିପାରିବ ନାହିଁ । ତେଣୁ ପ୍ରମାଣପତ୍ର ମାଧ୍ୟମରେ ଗ୍ରହଣ କରାଯାଉଥିବା ପ୍ରଶାସନିକ ବ୍ୟବସ୍ଥାର ପରିବର୍ତନ ଯଥେଷ୍ଟ ଆଶ୍ୟକତା ରହିଛି ଯାହା ଆମ ଭାବ ବହିର୍ଭୂତ ଅବସ୍ଥାରେ ଅଦ୍ୟାବଧି ପ୍ରଚଳିତ ସେହି ପୁରାତନ ବ୍ୟବସ୍ଥାର ସମାପ୍ତି ନିତାନ୍ତ ଜରୁରୀ । ଏହି ବ୍ରିଟିଶ ବ୍ୟବସ୍ଥାର ଅନ୍ତ କରି ଭାରତୀୟ ସାଂସ୍କୃତିକ ବିଚାରଧାରା ଉପରେ ଆଧାରିତ ସମ୍ବିଧାନ ଏବଂ ସାମ୍ବିଧାନିକ ଆଇନ ପ୍ରଣୟନ କରାଗଲେ ପ୍ରକୃତ ଜ୍ଞାନୀ ମାନଙ୍କୁ ସାମାଜିକ ଦାଇତ୍ୱ ମିଳିବା ସହିତ ଆମ ଦେଶର ପୂର୍ବ ଗୌରବ ଫେରି ଆସିବ ବୋଲି ଆମ ବିଶ୍ୱାରରେ ଆପଣଙ୍କ ମତବ୍ୟକ୍ତ କରିବେ ବୋଲି ଆଶା। ଧନ୍ୟବାଦ ।

*ସୋସିଆଲ ଫୋରମ (ଭାରତ)ଛତ୍ରପୁର, ଗଂଜାମ. ମୋ-୯୪୩୭୩୨୪୯୧୭*







# ପରିଜା ସାହେବ

◆ ଅକ୍ଷୟ କୁମାର ରାଉତ

ଯେଉଁ ବିଶ୍ୱବିଖ୍ୟାତ ବୈଜ୍ଞାନିକଗଣ ନିଜରମହାନ୍ ଅବଦାନ ଦ୍ୱାରାବିଜ୍ଞାନ ଜଗତକୁ ଋଦ୍ଧିମନ୍ତ କରି ମାନବ ସମାଜକୁ ବିପୁଳ ଜ୍ଞାନାଲୋକରେ ଉଦ୍ଭାସିତ କରିଯାଇଛନ୍ତି । ସେମାନଙ୍କମଧ୍ୟରେବାପ ମା' ଛେଉଣ୍ଡ ନିପଟ ମଫସଲଗାଁର ଦରିଦ୍ର ଓଡ଼ିଆ ପିଲା ପ୍ରାଣକୃଷ୍ଣ ପରିଜା ନିଜଗୋଡରେ ଠିଆ ହୋଇ କ୍ରେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରେ ଗବେଷଣା କରି ବିଶ୍ୱବିଖ୍ୟାତ ବୈଜ୍ଞାନିକ ହେବାରଗୌରବ ଅର୍ଜନ କରିଥିଲେ । ପ୍ରାଣକୃଷ୍ଣ ପରିଜା ଆଦିକବିଶାରଳା ଦାସଙ୍କବଂଶଜ ପରିଡାବଂଶସାରୋଳଗ୍ରାମରୁ ଯାଇ ଜଗତ୍ସିଂହପୁରରଖେରସ ଓ ବାଲିକୁଦାର ଇଛାପୁରଗ୍ରାମରେବସତିସ୍ଥାପନ କରିଥିଲେ । କ୍ରମେ ପରିଡାବଂଶରଲୋକେ ପରିଜାସାଞ୍ଜିଆରେ ପରିଚିତ ହେଲେ । ୧୮୯୧ ମସିହାଏପ୍ରିଲ ପହିଲାତାରିଖଦିନ ପ୍ରାଣକୃଷ୍ଣ ଇଛାପୁର ଗ୍ରାମର ବିଶ୍ୱନାଥ ପରିଜା ଓ ଜୟନ୍ତି ପରିଜାଙ୍କ ପୁତ୍ରରୂପେ ଜନ୍ମଗ୍ରହଣ କରିଥିଲେ । ବିଶ୍ୱନାଥ ପରିଜା ପାଠ ପଢ଼ି ନଥିବାରୁମୟୁରଭଂଜରେ ଫରେଷ୍ଟଗାର୍ଡରୂପେ କାର୍ଯ୍ୟ କରୁଥିଲେ । ତେଣୁ ପ୍ରାଣକୃଷ୍ଣ ଗାଁଚାହାଳିରେ ନିଜର ପଢ଼ା ଆରମ୍ଭ କରିଥିଲେ । ଦିନଯାକ ଚାହାଳିରେ ପ୍ରାଣକୃଷ୍ଣ ପାଠ ପଢ଼ନ୍ତି ଓ ରାତିରେ ଭାଗବତଟୁଙ୍ଗୀରୁ ମହାଭାରତ, ରାମାୟଣ ଓ ଭାଗବତ ଶୁଣନ୍ତି । ଏହି ପୁରାଣର କାହାଣୀ ଗୁଡିକ ପ୍ରାଣକୃଷ୍ଣଙ୍କ ଉପରେ ବହୁତ ପ୍ରଭାବ ପକାଇଥିଲା । ଚାହାଳି ପାଠ ପଢ଼ା ଶେଷ ହେବା ପରେତାଙ୍କମା ପ୍ରାଣକୃଷ୍ଣଙ୍କୁ ତାଙ୍କର ଧର୍ମମଉସା ଉଦୟନାଥ ପାଖକୁଚାକିରି ପାଇଁ ପଠାଇଦେଲେ । ମଉସା ଉଦୟନାଥ ଜଗତ୍ସିଂହପୁରର ଲାଲ ବଂଶୀୟ ମାନଙ୍କ ଜମିଦାରୀ ଅଧିନରେ ତହସିଲଦାର ରୂପେ କାର୍ଯ୍ୟ କରୁଥିଲେ । ପ୍ରାଣକୃଷ୍ଣ ଜମୀଦାରୀ କାଗଜପତ୍ର କାମସାଙ୍ଗଙ୍କ କଚେରୀରେ କାମଶିଖନ୍ତି ଓ ନିଜେ ରୋଷେଇ କରିଖାଆନ୍ତି । ବାପା ମୟୁରଭଂଜରୁ ଘରକୁ ଆସି ପ୍ରାଣକୃଷ୍ଣଙ୍କୁ ୧୯୦୧ ମସିହାରେ ବାଲିକୁଦା ମାଇନରସ୍କୁଲରେ ନାମ ଲେଖାଇ ଦେଲେ । ସେଠାରେ ପ୍ରାଣକୃଷ୍ଣ ମନ ଲଗାଇ ପାଠପଢ଼ିଲେ । ଏହି ସମୟରେ ତାଙ୍କର ପିତା ଆର ପାରିକୁଚାଲିଗଲେ । ମାଜୟନ୍ତି ଦେବୀସ୍ୱାମୀଙ୍କୁଝୁରିଝୁରି ଆଖି ବୁଜିଦେଲେ । ପ୍ରାଣକୃଷ୍ଣ ହୋଇଗଲେ ଅନାଥ ବାପାମାଛେଉଣ୍ଡ ପିଲା । ତାଙ୍କ ବାପାଙ୍କ ଦାଦା ରଘୁନାଥ ପ୍ରାଣକୃଷ୍ଣଙ୍କ ଲାଳନପାଳନ ଓ ପାଠପଢ଼ାର ଦାୟିତ୍ୱ ନେଲେ । ପାଠ ପଢ଼ିବା ପାଇଁ ପ୍ରତିଦିନ ପ୍ରାଣକୃଷ୍ଣଙ୍କୁ ୪ ମାଇଲ ଚାଲିବାକୁ ପଡୁଥିଲା । ୧୯୦୪ ମସିହାରେ ପ୍ରାଣକୃଷ୍ଣ ମଧ୍ୟ ଇଂରାଜୀ ପାଠ ଶେଷ କରିଥିଲେ । ପରୀକ୍ଷାରେ ସାରା ଓଡିଶାରେ ପ୍ରଥମ ହୋଇ ଚାରିଟଙ୍କା ବୃତି ପାଇଲେ । ଆଖପାଖରେ କେଉଁଠିହାଇସ୍କୁଲ ନଥିବାରୁ ଜେଜେ ପ୍ରାଣକୃଷ୍ଣ ନାମ କଟକ ରେଭେନ୍ସା କଲେଜିଏଟ୍ ସ୍କୁଲର ଲେଖାଇ ଦେଲେ । ଗାଁରୁ କଟକ ଯିବା ଆସିବା କରିବା ପାଇଁ ସେତେବେଳ ବିଷେଶ କିଛି ସୁବିଧା ନଥିଲା । ବିଦ୍ୟାଳୟ ଛୁଟିହେଲେ ପ୍ରାଣକୃଷ୍ଣ ପ୍ରାୟ ୩୪ ମାଇଲବାଟ ଚାଲି ଚାଲି ଆସନ୍ତି ଓ ଯାଆନ୍ତି । ପ୍ରାଣକୃଷ୍ଣ ବାଟୋଇ ମାନଙ୍କ ସହିତରାତ୍ରିଯାପନ କରନ୍ତି ଚଟି ଘରେ । ସେବାବଦକୁମାଲିକକୁ ଛ' ପଇସା ଦିଅନ୍ତି । ଚଟିଘରେ ଯାତ୍ରୀ ମାନେ ରୋଷେଇକରନ୍ତି ଓ ଖିଆପିଆ ସାରି ଶୋଇପଡନ୍ତି । ପ୍ରାଣକୃଷ୍ଣଙ୍କ ଘରଠାରୁ ରେଭେନ୍ସା କଲେଜିଏଟ୍ ସ୍କୁଲ ପର୍ଯ୍ୟନ୍ତ ୬ଟି ଚଟିଘର ଥାଏ ଯାତ୍ରୀଙ୍କବିଶ୍ରାମ ନିମନ୍ତେ । ସ୍କୁଲରେ ପଢ଼ିବା ସମୟରେ ପ୍ରାଣକୃଷ୍ଣ ପ୍ୟାଂଟ୍ ବଦଳରେତନ୍ତବୁଣା ଖଦୀ ପିନ୍ଧିଥାନ୍ତି ଓ ଚଦରଟିଏବେକରେ ପକାଇ ଥାଆନ୍ତି । ବିଦ୍ୟାଳୟରେ ପ୍ରାଣକୃଷ୍ଣଙ୍କ ଏହିପରି ପରିଧାନ ନେଇ ପଣ୍ଡିତ ମହାଶୟ କହିଲେତୁ ଦିନେ ବଡମଣିଷ ହେବୁ । ଭବିଷ୍ୟତରେତାଙ୍କ ପଣ୍ଡିତଙ୍କ କଥା ସତରେ ପରିଣତ ହେଲା । ପତ୍ରପତ୍ରିକାରେ ପ୍ରବନ୍ଧ ଲେଖି ସେ ଚାରିଶହଟଙ୍କ ପୁରସ୍କାର ପାଇଥିଲେ । ଏହି ଟଙ୍କାର ମୂଲ୍ୟ ସେତେବେଳେ ଖୁବ୍‌ବେଶୀ । ଶେଷରେସେହାଇସ୍କୁଲ ପରୀକ୍ଷାରେ ଓଡ଼ିଶାରେ ପ୍ରଥମ ହୋଇ ପାସ୍‌କଲେ । ତେଣୁତାଙ୍କୁମାସିକ ୨୦ ଟଙ୍କା ସରକାରୀବୃତିମିଳିଲା । ରେଭେନ୍ସା କଲେଜରେସେ ଆଇ. ଏସ୍‌ସି ପାସ୍ କଲେ । ରେଭେନ୍ସା କଲେଜରେ ବି.ଏସ୍‌ସି. ନଥିବାରୁ କଲିକତାର ପ୍ରେସିଡେନସି କଲେଜରେ ବି.ଏସ୍‌ସି ପାଠ ପଢ଼ିଲେ । ଚଳିବା ପାଇଁ ଅର୍ଥର ଅବଶ୍ୟକତାରୁ ସେ କଲିକତାରେ ଟିଉସନ୍‌କଲେ । ବି.ଏସ୍‌ସି ପାସ୍ ପରେଏମ.ଏସ୍‌ସି. ପଢ଼ିଲେ । ପ୍ରାଣକୃଷ୍ଣ ଏମ୍.ଏସ୍.ସି.ରେ ପାସ୍‌କରିପାରିଲେ ନାହିଁ । ଏହାଥିଲା ତାଙ୍କ ଜୀବନର ପ୍ରଥମ ବିଫଳତା । ପ୍ରାଣକୃଷ୍ଣ ବିହାର - ଓଡ଼ିଶାଛାତ୍ରବୃତି ପାଇ ବିଲାତ ପଢ଼ିବାକୁଗଲେ । କେମ୍ବ୍ରିଜ୍‌ବିଶ୍ୱବିଦ୍ୟାଳୟ ଅଧିନ ସ୍କ୍ରାଏଷ୍ଟ କଲେଜରେ ଉଦ୍ଭିଦ ବିଜ୍ଞାନ ପଢ଼ିଲେ । ଉଦ୍ଭିଦ ବିଜ୍ଞାନରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ପାସ୍‌କରିଥିବାରୁତାଙ୍କୁ ଗବେଷଣା ପାଇଁ ଛାତ୍ର ବୃତିମିଳିଥିଲା । ପ୍ରାଣକୃଷ୍ଣ ଅଧ୍ୟାପକ ବ୍ଲାକ୍‌ମ୍ୟାନ୍‌ଙ୍କ ଅଧୀନରେ ଚେରିଲ ପତ୍ର ଉପରେ ଗବେଷଣା କଲେ । ଗଛର ଶ୍ୱାସକ୍ରିୟାଉପରେସେଯେଉଁ ନୂଆତତ୍ତ୍ୱ ବାହାର କଲେ ତାହା 'ପରିଜା-ବ୍ଲାକ୍‌ମ୍ୟାନ' ଥିଓରିଭାବେ ପରିଚିତ । ଏହାପରେସେ ପୃଥିବୀର ଖ୍ୟାତନାମାବୈଜ୍ଞାନିକହୋଇଗଲେ । ବିଲାତରେ ସାତ ବର୍ଷକାଳ ସାହେବ ମାନଙ୍କ ମେଳରେ ରହି ସେମାନଙ୍କ ଠାରୁ ଭଲ ଗୁଣ ଗ୍ରହଣ କରିଥିଲେ । ଗାଁରୁ ଶିଖିଥିବା ଦୟା, କ୍ଷମା, ସରଳତା ଓ ସାଧୁତା ସାଙ୍ଗରେ ବିଲାତର ଭଲଗୁଣଗୁଡିକମିଶିଯିବାରୁସେ ଏକ ନୂଆମଣିଷ ପାଲଟି ଗଲେ । ନାମ ହେଲା 'ପରିଜାସାହେବ' । ପରିଜା ସାହେବ ରେଭେନ୍ସା କଲେଜରେ ଉଦ୍ଭିଦ ବିଜ୍ଞାନରେମୁଖ୍ୟ ଅଧ୍ୟାପକରୂପେ ଯୋଗ ଦେଲେ । ତାଙ୍କ ଚେଷ୍ଟାରୁ ରେଭେନ୍ସାକଲେଜରଉଦ୍ଭିଦ ବିଜ୍ଞାନ ବିଭାଗ ସମଗ୍ର ଭାରତବର୍ଷରେ ଗବେଷଣାର କେନ୍ଦ୍ରସ୍ଥଳୀ ପାଲଟିଗଲା । ବିଭିନ୍ନ ପ୍ରକାର ଦଳ ଉପରେ ଗବେଷଣାକରିସେ ଅନେକ ନୂଆ କଥା ବାହାରକରିଥିଲେ । ମରୁଡି, ବନ୍ୟା ଓ ଲୁଣିପାଣି ଯୋଗୁଁବହୁ ସମୟରେ ଧାନ ଫସଲ ନଷ୍ଟ ହୋଇ ଯାଇ ଥାଏ । ଧାନ ଉପରେଗବେଷଣା କରିସେ ବହୁ ନୂଆ ତତ୍ତ୍ୱ ବାହାର କଲେ । ଅଳ୍ପଦିନ ମଧ୍ୟରେସେ ପ୍ରଖ୍ୟାତ ବୈଜ୍ଞାନିକ ହୋଇଗଲେ । ମହାନ୍ ବୈଜ୍ଞାନିକ ପରିଜା ସାହେବ ବାଲିପାଟଣାଗାଁର ଗୌରାଙ୍ଗ ଚରଣ କାନୁନ୍‌ଗୋଙ୍କ ବଡ଼ଝିଅ ସୁନ୍ଦରମଣିଙ୍କୁବିବାହକଲେ । ସୁନ୍ଦରମଣି ଅଳ୍ପ ପାଠ ପଢ଼ିଥିବାରୁ ତାଙ୍କୁ ପାଠପଢ଼ାଇ ଠିକ୍‌ଓଡ଼ିଆ ଘରର ବୋହୂ ପରିଗଢ଼ି ଦେଲେ । ବାହାରକୁଗଲେ ପରିଜା ସାହେବ ଯାଆନ୍ତିଠିକ୍ ସାହେବ ପରିଧାନରେ କିନ୍ତୁ ସୁନ୍ଦରମଣି ଯାଉଥିଲେ ଖାଂଟିଓଡ଼ିଆଣୀପୋଷାକ ପିନ୍ଧି । ଘରର ଚଳଣି ଓ ଖାଦ୍ୟପେୟ ଠିକ୍ ଓଡିଆର ଦହିପଖାଳ, ଶାଗ, ବଡ଼ି, କାଁପାଣି, ଚକୁଳି, ପିଠା । ସେକେବେ ନିଜଗାଁର ପାଣିପବନ ଓ ଓଡ଼ିଆର ସଂସ୍କୃତି ଓ ପରମ୍ପରାକୁ ଭୁଲନ୍ତି ନାହିଁ । ରେଭେନ୍ସାକଲେଜରେ ଅଧାପକରୁ ଅଧ୍ୟକ୍ଷ ପଦ ଅଳଙ୍କୃତ କରି ଥିଲେ । ଅଧ୍ୟକ୍ଷ ପଦରୁ ଯାଇ ଉତ୍କଳ ବିଶ୍ୱ ବିଦ୍ୟାଳୟର କୁଳପତି ପଦରେ ବସିଲେ । ବିଭିନ୍ନସମୟରେସେ କୁଳପତି ରୂପେ ଦୀର୍ଘ ୧୮ ବର୍ଷ କାର୍ଯ୍ୟ କରିଥିଲେ । ବନାରସ 'ହିନ୍ଦୁ' ବିଶ୍ୱବିଦ୍ୟାଳୟର ଉପକୁଳପତି ପଦରେ କିଛି କାଳ କାର୍ଯ୍ୟକରିଥିଲେ । ସେକୁଳପତି ପାଇଁ ମନୋନିତ ହୋଇ ମଧ୍ୟ ହୋଇ ପାରିଲେ ନାହିଁ । କାରଣ ସେହିନ୍ଦିଭାଷାଭାଷୀ ଅଂଚଳର ଲୋକ ନଥିଲେ । ବନାରସରୁ ଫେରି ପରିଜାସାହେବ ନିଜ ଗାଁଇଛାପୁରରେ ରହି ଲୋକ ମାନଙ୍କରସୁବିଧା ଓ ଅସୁବିଧା ବୁଝିଲେ । ବାଲିକୁଦାରୁସ୍ୱାଧୀନ ପ୍ରାର୍ଥୀ ରୂପେ ଠିଆ ହୋଇ ବିଜୟ ଲାଭ କରି ବିଧାୟକହେଲେ । ସଭା ସମିତି ହେଉବା ଘର କାର୍ଯ୍ୟ ହେଉ ସବୁ କାମରେ ସେ ଥିଲେସମୟ ଅନୁବର୍ତ୍ତିତା । ଠିକ ସମୟରେ ଠିକ୍‌କାମସର୍ବଦା କରୁଥିଲେ । ସଦାସର୍ବଦା ପରିଜା ସାହେବ ନିଜକାମ ନିଜେକରୁଥିଲେ । ସେ କୌଣସି କାର୍ଯ୍ୟ ପାଇଁ କାହା ଉପରେ ନିର୍ଭର କରୁନଥିଲେ । ଜଣେ ବୈଜ୍ଞାନିକ ହେଲେ ବି ରାମାୟଣ, ମହାଭାରତ, ଭାଗବତ ଆଦି ବିଭିନ୍ନ ପୁରାଣ ଓ ଇତିହାସ ପାଠ କରୁଥିଲେ । ସେ ଥିଲେ ଜ୍ଞାନର ପ୍ରତୀକ । ସେ ମେଧାବୀଛାତ୍ର ମାନଙ୍କୁ ନିଜ ଦରମାରୁ ସାହାଯ୍ୟ କରୁଥିଲେ । କୌଣସିଛାତ୍ର ଅସୁବିଧାରେ ପଡ଼ିଲେ ପରିଜା ସାହେବ ସାହାଯ୍ୟ କରୁଥିଲେ । ନିଜ ଦେହ କଥା ପଛକୁ ରଖି କର୍ତବ୍ୟକୁ ସେ ପ୍ରଥମ ସ୍ଥାନ ଦେଉ ଥିଲେ । ତାଙ୍କର ସହକର୍ମୀ ତଥା ବନ୍ଧୁମାନେ ସେଥିପାଇଁ ଭାବନ୍ତି ପରିଜା ସାହେବମଣିଷ ନା ଦେବତା । ସେକୁଳପତି ପଦବୀ ଠାରୁ ପଦ୍ମଭୂଷଣ ଉପାଧି ଯାଏଁ ଅନେକ ସମ୍ମାନ ପାଇଛନ୍ତି । ସେଥିରେ ପ୍ରଥମ ଓଡ଼ିଆ ଯେ ଭାରତୀୟ ବିଜ୍ଞାନ କଂଗ୍ରେସରସଭାପତି ପଦ ମଣ୍ଡନ କରିଥିଲେ । ଆଗେ ତ ସୁନ୍ଦର ମଣି ଯାଇଥିଲେ ତାପରେ ସେହି ମହାନ୍ ବୈଜ୍ଞାନିକ ୧୯୭୯ ମସିହା ଜୁନ୍ ମାସ ୨ ତାରିଖରେ ଶୁକ୍ରବାର ସକାଳ ୧୧.୫୫ ମିନିଟ୍‌ରେ ଚିର ନିଦ୍ରାରେ ଶୋଇଗଲେ ।



ତିରୋଧାନ ଦିବସ ଅବସରରେ

*ପାରାଦ୍ୱୀପଗଡ଼, କୁଜଙ୍ଗ, ଜଗତ୍ସିଂହପୁର- ୯୯୩୭୬୯୧୪୭୫*

# ପ୍ରାଣକୃଷ୍ଣ ପରିଜା : ଓଡ଼ିଶାର ପ୍ରଥମ ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି

୧୯୪୩ ମସିହାରେ ତତ୍କାଳୀନ ରେଭେନ୍ସା ମହାବିଦ୍ୟାଳୟ ପରିସରରେ ଜନ୍ମ ନେଇଥିଲା ଉତ୍କଳ ବିଶ୍ୱବିଦ୍ୟାଳୟ । ୧୯୪୩-୪୮ ପର୍ଯ୍ୟନ୍ତ ଏହାର ପ୍ରଥମ କୁଳପତି ଆସନ ଅଳଙ୍କୃତ କରିଥିବା ମହାନ୍ ଓଡ଼ିଆ ଜଣକ ହେଉଛନ୍ତି ଉଦ୍ଭିଦ ବିଜ୍ଞାନୀ ପ୍ରଫେସର ପ୍ରାଣକୃଷ୍ଣ ପରିଜା । ପ୍ରଫେସର ପରିଜା ହିଁ ଓଡ଼ିଶାର ଏହି ପ୍ରଥମ ବିଶ୍ୱବିଦ୍ୟାଳୟର ଲାଳନପାଳନ ଦାୟିତ୍ୱ ତୁଲାଇ, ଏହାକୁ ପରିଣତ ଅବସ୍ଥାକୁ ଆଣିଥିଲେ । ସେ ବିଭିନ୍ନ ସମୟରେ ମୋଟ ତିନି ଥର ଏହି ବିଶ୍ୱବିଦ୍ୟାଳୟର କୁଳପତି ଦାୟିତ୍ୱ ତୁଲାଇଥିବା ଜଣାଯାଏ । ଏହାପୂର୍ବରୁ ସେ ରେଭେନ୍ସା ମହାବିଦ୍ୟାଳୟର ଅଧ୍ୟକ୍ଷ ଥିଲେ । ଦାୟିତ୍ୱ ତୁଲାଇ ଥିଲେ ୧୯୩୮ରୁ ୧୯୪୫ ଯାଏ । ୧୯୨୧ରେ ସେ ରେଭେନ୍ସା ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗର ପ୍ରଫେସର ଭାବେ ଯୋଗ ଦେଇ ଥିଲେ । ତାଙ୍କ ଉଦ୍ୟମରେ ୧୯୨୪ରେ ଏଠାରେ ଉଦ୍ଭିଦ ବିଜ୍ଞାନରେ ସ୍ନାତକ ସ୍ତରରେ ପାସ ପାଠ୍ୟକ୍ରମ ଖୋଲିଥିଲା । ସେହିପରି ୧୯୩୦ରେ ଖୋଲିଥିଲା ଅନର୍ସ । ପ୍ରଫେସର ପରିଜାଙ୍କ ଉଦ୍ୟମରେ ରେଭେନ୍ସା ସମଗ୍ର ଦେଶରେ ବିଶେଷ ସୁନାମ ଲାଭ କରିଥିଲା । ତାଙ୍କ କାର୍ଯ୍ୟକାଳରେ ରେଭେନ୍ସାର ଛାତ୍ରାବାସରେ ଗୋପାଳନର ବ୍ୟବସ୍ଥା କରାଯାଇଥିଲା । ଏହା ଦ୍ୱାରା ଛାତ୍ର ମାନେ ଅଳ୍ପ ମୂଲ୍ୟରେ ବିଶୁଦ୍ଧ ଗୋ-ଦୁଗ୍ଧ ପାଉଥିଲେ । ଉଲ୍ଲେଖଯୋଗ୍ୟ ଯେ, ଏକଦା ସେ ଏହି ମହାବିଦ୍ୟାଳୟର ଛାତ୍ର ଥିଲେ । ତାଙ୍କ ସମୟରେ ରାଭେନ୍ସାରେ ବିଜ୍ଞାନରେ ସ୍ନାତକ ପାଠ୍ୟକ୍ରମ ନଥିଲା । ତେଣୁ କାଲକାତା ବିଶ୍ୱ ବିଦ୍ୟାଳୟ, କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ଆଦିରେ ଉଚ୍ଚ ଶିକ୍ଷା, ଗବେଷଣା ଆଦି କରିଥିଲେ ସୁଦ୍ଧା ପ୍ରଫେସର ପରିଜା ସରଳ ଜୀବନଯାପନ କରୁଥିଲେ । ସମୟାନୁବର୍ତିତା ଥିଲା ତାଙ୍କର ଏକ ବଡ଼ ଗୁଣ । ସାହିତ୍ୟ ପ୍ରିୟ ଥିଲେ । ଓଡ଼ିଆ ଭାଷା, ସଂସ୍କୃତି ଆଦିର ଆଦର କରୁଥିଲେ । ଏପରିକି ଉଦ୍ଭିଦ ବିଜ୍ଞାନ ସଂପର୍କିତ ତଥ୍ୟ ବୁଝାଉ ଥିବା ବେଳେ ମଧ୍ୟ ଓଡ଼ିଆ ଢ଼ଗ-ଢ଼ମାଳି ବ୍ୟବହାର କରୁଥିଲେ । ଥରେ ଜଣେ ଛାତ୍ରକୁ ପଚାରିଲେ, ଆଗେ ବୁଣ, ପଛେ ବୁଣ, ଗର୍ଭଣାକୁ ଟୁଣଟୁଣର ଅର୍ଥ କହ । ଛାତ୍ର ପାଟି ଆଁ କରି ଅନେଇ ରହିଲା । ପ୍ରଫେସର ପରିଜା ବୁଝାଇଦେଲେ ଗର୍ଭଣା ସଂକ୍ରାନ୍ତି ବେଳକୁ ଦିନ ଛୋଟ ହେଲେ, ଧାନରେ ଫୁଲ ହୁଏ । ଜଗତ୍ସିଂହପୁର ଜିଲ୍ଲାର ବାଲିକୁଦା ନିକଟବର୍ତୀ ଇଛାପୁର ଗ୍ରାମରେ ସେ ଜନ୍ମ ହୋଇଥିଲେ । ୧୯୭୮ ଜୁନ୍ ଆଜିର ଦିନରେ ଏହି ମହାନ୍ ବିଜ୍ଞାନୀ ତଥା ଶିକ୍ଷାବିତ୍‌ଙ୍କ ଦେହାନ୍ତ ହୋଇଥିଲା ।

# କିମ୍ବଦନ୍ତୀ ଗୁରୁ ଦେବପ୍ରସାଦ ଦାସଙ୍କ ସ୍ମୃତିରେ ତ୍ରିଧାର ଦ୍ୱାରା ଆୟୋଜିତ ଦେବସ୍ମୃତି ଉତ୍ସବ ୨୦୨୬ରେ ଓଡ଼ିଶୀ ନୃତ୍ୟର ସମ୍ଭାର

ଭୁବନେଶ୍ୱର : ଭୁବନେଶ୍ୱର ଭଞ୍ଜ କଳା ମଣ୍ଡପରେ ଗୁରୁ ଦେବପ୍ରସାଦ ଦାସଙ୍କ ଅନନ୍ୟ ଶୈଳୀକୁ ବଜାୟ ରଖୁଥିବା ଏକ ଅଗ୍ରଣୀ ଅନୁଷ୍ଠାନ ତ୍ରିଧାରାଗୁରୁ ଦେବପ୍ରସାଦଦାସଙ୍କ ସ୍ମୃତିରେ "ଦେବସ୍ମୃତି ମହୋତ୍ସବ ୨୦୨୬" (ଏକ ଓଡ଼ିଶୀ ନୃତ୍ୟର ସନ୍ଧ୍ୟା) ଆୟୋଜନ କରିଥିଲା । ସ୍ୱର୍ଗତ ଗୁରୁ ଦେବପ୍ରସାଦ ଦାସଙ୍କ ଅନନ୍ୟ ଶୈଳୀ (ଘରାନା)କୁ ଓଡ଼ିଶୀ ନୃତ୍ୟ ରୂପରେ ପ୍ରଦର୍ଶନ ଓ ତା'ର ପ୍ରଚାର କରିବା ସହ ଓଡ଼ିଶୀ ନୃତ୍ୟକୁ ପାରମ୍ପରିକ ଆଦିବାସୀ ଓ ଲୋକନୃତ୍ୟରେ ସଂଯୋଗ କରାଇବା ଏହି ମହୋତ୍ସବ ଆୟୋଜନର ଉଦ୍ଦେଶ୍ୟ । ସନ୍ଧ୍ୟାର ପ୍ରଥମ ଓଡ଼ିଶୀ ପରିବେଷଣରେ ଥିଲା "ମଙ୍ଗଳାଚରଣ - ଲକ୍ଷ୍ମୀ ନୃସିଂହ ଧ୍ୟାନ", ଯାହାକୁ ଡ଼ା. ପ୍ରିୟଙ୍କା, ତନିଶା, ସାଇ ଦୁର୍ଗା, ଶ୍ରଦ୍ଧା, ପ୍ରିୟାଂଶୀ, ଶିଖ୍ୟାଂଶୀ ଏବଂ କୃଷ୍ଣପ୍ରିୟା ପ୍ରସ୍ତୁତ କରିଥିଲେ । ପରବର୍ତୀ ପ୍ରସ୍ତୁତିଟି ଥିଲା "ନବରସ", ଯାହାକୁ



ଦୀପିକା, ସୁଭାଶ୍ରୀ, ଗୁଲମିନି, ସୋନାଲି, ମଧୁ ଏବଂ ହରପ୍ରିୟା ପ୍ରଦର୍ଶନ କରିଥିଲେ । ଏହା ପରେ ଓଡ଼ିଆ ଅଭିନୟ "କେଡ଼େ ଛନ୍ଦ" ଶ୍ରୀଜିତା, ଆକାଶ, ଶିବାଂଶୀ, ହର୍ଶଲ୍ଲୀ, ତନିଶା, ଶ୍ରେୟାଂଶୀ, ଶିବାଙ୍ଗୀ, ଶ୍ରଦ୍ଧା ଏବଂ ଆଦିଶାଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିଲା । ପରବର୍ତୀ ପ୍ରସ୍ତୁତିରେ ଥିଲା "ଦଶାବତାର", ଯାହାକୁ ସୁଲଗ୍ନା, ଅଭିସିକ୍ତା, ଆରାଧ୍ୟା, ଆଦିତ୍ୟ, ସିଦ୍ଧିକ୍ଷା ଏବଂ ଶ୍ରୀଜିତା ପ୍ରଦର୍ଶନ କରିଥିଲେ । ଏହା ପରେ ଓଡ଼ିଆ ଅଭିନୟ "ଉଠିଲୁ ଏଡ଼େ ବେଗି" ଅନ୍ୱେଷା, ତକ୍ଷ୍ମୀ, ଦିବ୍ୟଶ୍ରୀ, ଅଙ୍କିତା, ହର୍ଷିତା, ଭାବ୍ୟାଂଶୀ ଏବଂ ଆଦିଶାଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିଲା । ପରେ ଓଡ଼ିଆ ଅଭିନୟ "ମାନଉଧାରଣ" ତ୍ରିଶା, ଲୋପିତା, ତନିଶା ଏବଂ କୃଷ୍ଣପ୍ରିୟାଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା । ତାହା ପରେ ରୁତୁଜା ଏବଂ ଅଙ୍କିତାଙ୍କ ଦ୍ୱାରା ଯୁଗଳ ଓଡ଼ିଶୀ ନୃତ୍ୟ "ଶିବାଷ୍ଟକ" ପ୍ରସ୍ତୁତ ହୋଇଥିଲା । ସନ୍ଧ୍ୟାର ଶେଷ ପ୍ରସ୍ତୁତି ଥିଲା "କୃଷ୍ଣାୟ ତୁଭ୍ୟଂ ନମଃ", ଯାହାକୁ ଗୁରୁ ରାମାକାନ୍ତ ସାହୁଙ୍କ ନେତୃତ୍ୱରେ କଟକର ତ୍ରିନେତ୍ର କଳା କୁଞ୍ଜର ଶିଳ୍ପୀମାନେ ପ୍ରଦର୍ଶନ କରିଥିଲେ । ସମସ୍ତ ନୃତ୍ୟର ନୃତ୍ୟ ନିର୍ଦ୍ଦେଶନା ଗୁରୁ ଗଜେନ୍ଦ୍ର କୁମାର ପଣ୍ଡା କରିଥିଲେ । ତ୍ରିଧାରାର ନୃତ୍ୟଶିଳ୍ପୀମାନଙ୍କର ସ୍ରୋତସ୍ୱିନୀ ସୌନ୍ଦର୍ଯ୍ୟ, ନିଖୁତ ଶରୀର ଚାଳନା, ଅଦ୍ଭୁତ ସଠିକତା ଏବଂ ଆକର୍ଷଣୀୟ ଭଙ୍ଗିମା ଓ ମୁଦ୍ରା ଦର୍ଶକମାନଙ୍କୁ ଶେଷ ପର୍ଯ୍ୟନ୍ତ ପ୍ରେକ୍ଷାଳୟରେ ବାନ୍ଧି ରଖିଥିଲା । ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ସୁଭେନ୍ଦୁ ଦାସ, ଗୁରୁ ଯସ୍ୱାସୀ ମିଶ୍ର, ତ୍ରିଧାରାର କାର୍ଯ୍ୟକାରୀ ସଭାପତି ସିମାସଙ୍ଗଳ ପଣ୍ଡା, ତ୍ରିଧାରାର ନିର୍ଦ୍ଦେଶକ ଗୁରୁ ଗଜେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ତ୍ରିଧାରା ଦ୍ୱାରା ଅନୁଷ୍ଠିତ ଆନ୍ତର୍ଜାତୀୟ ସମର ଓଡ଼ିଶୀ କର୍ମଶାଳାରେ ଅଂଶ ଗ୍ରହଣ କରିଥିବା ନୃତ୍ୟଶିଳ୍ପୀମାନେ ଦେବସ୍ମୃତି ମହୋତ୍ସବରେ ସେମାନଙ୍କର ନୃତ୍ୟ ପାରଦର୍ଶିତା ପ୍ରଦର୍ଶିତ କରିଥିଲେ । ପୁଣ୍ୟଦର୍ଶନ ସାହୁ କାର୍ଯ୍ୟକ୍ରମଟିକୁ ସଂଯୋଜନା କରିଥିଲା ବେଳେ ତ୍ରିଧାରାର ସହକାରୀ ନିର୍ଦ୍ଦେଶକ ପ୍ରଭୁତୋଷ ପଣ୍ଡା ପରିଚାଳନାରେ ସହଯୋଗ କରିଥିଲେ ।

# ବସ୍ତା ବିଧାୟିକାଙ୍କ ଆହ୍ୱାନରେ ବାଲିଆପାଳରେ ରକ୍ତଦାନ ଶିବିର: ସଂଗୃହିତ ହେଲା ୬୦ ୟୁନିଟ୍ ରକ୍ତ

ବାଲିଆପାଳ:(ନିପ୍ର) ଖରା ଦିନେ ସାରା ରାଜ୍ୟର ରକ୍ତ ଭଣ୍ଡାରରେ ରକ୍ତ ଅଭାବ ଦେଖା ଦେଇଥାଏ । ଏହି ସମୟରେ ରକ୍ତର ଅଭାବକୁ ସାମୂହିକ ଭାବରେ ପୂରଣ କରିବା ଲକ୍ଷ୍ୟରେ ବସ୍ତା ବିଧାୟିକା ସୁବାସିନୀ ଜେନା ଙ୍କ ଆହ୍ୱାନ କ୍ରମେ ରବିବାର ବାଲିଆପାଳ ବ୍ଲକର ୨୩ ନମ୍ବର ଜିଲ୍ଲା ପରିଷଦ ଜୋନ ଅଧିନସ୍ଥ ବାଲିଆପାଳ ପଂଚାୟତର ଜମାକୁଣ୍ଡା ଛକ ନିକଟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ୬୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ଉକ୍ତ ଶିବିରରେ ବସ୍ତା ବିଧାୟିକା ଶ୍ରୀମତୀ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିବିରକୁ ଉଦଘାଟନ କରି ବକ୍ତବ୍ୟ ରେ କହିଥିଲେ ରକ୍ତ ଦାନ ମହା ପୁଣ୍ୟ । ଗୋଟିଏ ରକ୍ତ ବିନ୍ଦୁ



ଅନ୍ୟ କାହାର ଜୀବନ ବଂଚାଇ ଦେଇଥାଏ । ତେଣୁ ଅପଣ ମାନେ ଆଗ୍ରହ ସହକାରେ ରକ୍ତଦାନ କରିବା ଦରକାର ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୁର୍ବତନ ବାଲିଆପାଳ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ପୂର୍ବତନ ଛାତ୍ର ବିଜେଡ଼ି ଜିଲ୍ଲା ସଭାପତି ସୀମାନ ଦାସମହାପାତ୍ର, ୨୩ ନମ୍ବର ଜିଲ୍ଲା ପରିଷଦ ସଦସ୍ୟ ବେଣୁଧର ଜେନା, ଯୁବ ବ୍ୟବସାୟୀ ସୌମ୍ୟଦୀପ ଚକ୍ରବର୍ତୀ, ବିଷ୍ଣୁପୂର ପଂଚାୟତର ସାମାଜିକ କର୍ମୀ ସରୋଜ କୁମାର ଦାସ ପ୍ରମୁଖ ଯୋଗ ଦେଇ ରକ୍ତ ଦାତାଙ୍କୁ ଉତ୍ସାହିତ କରିବା ସହିତ ସେମାନଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ । ଏହି ଶିବିରରେ ୨୩ ନମ୍ବର ଜିଲ୍ଲା ପରିଷଦ ଜୋନର ବାଲିଆପାଳ , ମଧୁପୂରା , ବିଷ୍ଣୁପୂର, ଜାମକୁଣ୍ଡା ,ପ୍ରତାପୂର୍ , ଦେଉଳା ଆଦି ପଂଚାୟତର ବହୁ ଯୁବକମାନେ ଯୋଗ ଦେଇ ରକ୍ତଦାନ କରିଥିଲେ । ଯୁବ ନେତା ସୁଶାନ୍ତ ବେହେରା ଙ୍କ ତତ୍ତ୍ୱାବଧାନ ରେ ଅନୁଷ୍ଠିତ ରକ୍ତଦାନ ଶିବିରକୁ ଜୟକୃଷ୍ଣ ନାୟକ, ବଳରାମ ପାତ୍ର, ଭରତ ପାତ୍ର, ଧୀରଜ ଦେ, ବିଶ୍ୱଜିତ୍ ଦଳାଇ, କେଶବ ଜେନା, ପ୍ରଭୁରାମ ପାଢ଼ୀ, ତନ୍ମୟ ପିଲା, ବସନ୍ତ କୁମାର ଦଳାଇ, ପ୍ରତି ପ୍ରକାଶ ଦାସ, ନିରଞ୍ଜ କୁଅଁର, ଯଶୋବନ୍ତ ଦାସ, ପ୍ରମୁଖ ପରିଚାଳନା କରିଥିଲେ ।

# ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ - ୨୦୨୬ ସଚେତନତା ରାଲି ଅନୁଷ୍ଠିତ

ବାଲିଆପାଳ : (ନି ପ୍ର) ଆଗାମୀ ନିର୍ବାଚନକୁ ଆଖି ଅଗରେ ରଖି ସାରା ରାଜ୍ୟରେ ସ୍ୱତନ୍ତ୍ର ଭୋଟର ତାଲିକା ସଘନ ସଂଶୋଧନ - ୨୦୨୬ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ନିର୍ବାଚନ କମିଶନରଙ୍କ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି । ଏହି ଅବସରରେ ବାଲିଆପାଳ ବ୍ଲକ ପ୍ରଶାସନ ପକ୍ଷରୁ ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ - ୨୦୨୬ ସଚେତନତା ରାଲି




କାର୍ଯ୍ୟକ୍ରମ୍ ଅନୁଷ୍ଠିତ ହୋଇ ଯାଇଛି । ଏହି ରାଲି ବାଲିଆପାଳ ବ୍ଲକ ପରିସରରୁ ବାହାରି, ବ୍ଲକଛକ, ପରୂଳିଆଛକ, ଜାମକୁଣ୍ଡା ଛକ,ବାଲିଆପାଳ ପୂରୁଣା ବସଷ୍ଟାଣ୍ଡ ଦେଇ ବାଲିଆପାଳ ତହସିଲ ପର୍ଯ୍ୟନ୍ତ ଯାଇଥିଲା ଏହି ସଚେତନତା ରାଲିରେ ୩୭ ନମ୍ବର ବସ୍ତା ବିଧାନସଭା ର୍ନିବାଚନ ମଣ୍ଡଳୀରେ ନିର୍ବାଚନ ପଞ୍ଜୀକରଣ ଅଧିକାରିଣୀ ବିଥିକା ସ୍ୱାଇଁ, ବାଲିଆପାଳ ବ୍ଲକ ବିଡିଓ ରାଧା ରଞ୍ଜନ ଦାସ, ବାଲିଆପାଳ ଅତିରିକ୍ତ ତହସିଲଦାର ସୁବ୍ରତ ପଣ୍ଡା, ଅତିରିକ୍ତ ଗୋଷ୍ଠୀ ଉନୟନ ଅଧିକାରି ଶରତ ଚନ୍ଦ୍ର ମୁଦୁଲି, ଜିପିଡିଓ ପ୍ରିୟବ୍ରତ ଗିରି, ସମସ୍ତ ବିଏଲଓ ସୁପର ଭାଇଯାର ଏବଂ ବିଏଲଓ ଙ୍କ ସହିତ ବ୍ଲକ ର ସମସ୍ତ କର୍ମଚାରୀ ଯୋଗ ଦେଇ ସ୍ୱତନ୍ତ୍ର ସଘନ ସଂଶୋଧନ ବାବଦରେ ସଚେତନତା ସ୍ଲୋଗାନ ଦେଇ ଲୋକଙ୍କୁ ସଚେତନ କରାଇଥିଲେ

# ଉଦଳା ସଚେତନ ନାଗରିକ ମହାମଂଚର ପ୍ରଥମ କାର୍ଯ୍ୟକାରିଣୀ ପରିଷଦ ବୈଠକ ଅନୁଷ୍ଠିତ

ଉଦଳା (ନି ପ୍ର) ଉଦଳା ସ୍ନେହ ତୁଳସୀ କଲ୍ୟାଣ ମଣ୍ଡପ ପ୍ରାଙ୍ଗଣରେ ଉଦଳା ସଚେତନ ନାଗରିକ ମହାମଂଚ ର ପ୍ରଥମ କାର୍ଯ୍ୟକାରିଣୀ ପରିଷଦ ବୈଠକ ମହାମଂଚ ର ସଭାପତି ପ୍ରାକ୍ତନ ପ୍ରାଧ୍ୟାପକ ଭୋଳାନାଥ ସାହୁଙ୍କ ପୌରାହିତ୍ୟରେ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ସଭାରେ ମହାମଂଚର ଉପଦେଷ୍ଟା ଅଶୋକ କୁମାର ମହାନ୍ତି,ଉଦଳା ର ପୂର୍ବତନ କାଉନସେଲର ତଥା ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ମନୋଜ କୁମାର ମହାନ୍ତି, ଦାୟିତ୍ୱ ନିର୍ବାହ କରିଥିବା ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ଉପନଗରପାଳ ଲିଲି ଭୋଳ, ମହାମଂଚର ଅନ୍ୟ ଉପଦେଷ୍ଟା ମଣ୍ଡଳୀଙ୍କ ମଧ୍ୟରେ ସମାଜସେବୀ ପୂର୍ଣ୍ଣ ଚନ୍ଦ୍ର ବିଶ୍ୱାଳ, ସମବାୟୁ ବିତ ପ୍ରହଲ୍ଲାଦ ଦାସ, ବରିଷ୍ଠ ସାମ୍ବାଦିକ ଦୀନବନ୍ଧୁ ବାରିକ, ବରିଷ୍ଠ ଆଇନଜୀବୀ ରଜତ କୁମାର ମହାପାତ୍ର ତଥା ମହାମଂଚର ଅବସର ପ୍ରାପ୍ତ ବି ଆର ସି ସି ତଥା ସାଧାରଣ ସମ୍ପାଦକ ଆରତ କୁମାର ପରିଡା ପ୍ରମୁଖ ମଂଚାସୀନ ଥିଲେ । ବୈଠକ ର ପ୍ରାରମ୍ଭରେ ବରିଷ୍ଠ ସାମ୍ବାଦିକ ତଥା ମହାମଂଚ ର ଉପ ସଭାପତି ଜଗବନ୍ଧୁ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିବା ପରେ ସଭାପତି ଙ୍କ ଆହ୍ୱାନ କ୍ରମେ ସମସ୍ତ ଅତିଥି ବୃନ୍ଦ ଙ୍କ ଦ୍ୱାରା ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥ ଙ୍କ ଠାରେ ଧୂପ ଓ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ କୁ ଅନୁଷ୍ଠାନିକ ଭାବେ ଉଦଘାଟନ କରାଯାଇଥିଲା । ଏହା ପରେ ମହାମଂଚ ଗଠନ ର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ କମିଟିର ସାଧାରଣ ସମ୍ପାଦକ ଆରତ କୁମାର ପରିଡା ପ୍ରଦାନ କରିଥିଲେ । ତପୃରେ ମହାମଂଚ ଗଠନର ଲକ୍ଷ୍ୟ ତଥା ଉଦଳା ର ବର୍ତମାନର ବ୍ୟବସ୍ଥା କୁ ଆଧାର କରି କିପରି ଉଦଳା ର ବିକାଶ ନିମିତ ସମସ୍ତ ଜନ ସଚେତନତା ହେବେ ଏବଂ ଗଠନମୂଳକ ପଦକ୍ଷେପ ଗ୍ରହଣ କରିବାରେ ସହଯୋଗ ରଖିବେ ଏହି ବାର୍ତା ପୂର୍ବତନ ନଗରପାଳ ମନୋଜ କୁମାର ମହାନ୍ତି ଙ୍କ ସମେତ ସମସ୍ତ ମଂଚାସିନ ଅତିଥି ବୃନ୍ଦ ପ୍ରକାଶ କରିଥିଲେ । ସମ୍ମୁଖରେ ଉପସ୍ଥିତ ଅତିଥି ଉଦଳାକୁ ଭଲପାଉଥିବା ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉଦଳା ର ବିଭିନ୍ନ ସମସ୍ୟା ଏପରିକି ଶିକ୍ଷା, ସ୍ୱାସ୍ଥ୍ୟ, ଯାତାୟାତ, ଡ୍ରେନ ସମସ୍ୟା ଇତ୍ୟାଦିକୁ ନେଇ ଆଲୋଚନା ହୋଇ ଥିଲା ।







# ଗୋଲକ ଆଗ୍ରୋଫୁଡ୍ସ୍‌କୁ ନେଇ ପ୍ରଦୂଷଣ ଅଭିଯୋଗ

କଳିଙ୍ଗନଗର(ନିପ୍ର): କଳିଙ୍ଗନଗର ଶିଳ୍ପାଂଚଳ ଅନ୍ତର୍ଗତ ଚିତ୍ରୀ ମୌଜାର ଗୋଲକ ଆଗ୍ରୋଫୁଡ୍ସ ପ୍ରାଇଭେଟ୍ ଲିମିଟେଡ୍‌କୁ ନେଇ ସ୍ଥାନୀୟ ଅଂଚଳରେ ପ୍ରଦୂଷଣ ସମ୍ପର୍କିତ ଅସନ୍ତୋଷ ବଢୁଥିବା ଅଭିଯୋଗ ଆସିଛି । କେତେକ ସ୍ଥାନୀୟ ବାସିନ୍ଦାଙ୍କ ଦାବି ଅନୁଯାୟୀ, ସଂସ୍ଥାରୁ ନିଷ୍କାସିତ ବର୍ଜ୍ୟ କିମ୍ବା ପାଉଁଶ ନିକଟସ୍ଥ କୃଷି କ୍ଷେତ୍ରରେ ପଡୁଥିବାରୁ ଚାଷ ଜମିର ଉର୍ବରତା ଓ ଫସଲ ଉପରେ ପ୍ରଭାବ ପଡୁଥିବା ଆଶଙ୍କା ପ୍ରକାଶ ପାଇଛି । ଏହାକୁ ନେଇ ସ୍ଥାନୀୟ ଚାଷୀ ଓ ବାସିନ୍ଦାଙ୍କ ମଧ୍ୟରେ ଚିନ୍ତା ବଢୁଛି । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ପୂର୍ବରୁ ମଧ୍ୟ ଧୂଳି ପ୍ରଦୂଷଣ, ବାୟୁ ପ୍ରଦୂଷଣ ଏବଂ ବର୍ଜ୍ୟ ପରିଚାଳନା ସମ୍ପର୍କିତ ପ୍ରସଙ୍ଗରେ ଅସନ୍ତୋଷ ଓ ଆପତି ଉଠିଥିବା ଦାବି ରହିଛି । ତେବେ, ଏହି ଅଭିଯୋଗଗୁଡ଼ିକର ସତ୍ୟତା ସମ୍ପର୍କରେ ସ୍ୱାଧୀନ ତଥ୍ୟ ଯାଂଚ ଆବଶ୍ୟକ ବୋଲି ସଚେତନ ମହଲର ମତ । ଏହା ସହିତ ଅଂଚଳରେ ଶିଳ୍ପ ସଂସ୍ଥାମାନଙ୍କ ପରିବେଶ ଅନୁମତି, ବିଶେଷ କରି ସିଟିଇ ନିୟମ ପାଳନ ଏବଂ ନିରୀକ୍ଷଣ ପ୍ରକ୍ରିୟାକୁ ନେଇ ମଧ୍ୟ ପ୍ରଶ୍ନ ଉଠୁଛି । ସ୍ଥାନୀୟଙ୍କ ଏକ ଅଂଶର ମତ ହେଉଛି, ଯଦି କୌଣସି ଶିଳ୍ପ ସଂସ୍ଥା ପକ୍ଷରୁ ବର୍ଜ୍ୟ ପରିଚାଳନା କିମ୍ବା ପ୍ରଦୂଷଣ ନିୟନ୍ତ୍ରଣ ମାନଦଣ୍ଡ ନେଇ ସନ୍ଦେହ ଉଠେ, ତେବେ ସମ୍ପର୍କିତ ବିଭାଗ ପକ୍ଷରୁ ନିଷ୍ପକ୍ଷ ଯାଂଚ ଓ ସ୍ୱଚ୍ଛ ତଥ୍ୟ ପ୍ରକାଶ ହେବା ଆବଶ୍ୟକ । ସ୍ଥାନୀୟ ମହଲର କିଛି ଲୋକ ଦାବି କରିଛନ୍ତି ଯେ, ଅଭିଯୋଗ ଥିବା ସତ୍ତ୍ୱେ ନିୟମିତ ନିରୀକ୍ଷଣ, ପରିବେଶ ମାପନ ଓ ପଦକ୍ଷେପ ସମ୍ପର୍କରେ ସ୍ପଷ୍ଟ ତଥ୍ୟ ସାଧାରଣ ମଧ୍ୟରେ ଆସୁନାହିଁ । ଏହା ପ୍ରଦୂଷଣ ନିୟନ୍ତ୍ରଣ ବ୍ୟବସ୍ଥାର କାର୍ଯ୍ୟ କ୍ଷମତା ଓ ଜବାବ ଦେହୀତାକୁ ନେଇ ପ୍ରଶ୍ନ ସୃଷ୍ଟି କରୁଥିବା ଅଭିଯୋଗ ହେଉଛି । ଅଧିକାରୀଙ୍କ ପ୍ରତିକ୍ରିୟା ମିଳିଲାନି ଏହି ପ୍ରସଙ୍ଗରେ କଳିଙ୍ଗନଗର ପ୍ରଦୂଷଣ ଅଧିକାରୀ ମଦନ କୁମାର ସାହୁଙ୍କ ସହ ବାରମ୍ବାର ଯୋଗାଯୋଗ ପ୍ରୟାସ କରାଯାଇ ଥିଲେ ମଧ୍ୟ ତାଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନଥିବା ଜଣାପଡ଼ିଛି । ଅଂଚଳରେ ପୂର୍ବରୁ ମଧ୍ୟ ପ୍ରଦୂଷଣ ସମ୍ପର୍କିତ ବିଭିନ୍ନ ଖବର ପ୍ରକାଶ ପାଇଥିବା ବେଳେ, ସମ୍ବନ୍ଧିତ ଅଧିକାରୀଙ୍କ ନୀରବତାକୁ ନେଇ ସାଧାରଣ ମହଲରେ ଅସନ୍ତୋଷ ବଢୁଥିବା କୁହାଯାଉଛି । ନିଷ୍ପକ୍ଷ ଯାଂଚ ଓ ରିପୋର୍ଟ ସାର୍ବଜନିକ କରିବା ଦାବି ସ୍ଥାନୀୟଙ୍କ ଦାବି ହେଉଛି, ଗୋଲକ ଆଗ୍ରୋଫୁଡ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ବର୍ଜ୍ୟ ପରିଚାଳନା, ପରିବେଶ ଅନୁମତି ଓ ପ୍ରଦୂଷଣ ନିୟନ୍ତ୍ରଣ ମାନଦଣ୍ଡ ପାଳନ ସମ୍ପର୍କରେ ନିଷ୍ପକ୍ଷ ତଦନ୍ତ କରାଯାଇ ତାହାର ରିପୋର୍ଟ ସାର୍ବଜନିକ କରାଯାଉ । ସେହିପରି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ଜିଲ୍ଲା ପ୍ରଶାସନ ତୁରନ୍ତ ଏହି ଦିଗରେ ପଦକ୍ଷେପ ନେବାକୁ ମଧ୍ୟ ଦାବି ।

# ଅବସରକାଳୀନ ସଭାରେ ସମ୍ବର୍ଦ୍ଧିତ ହେଲେ ଦିବାକର ମହାପାତ୍ର




ବାହାନଗା(ନିପ୍ର): ସ୍ଥାନୀୟ ବ୍ଲକ୍ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର କର୍ମଚାରୀ ଦିବାକର ମହାପାତ୍ରଙ୍କ ଅବସର କାଳୀନ ସଭା ଏବିଇଓ ବନମାଳୀ ମଲ୍ଲିକଙ୍କ ଅଧକ୍ଷତାରେ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ଭାବାବେଗପୂର୍ଣ୍ଣ ସଭାରେ ଅତିଥିଭାବେ ପ୍ରାକ୍ତନ ଇଓ ଶ୍ୟାମସୁନ୍ଦର ମହାପାତ୍ର କାର୍ଯ୍ୟାଳୟର ବରିଷ୍ଠ କିରାଣୀ ଲକ୍ଷ୍ମୀକାନ୍ତ ମହାଳିକ, କନିଷ୍ଠ କିରାଣୀ ରାଜୀବ ବେହେରା, ଦିପ୍ତିକାନ୍ତ ବିଶ୍ୱାଳ, ନିଳାଦ୍ରୀ ବିହାରୀ ନାୟକ, ଗାୟତ୍ରୀ ପ୍ରିୟଦର୍ଶନୀ ସ୍ୱାଇଁ, ତୁଳସୀ ବନ୍ଧ ପ୍ରମୁଖ ଯୋଗଦେଇ ଦିବାକର ବାବୁଙ୍କ କାର୍ଯ୍ୟଦକ୍ଷତା ସମୟାନୁବର୍ତ୍ତିତା, ଅନ୍ୟକୁ ସାହାଯ୍ୟ ସହଯୋଗ ମନୋଭାବ ବିଶେଷ କରି ମେଳାପୀ ଗୁଣ ଆମ ସମସ୍ତଙ୍କ ହୃଦୟରେ ସାଇତି ହୋଇ ରହିବ ବୋଲି ମତପ୍ରକାଶ କରିଥିଲେ । ଦିବାକର ବାବୁ ପ୍ରଥମେ ନିଜ ଗାଁ ମହାରାଜପୁର ହାଇସ୍କୁଲରେ ୦୧.୦୮.୯୧ରେ ଯୋଗଦେଇ ପରବର୍ତୀ ସମୟରେ ସଦର ଡିଆଇ, ବାଲେଶ୍ୱର ସିଆଇ ଅଫିସ, ସଦର ବିଇଓ ପରେ ଶ୍ରୀଜଙ୍ଗ ଦାସ ମହାପାତ୍ର ହାଇସ୍କୁଲରେ କାର୍ଯ୍ୟ କରି ବାହାନଗା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ଅବସର ଗ୍ରହଣ କରିଥିଲେ । ପ୍ରତି ଜାଗାରେ ନିଜର ମେଳାପୀ ଗୁଣଯୋଗୁଁ ସମସ୍ତଙ୍କ ପ୍ରିୟ ପାତ୍ର ହୋଇ ପାରିଥିଲେ । ମହାରାଜପୁର ସ୍ଥିତ ବାସଭବନରେ ସତିଶ ସାର, ବଇଁଶୀ ସାର, ପୂର୍ଣ୍ଣ ସାର, ନିରଞ୍ଜନ ସାର, ଗୌର ସାର, ଶରତ ସାରଙ୍କ ସହ କାର୍ଯ୍ୟ କରିଥିବା ସମସ୍ତ ଅନୁଷ୍ଠାନର ଶିକ୍ଷକ, କର୍ମଚାରୀ, ନିଜର ଆତ୍ମୀୟ ସ୍ୱଜନ ବନ୍ଧୁ ବାନ୍ଧବ ତଥା ସ୍ଥାନୀୟ ଅଂଚଳର ବୁଦ୍ଧିଜୀବୀ, ଶିକ୍ଷାବିତ ପ୍ରମୁଖ ଉପସ୍ଥିତ ରହି ଦିବାକର ବାବୁଙ୍କ ଜୀବନର ଉତରୋତର ଉନ୍ନତି କାମନା କରିଥିଲେ । ପରିବାର ତରଫରୁ ସମସ୍ତଙ୍କୁ ମଧାହ୍ନ ଭୋଜନରେ ଆପ୍ୟାୟିତ କରାଯିବା ସହ ଅତିଥିଗଣଙ୍କୁ ଫଳଚାରା ବଂଟନ କରାଯାଇଥିଲା ।

# ସ୍କୁଲରେ ରାତ୍ର ଜଗୁଆଳି ଦ୍ୱାରା ଚୋରି, ଇନଭର୍ଟର-ବ୍ୟାଟେରୀ ସହ ସିସିଟିଭି ହାର୍ଡ଼ ଡିସ୍କ ଗାଏବ




ଧାମନଗର(ନିପ୍ର): ଧାମନଗର ଥାନା ଅନ୍ତର୍ଗତ ଚୁଡ଼ାକୁଟି ଇନ୍ଦ୍ରମଣି ସରକାରୀ ଉଚ୍ଚ ବିଦ୍ୟାଳୟରେ ଚୋରି ହୋଇଥିବା ନେଇ ଧାମନଗର ଥାନାରେ ଅଭିଯୋଗ ହୋଇଛି । ଏହି ଚୋରି ଘଟଣାରେ ସମ୍ପୃକ୍ତ ଥିବା ବିଦ୍ୟାଳୟର ରାତ୍ରୀ ଜଗୁଆଳି ସନ୍ତୋଷ ଦାସ ଓ ଦୁଇ ଜଣ ସହଯୋଗୀଙ୍କୁ ଥାନାରେ ଅଟକ ରଖିଥିବା ଜଣାଯାଇଛି । ପ୍ରକାଶ ଥାଉକି ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକ ପ୍ରଭାତ ଜେନାଙ୍କ ଅଭିଯୋଗ ଅନୁସାରେ ରବିବାର ସନ୍ଧ୍ୟାରେ ବିଦ୍ୟାଳୟର ଅଫିସ କକ୍ଷର ତାଲା ଖୋଲି ୨ଟି ଇନଭର୍ଟର, ୨ଟି ବ୍ୟାଟେରୀ, ସିସିଟିଭି କ୍ୟାମେରାର ହାର୍ଡ ଡିସ୍କ, କମ୍ପ୍ୟୁଟର ସମେତ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ଜଣାପଡ଼ିଛି । ଘଟଣାସ୍ଥଳରେ ଭଙ୍ଗା ମଦ ବୋତଲ ମିଳିଥିବାରୁ ଚୋରି ପୂର୍ବରୁ ସେଠାରେ ମଦ୍ୟପାନ ହୋଇଥିବା ସନ୍ଦେହ କରାଯାଉଛି । ଖବର ପାଇ ଧାମନଗର ଥାନାର ଏସ୍.ଆଇ ସୁନୀତା ହେମ୍ବ୍ରମ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛନ୍ତି । ଏହି ଘଟଣାରେ ଭଣ୍ଡାରୀପୋଖରୀ ବ୍ଲକ ନୀର୍ଗୁଣ୍ଡି ଅଂଚଳର ବାସିନ୍ଦା ତଥା ବିଦ୍ୟାଳୟର ନାଇଟ ୱାଚମ୍ୟାନ ସନ୍ତୋଷ ଦାସଙ୍କୁ ଥାନାକୁ ନେଇ ପଚରାଉଚରା କରାଯାଇଥିବା ବେଳେ ସେ ଘଟଣା ସମ୍ପର୍କରେ ସତ ମାନିଥିବା ସୂଚନା ମିଳିଛି ।ପରେ ଦୁଇ ଜଣ ସହ ଯୋଗୀ ଙ୍କୁ ମଧ୍ୟ ଅଟକ ରଖି ପଚରା ଉଚରା ଜାରି ରହିଛି । ପୋଲିସ୍ କେସ ନମ୍ବର୍ ୨୪୨/୨୬ରେ ମାମଲା ରୁଜୁ କରାଯାଇଛି । ଉଲ୍ଲେଖ ଥାଉକି ବିଦ୍ୟାଳୟ ପରିସରରେ ପ୍ରତିଦିନ ରାତିରେ ମଦ ଓ ମାଂସ ଭୋଜିର ଆସର ବସୁଥିବା ନେଇ ମଧ୍ୟ ଅଭିଯୋଗ ଉଠିଛି । ସ୍ଥାନୀୟ ଅଂଚଳର କିଛି ବ୍ୟକ୍ତି ସ୍କୁଲ ପରିସରକୁ ଏଭଳି କାର୍ଯ୍ୟକଳାପ ପାଇଁ ବ୍ୟବହାର କରୁଥିବା ବେଳେ ଏଥିପ୍ରତି ସମ୍ପୃକ୍ତ ପ୍ରଧାନ ଶିକ୍ଷକ ପ୍ରଭାତ ଜେନାଙ୍କ ପ୍ରଶ୍ରୟ ରହିଥିବା ଅଭିଯୋଗ ହୋଇଛି । ପୋଲିସ ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ଚୋରିର ପ୍ରକୃତ କାରଣ ଓ ଏଥିରେ ଆଉ କିଏ କିଏ ସମ୍ପୃକ୍ତ ଅଛନ୍ତି, ତାହା ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ଥାନା ଅଧିକାରୀ ଶୁଭ୍ରଜିତ ଦାସ ସୂଚନା ଦେଇଛନ୍ତି ।

# ଗୋଡ଼ିବନ୍ଧ ଠାରୁ ଏନଟିପିସି ଛକ ଜାତୀୟ ରାଜପଥ ୪ ଲାଇନ ହେବ




ତାଳଚେର(ନିପ୍ର): ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଢେଙ୍କାନାଳ ଲୋକସଭା କ୍ଷେତ୍ରର ବିଭିନ୍ନ ସମସ୍ୟାକୁ ନେଇ ସଦା ସର୍ବଦା ପାର୍ଲିଆମେଂଟ ରେ ପ୍ରଶ୍ନ ଉଥାପନ କରିବା ସହ ବିଭାଗୀୟ ମନ୍ତ୍ରୀ ଓ ସରକାରୀ ଅଧିକାରୀ ଙ୍କୁ ଭେଟି ଥାଆନ୍ତି । ବିଗତ କିଛିଦିନ ପୂର୍ବରୁ ପାର୍ଲିଆମେଂଟରେ ଗୋଡ଼ିବନ୍ଧ ଠାରୁ ଏନଟିପିସି ରାସ୍ତା ଚାରି ଲାଇନ କରିବା ପାଇଁ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନିତିନ ଗଡ଼କରୀ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । କେନ୍ଦ୍ର ସଡ଼କ ପରିବହନ ରାଷ୍ଟ୍ରମନ୍ତ୍ରୀ ଅଜୟ ଟେମଟା ଉକ୍ତ ରାସ୍ତା ୫୩ ନମ୍ବର ଜାତୀୟ ରାଜପଥ ଅଧୀନରେ ଆସିବା ସହ ଗୋଡ଼ିବନ୍ଧ ରୁ ଏନଟିପିସି ଛକ ପର୍ଯ୍ୟନ୍ତ ରାସ୍ତା କୁ ଚାରି ଲାଇନ କରାଯିବାକୁ ନେଇ ଢେଙ୍କାନାଳ ସାଂସଦ ଶ୍ରୀ ପାଣିଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ଉକ୍ତ ରାସ୍ତା ଖୁବଶୀଘ୍ର ଚାରି ଲାଇନ ହେବ ବୋଲି ସାଂସଦ ପ୍ରକାଶ କରିଛନ୍ତି । ଢେଙ୍କାନାଳ ସାଂସଦଙ୍କର ସୋମବାର ତାଳଚେର ଗସ୍ତ କାର୍ଯ୍ୟକ୍ରମ ରେ ବିଭିନ୍ନ କାର୍ଯ୍ୟକ୍ରମ ରେ ସାଂସଦ ଯୋଗ ଦେଇଥିଲେ । ସାଂସଦ ତାଳଚେର ଦେଉଳବେଡା ଶ୍ରୀଗୁରୁଜୀ ଆଶ୍ରମରେ ପହଂଚିବା ପରେ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ସେଠାରେ କଂକିଲି, ଧରମପୁର, ବନ୍ତୋଳ, ଗୁରୁଜାଙ୍ଗୁଲି ଗ୍ରାମରୁ ଆସିଥିବା ବିଭିନ୍ନ କାର୍ଯ୍ୟକର୍ତ୍ତା ଗ୍ରାମର ସମସ୍ୟା ଜଣାଇଥିଲେ । ସାଂସଦ ଜିଲ୍ଲାପାଳ, ବିଡ଼ିଓ, ତହସିଲଦାର ଓ ଏନଟିପିସି, ଏମସିଏଲ କର୍ତ୍ତୃପକ୍ଷ ଙ୍କୁ ଫୋନ କରି ସମସ୍ୟା ସମାଧାନ ପାଇଁ କହିଥିଲେ । ପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କ ଭାଇ ସୌମେନ୍ଦ୍ର ପ୍ରଧାନ ଙ୍କର ଏକ ସାମାଜିକ କାର୍ଯ୍ୟକ୍ରମ ରେ ଯୋଗଦେଇଥିଲେ । ସାଂସଦଙ୍କ ସହ ବିଜେପି କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ପର୍ଶୁରାମ ବାରିକ ଉପସ୍ଥିତ ଥିଲେ । ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ବୃନ୍ଦାବନ ବେହେରା, ବରିଷ୍ଠ ନେତା ବରୁଣ ସାହୁ, ମଣ୍ଡଳ ସଭାପତି ଅଜୟ ସାହୁ ଓ ରାଜେଶ ଦଳେଇ, ଜଗଦୀଶ ପ୍ରସାଦ ସିଂହ, ଜଗଦୀଶ ମିଶ୍ର, ସୁନୀଲ ପଟ୍ଟନାୟକ, ଖଇରା ପ୍ରଧାନ, ସୁବ୍ରତ ସାହୁ, ଗୋପାଳ ସାହୁଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# ବିପୁଳ ପରିମାଣର ଚୋରା ମଦ ଜବତ, ଦୁଇ ଗିରଫ



ଧାମନଗର(ନିପ୍ର): ଧାମନଗର ଅଂଚଳରେ ଚାଲିଥିବା ଚୋରା ମଦ କାରବାର ବିରୋଧରେ ଧାମନଗର ପୋଲିସ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଧାମନଗର ଥାନା ଅଧିକାରୀ ଶୁଭ୍ରଜିତ ଦାସଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ଏହି ବିପୁଳ ପରିମାଣର ମଦ ଜବତ କରିବାରେ ସଫଳ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ, ବାରିକପୁର ଅଂଚଳରେ ଏହି ଚୋରା ମଦ କାରବାର ଚାଲିଥିବା ନେଇ ପୋଲିସକୁ ସୂଚନା ମିଳିଥିଲା । ପୋଲିସ ଟିମ୍ ରବିବାର ରାତି ୮ଟା ସମୟରେ ଘଟଣାସ୍ଥଳରେ ପହଂଚି ଚଢ଼ଉ କରିଥିଲା । ଏହି ଚଢ଼ଉ ରେ ସମ୍ପୃକ୍ତ ଥିବା ଦୁଇ ଜଣ ମଦ ବେପାରୀ ଉତମ ଜେନା ପିତା,ପ୍ରତାପ ଜେନା, ବଳରାମ ଜେନା ପିତା, ଶ୍ୟାମସୁନ୍ଦର ଜେନା ଙ୍କୁ ପୋଲିସ ଗିରଫ କରିଥିବା ବେଳେ ତାଙ୍କ ପାଖରୁ ୫୦ ରୁ ଉର୍ଦ୍ଧ୍ୱ ଆସ୍କା ଫଟି ଓ ବିଦେଶୀ ପେଟି ମଦ ଜବତ କରିଛି । ଉଲ୍ଲେଖ ଥାଉକି ଏହି ଅପରେସନ ରେ ଏସ ଆଇ ନାରାୟଣ ନାୟକ, ଥାନା କନଷ୍ଟେବଲ ଶିବ ରାମ ଦାସ, ନୀଳମଣି ବିଳାସ, ପ୍ରମୁଖ ସାମିଲ ହୋଇ ଏହି ଚୋରା ମଦକୁ ଜବତ କରିଥିଲେ, ଏ ଏସ ଆଇ ନରେନ୍ଦ୍ର କୁମାର ରାଉତ ଉକ୍ତ କେଶ ର ତଦନ୍ତ କରୁଥିବା ବେଳେ କେସ ନମ୍ବର୍ ୨୪୦/୨୬ ରେ ମାମଲା ରୁଜୁକରି ଅଭିଯୁକ୍ତ ଦୟ ଙ୍କୁ କୋର୍ଟ ଚାଲାଣ କରିଛନ୍ତି ।ସୂଚନା ଥାଉକି ଉକ୍ତ ସ୍ଥାନ ରୁ ମଧ୍ୟ ଗତ ତା ୩/୩/୨୬ ତାରିଖରେ ୨୧୦ ମଦ ବୋତଲ ସହ ଜଣେ ଅଭିଯୁକ୍ତ ଓ ଗାଡ଼ି ଜବତିକରିବାରେ ପୋଲିସ କୁ ସଫଳତା ମିଳିଥିଲା, ଏ ଠାରେ ପ୍ରଶ୍ନ ଉଠୁଚି ଯେ ଉକ୍ତ ଚୋରା ମଦକୁ ଧରିବା ପାଇଁ ଧାମନଗର ର ଅବକାରୀ ବିଭାଗ ରହିଛି ମାତ୍ର ଉକ୍ତ ବିଭାଗ ବେପାରୀଙ୍କ ଠାରୁ ମାସିକିଆ ଟଙ୍କା ନେଇ ଚୁପ ରହୁଥିବା ବେଳେ ଧାମନଗର ପୋଲିସ ଉକ୍ତ କାର୍ଯ୍ୟ କରୁଛି । ଧାମନଗର ପୋଲିସର ଏହି ଦୃଢ଼ କାର୍ଯ୍ୟାନୁଷ୍ଠାନକୁ ସ୍ଥାନୀୟ ଅଂଚଳରେ ପ୍ରଶଂସା କରାଯାଇଛି । ଆଗାମୀ ଦିନରେ ମଧ୍ୟ ଏଭଳି ଚୋରା ମଦ କାରବାର ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ଥାନା ଅଧିକାରୀ ଶ୍ରୀ ଦାସ ସୂଚନା ଦେଇଛନ୍ତି ।

# ଚୂନ ଗୋଦାମରେ ଯୁବକ ଜୀବନ୍ତ ଦଗ୍ଧ

ଧାମନଗର(ନିପ୍ର): ବାଲେଶ୍ୱର ସ୍ଥିତ ଏକ ଚୂନ ଗୋଦାମରେ ଗତ ୩୦ ମଇ ବିଳମ୍ବିତ ରାତିରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡରେ ଭଦ୍ରକ ଜିଲ୍ଲା ଧାମନଗର ଥାନା ଅନ୍ତର୍ଗତ ମୁନିସିପାଟଣା ଗ୍ରାମର କୈଳାସ ବେହେରା (କାକା)ଙ୍କ ର ମୃତ୍ୟୁ ଘଟିଛି । ଏହି ଦୁଃଖଦ ଘଟଣା ପରେ ସମଗ୍ର ଅଂଚଳରେ ଶୋକର ଛାୟା ଖେଳିଯାଇଛି । ସୂଚନା ଅନୁଯାୟୀ, କୈଳାସ ବେହେରା ଦୀର୍ଘଦିନ ଧରି ଉକ୍ତ ଗୋଦାମରେ ସୁପରଭାଇଜର ଭାବେ କାର୍ଯ୍ୟ କରୁଥିଲେ । ଶୁକ୍ରବାର ବିଳମ୍ବିତ ରାତିରେ ଗୋଦାମରେ ହଠାତ୍ ନିଆଁ ଲାଗିଯିବାରୁ ସେ ଭିତରେ ଫସି ଯାଇଥିଲେ । ଅଗ୍ନିକାଣ୍ଡ ଏତେ ଭୟାବହ ଥିଲା ଯେ ଉଦ୍ଧାର କାର୍ଯ୍ୟ ସତ୍ତ୍ୱେ ତାଙ୍କୁ ବଂଚାଇବା ସମ୍ଭବ ହୋଇନଥିଲା । ଘଟଣାସ୍ଥଳରେ ସେ ଜୀବନ୍ତ ଦଗ୍ଧ ହୋଇଥିବା ଜଣାପଡ଼ିଛି । କୈଳାସ ବେହେରା ପରିବାରର ଏକମାତ୍ର ରୋଜଗାରିଆ ମୁରବୀ ଥିବାବେଳେ ତାଙ୍କ ଅକାଳ ବିୟୋଗରେ ପରିବାର ଉପରେ ଦୁଃଖର ପାହାଡ଼ ଭାଙ୍ଗି ପଡ଼ିଛି ।

# ରାଷ୍ଟ୍ରୀୟ ଯୁବା ସଂଗଠନର ୨୦ତମ ତାଲିମ ଶିବିର



କଟକ(ନିପ୍ର): ରାଷ୍ଟ୍ରିୟ ଯୁବା ସଂଗଠନର ୩୦ ତମ ଜାତୀୟ ତାଲିମ ଶିବିରଚଳିତ ମସିହାର ଜୁନ୍ ୧ରୁ ଜୁନ୍ ୭ତାରିଖ ପର୍ଯ୍ୟନ୍ତ ବିଷୟବସ୍ତୁ-: ଆମେ କ’ଣ ପୃଥିବୀ ମାତାର ସନ୍ତାନ ନା ପୃଥିବୀର ଲୁଟେରା ମିଶନ ରୋଡସ୍ଥିତ ନ୍ୟୁ ଷ୍ଟିୱାର୍ଟ ସ୍କୁଲ ପରିସରରେ କରାଯାଉଛି ।ଆଜି, ସାରା ବିଶ୍ୱରେ ରାଜନୈତିକ ନେତାମାନେ ଲୋକଙ୍କୁ ଯୁଦ୍ଧ ଆଡ଼କୁ ଟାଣି ନେଉଛନ୍ତି, ଯେତେବେଳେ ଯୁବପିଢ଼ି ପ୍ରାୟତଃ ବନ୍ଦୀ ଭୂମିକାରେ ପରିଣତ ହେଉଛନ୍ତି । ପରିବେଶଗତ ସଙ୍କଟ ଆହୁରି ଗଭୀର ହେବାରେ ଲାଗିଛି, ଏବଂ ଆମେ ଜାଣୁ ଯେ ମାନବତା ଏବଂ ପ୍ରକୃତି ମଧ୍ୟରେ ଯେକୌଣସି ଦ୍ୱନ୍ଦ୍ୱରେ, ପ୍ରକୃତି ଶେଷରେ ବିଜୟୀ ହୁଏ । କୃତ୍ରିମ ସୃଷ୍ଟିକର୍ତ୍ତା ଏବଂ ଏହି ପ୍ରଯୁକ୍ତିର ପ୍ରାଥମିକ ବ୍ୟବହାରକାରୀ । ଏହି ଚ୍ୟାଲେଞ୍ଜଗୁଡ଼ିକର ସମ୍ମୁଖୀନ ହୋଇ, ଅନେକ ଯୁବ ବୁଦ୍ଧିମତା ଦ୍ରୁତ ଗତିରେ କର୍ମ ଜଗତକୁ ପରିବର୍ତ୍ତନ କରୁଛନ୍ତି, ଏବଂ ଆମେ ଉଭୟ ଲୋକ ଶକ୍ତିହୀନ ଅନୁଭବ କରୁଛୁ । ଶତାବ୍ଦୀ ପୂର୍ବରୁ, ଆଜି ପରି, ପ୍ରାକୃତିକ ସମ୍ପଦ ଜଳ ନିୟନ୍ତ୍ରଣ ପାଇଁ, ଉତ୍ପାଦନ ପାଇଁ ଯୁଦ୍ଧ ହେଉଥିଲା, କିନ୍ତୁ ଆମର ଭବିଷ୍ୟତ ସମ୍ପୂର୍ଣ୍ଣ ଭାବରେ ଏହା ଉପରେ ନିର୍ଭର କରେ । ଆମ ସମୟର ସଂଘର୍ଷ- ଜଙ୍ଗଲ, ଜମି, ଖଣିଜ ପଦାର୍ଥ ଏବଂ ତେଲ । ଏହି ସମ୍ପଦଗୁଡ଼ିକ ବିଷୟରେ ଯାହା ମଣିଷ କେବେ ଶିଖିନାହିଁ ।ଯୁଦ୍ଧ, ପରିବେଶଗତ ବିନାଶ, ଅସମାନତା ଏବଂ ପ୍ରଯୁକ୍ତିବିଦ୍ୟା ବିଭ୍ରାଟ ସବୁ ପରସ୍ପର ସହିତ ଜଡିତ । ଏହି ବର୍ଷର ଜାତୀୟ ତାଲିମ ଶିବିରରେ, ଏହି ପ୍ରସଙ୍ଗଗୁଡ଼ିକୁ ସଂଯୋଗ କରୁଥିବା ୱେବକୁ ବୁଝିବାକୁ ଚେଷ୍ଟା କରାଯାଉଛି । ଏହି ଶୋଷଣ ବ୍ୟବସ୍ଥାକୁ ଚ୍ୟାଲେଞ୍ଜ କରାଯାଇପାରିବ କି ? ଏହାକୁ କିପରି ଚ୍ୟାଲେଞ୍ଜ କରାଯାଇପାରିବ ଏବଂ କିଏ ସେହି ଚ୍ୟାଲେଞ୍ଜ ଗ୍ରହଣ କରିବ ସେ ବିଷୟରେ ଏହି କର୍ମଶାଳା ଆୟୋଜନ କରାଯାଇଛି । ଏହି କାର୍ଯ୍ୟକ୍ରମ ବିଶ୍ୱଜିତ୍ ରାୟ, ପ୍ରଶାନ୍ତ ନଗୋସେ, ଶିବକାନ୍ତ ଜୀ, ପ୍ରଫୁଲ୍ଲ ସାମନ୍ତରା,ଅର୍ଚ୍ଚନା, ମନୋରଞ୍ଜନ ମହାନ୍ତି, ଗୌରାଙ୍ଗ ମହାପାତ୍ର ପ୍ରମୁଖଙ୍କ ନେତୃତ୍ୱରେ କର୍ମଶାଳା ଅନୁଷ୍ଠିତ ହେବ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

# ପୂର୍ବତନ କୃଷି ଜିଲା ଅଧିକାରୀଙ୍କ ବିୟୋଗ

ଜଳେଶ୍ୱର(ନିପ୍ର): ପୂର୍ବତନ ଜଳେଶ୍ୱର କୃଷି ଜିଲା ଅଧିକାରୀ ରାଜୀବ ଲୋଚନ ବେହେରାଙ୍କର ହୃଦଘାତରେ ପରଲୋକ ହୋଇଛି । ଜଳେଶ୍ୱର କୃଷି ଜିଲା ଅଧିକାରୀ ଭାବେ ୨୦୨୫ ଏପ୍ରିଲରେ ଅବସର ନେଇଥିଲେ । ସେ ଜଣେ କୃଷି ବିଶାରଦ, ପରୋପକାରୀ, ବନ୍ଧୁ ବତ୍ସଳ, ମିଷ୍ଟଭାଷୀ ମଣିଷ ଥିଲେ । କଟକର ଅବସ୍ଥାନ କରୁଥିଲେ । ସେ ରାଜ୍ୟର ବିଭିନ୍ନ ସିଡିଏରେ ଅବ ସ୍ଥାନରେ କୃଷି ଅଧି ଅଧିକାରୀ ଭାବେ କାର୍ଯ୍ୟ କରିଥିଲେ । ମୃତ୍ୟୁ ବେଳକୁ ତାଙ୍କ ସ୍ତ୍ରୀ ଓ ସମ୍ପର୍କୀୟ ଉପସ୍ଥିତ ଥିଲେ । ଜଗତସିଂହପୁର ଜିଲା କୁଜଙ୍ଗ ବ୍ଲକ ଗଣ୍ଡିଆ ଗାଁ ଶ୍ମଶାନରେ ପୁଅ ଯଶୋବନ୍ତ ମୁଖାଗ୍ନି ଦେଇଥିଲେ । ଏହି ଖବର ଅଂଚଳରେ ଶୋକ ପ୍ରକାଶ ପାଇଛି ।



# ଜିଲ୍ଲା ପ୍ରଶାସନ ପକ୍ଷରୁ ମହାସମାଧାନ ଜନଶୁଣାଣି ଶିବିର ଅନୁଷ୍ଠିତ

ଝାରସୁଗୁଡ଼ା,(ନି.ପ୍ର.): ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସ୍ଥିତ ଡି.ଏମ.ଏଫ. ଅଡିଟୋରିୟମଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାସ୍ତରୀୟ ମହାସମାଧାନ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ସାଧାରଣ ଜନତାଙ୍କ ସମସ୍ୟାର ସରଳ ଓ ସୂଚାରୁ ସମାଧାନ ପାଇଁ ଆୟୋଜିତ ଏହି ଶିବିରରେ ମୋଟ ୯୭ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଥିମଧ୍ୟରୁ ୫୯ଟି ବ୍ୟକ୍ତିଗତ ସମସ୍ୟା ଭିତିକ ହୋଇଥିବା ବେଳେ ୩୮ଟି ସାମୂହିକ ଅଭିଯୋଗ ରହିଥିଲା । ଉକ୍ତ ଶିବିରରେ ପ୍ରତ୍ୟେକଟି ଆବେଦନକୁ ଗୁରୁତ୍ୱର ସହ ବିଚାର କରାଯାଇ କେତେକ ଜଟିଳ ସମସ୍ୟାର ତତ୍କାଳ ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।ଏହି ସମାଧାନ ଶିବିରରେ ସାଧାରଣ ପ୍ରଶାସନର



ଅତିରିକ୍ତ ଜିଲ୍ଲାପାଳ ବ୍ରଜ ବନ୍ଧୁ ଭୋଇଙ୍କ ସମେତ ରାଜସ୍ୱ ବିଭାଗର ଅତିରିକ୍ତ ଜିଲ୍ଲାପାଳ ଲଳିତ ସୋରେଙ୍ଗ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ, ଉପ-ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ସହକାରୀ ଜିଲ୍ଲାପାଳ (ଅଭିଯୋଗ ପ୍ରକୋଷ୍ଠ) ଏବଂ ବିଭିନ୍ନ ସରକାରୀ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟାର ପ୍ରତ୍ୟକ୍ଷ ଶୁଣାଣି କରିଥିଲେ । ଶିବିରରେ ମୁଖ୍ୟତଃ ସ୍ଥାନୀୟ ଅଂଚଳର ଜଳ ନିଷ୍କାସନ ସମସ୍ୟା, ନୂତନ ରାସ୍ତା ନିର୍ମାଣ ଏବଂ ବେଆଇନ ଭାବେ ରାସ୍ତା ଜବରଦଖଲ ଉଚ୍ଛେଦ ସମ୍ପର୍କିତ ବହୁ ଅଭିଯୋଗ ଆସିଥିଲା । ଏହା ସହିତ ବିଭିନ୍ନ ସ୍ଥାନରେ ଜମି ବିବାଦ ମାମଲା, ଜମି ଚିହ୍ନଟୀକରଣ ବା ସୀମା ନିର୍ଦ୍ଧାରଣ, ପାନୀୟ ଜଳ ଯୋଗାଣ ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରିବା ପାଇଁ ହିତାଧିକାରୀମାନେ ଆବେଦନ କରିଥିଲେ । ଏହା ବ୍ୟତୀତ ପରିବେଶ ସୁରକ୍ଷାକୁ ନେଇ ବେଆଇନ ଗଛ କଟାଯିବା ବିରୋଧରେ ମଧ୍ୟ ଅଭିଯୋଗ ହୋଇଥିଲା । ଏହି ସମସ୍ତ ସମସ୍ୟାର ସମୟସୀମା ମଧ୍ୟରେ ସମାଧାନ କରି ଲୋକଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଅତିରିକ୍ତ ଜିଲ୍ଲାପାଳ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ।

# ଡ଼ଃ ରଶ୍ମିତା ପାଣିଗ୍ରାହୀଙ୍କ 'ଭକ୍ତି ନୈବେଦ୍ୟ' ପୁସ୍ତକ ଉନ୍ମୋଚିତ



ବାଲିଆପାଳ,(ନି.ପ୍ର)ବାଲିଆପାଳ ବ୍ଲକର ବିଶିଷ୍ଟ ଲେଖିକା ତଥା କବୟିତ୍ରୀ ଡ଼ଃ ରଶ୍ମିତା ପାଣିଗ୍ରାହୀଙ୍କ 'ଭକ୍ତି ନୈବେଦ୍ୟ' ପୁସ୍ତକ ରବିବାର ବାଲିଆପାଳ ଜଗନ୍ନାଥ ସେବାସଂସ୍ଥା ପରିସରରେ ଏକ ଭକ୍ତିମୟ ପରିବେଶରେ ଉନ୍ମୋଚିତ ହୋଇଯାଇଛି ।କବି ବ୍ରଜେନ୍ଦ୍ର ନାଥ ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ଜଳେଶ୍ୱର ଦୀନକୃଷ୍ଣ ସାହିତ୍ୟ ପରିଷଦର ସଂପାଦକ ପ୍ରାଧ୍ୟାପକ ଡ଼ଃ ବିପିନ ବିହାରୀ ବିଶ୍ୱାଳ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉକ୍ତ ପୁସ୍ତକଟିକୁ ଉନ୍ମୋଚନ କରି ନିଜ ବକ୍ତବ୍ୟ ରେ କହିଥିଲେ ଯେ ବର୍ତମାନ ଡିଜିଟାଲ ଯୁଗରେ ପୁସ୍ତକ ପ୍ରତି ଆଦର କମିଯାଉଥିବାବେଳେ ଆମର କବି ଓ ଲେଖକ ମାନେ ନିଜ କଲମ ମୁନର ଲେଖାକୁ ଜାରୀ ରଖିଛନ୍ତି ।ଯାହାକି ଡ଼ଃ ରଶ୍ମିତା ପାଣିଗ୍ରାହୀ ତାଙ୍କର ଏହି ଭକ୍ତି ନୈବେଦ୍ୟ ପୁସ୍ତକଟିରେ ୯୭ଟି ଭକ୍ତି କବିତାକୁ ଲିଲିବଧ୍ୟ କରି ଆଜି ଆମକୁ ଏହି ପୁସ୍ତକଟି ଉପହାର ଦେଇ ପାରିଛନ୍ତି ।ମୁଖ୍ୟବକ୍ତା ଭାବେ ଅବସର ପ୍ରାପ୍ତ ଅଧ୍ୟକ୍ଷ ଡ଼ଃ ବିଜୟ କୁମାର ଦେ, ସମ୍ମାନିତ ଅତିଥି ଭାବରେ ଶିକ୍ଷାବିତ ଅଜିତ ମହାନ୍ତି, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷକ ଡ଼ଃ ଝାଡେଶ୍ୱର ପ୍ରଧାନ,ଶିକ୍ଷାବିତ ତଥା ଜଗନ୍ନାଥ ସେବାସଂସ୍ଥା ର ମୁଖ୍ୟ ଜଗନ୍ନାଥ ପ୍ରଧାନ,ବରିଷ୍ଠ ସାମ୍ବାଦିକ ଅଜୟ କୁମାର ସାହୁ ପ୍ରମୁଖ ଯୋଗଦେଇ ଏହି ଅବସରରେ ବକ୍ତବ୍ୟ ପ୍ରଦାନ କରିଥିଲେ ।ଅଧ୍ୟାପକ ଦୟାନିଧି ସାହୁ ପୁସ୍ତକର ସମୀକ୍ଷାକରି ଡ଼ଃ ରଶ୍ମିତା ପାଣିଗ୍ରାହୀଙ୍କ ଭକ୍ତି ନୈବେଦ୍ୟ ପୁସ୍ତକଟି ସମସ୍ତଙ୍କ ପାଇଁ ବେଶ ଆଦୃତ ହେବ ବୋଲି କହିଥିଲେ ।କବି ତଥା ନିରଞ୍ଜନ ବେହେରା ସ୍ୱାଗତ ଭାଷଣ ସହିତ ଅତିଥିମାନଙ୍କୁ ମଂଚ ଆହ୍ୱାନ କରିଥିଲେ ।ଲେଖିକା ତଥା ଭକ୍ତି ନୈବେଦ୍ୟ ପୁସ୍ତକର ରଚୟିତା କବୟିତ୍ରୀ ଡ଼ଃ ରଶ୍ମିତା ପାଣିଗ୍ରାହୀ ନିଜ ବକ୍ତବ୍ୟ ରେ କହିଥିଲେ ଯେ ଏହା ପୂର୍ବରୁ ତାଙ୍କର ୫ ଟି ପୁସ୍ତକ ପ୍ରକାଶିତ ହୋଇଛି ଏହି ପୁସ୍ତକଟି ପୂର୍ବପରି ସମସ୍ତଙ୍କ ପାଖରେ ଗ୍ରହଣୀୟ ହେଉ ବୋଲି ନିଜ ପ୍ରତିକ୍ରିୟା ରେ ପରିପ୍ରକାଶ କରିଥିଲେ ।

# ସ୍ୱତନ୍ତ୍ର ସଘନ ସଂଶୋଧନ ପାଇଁ ବିଏଲଓଙ୍କ ଘରକୁ ଘର ପରିଦର୍ଶନ

ପୁରୀ(ନି.ପ୍ର.) ପୁରୀ ଜିଲ୍ଲା ରେ ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସ ଆଇ ଆର କାର୍ଯ୍ୟ ଆରମ୍ଭ ହୋଇ ଯାଇଥିବା ବେଳେବିଏଲଓ ବା ବୁଥ ସ୍ତରୀୟ ଅଧିକାରୀ ମାନେ ଘରକୁ ଘର ପରିଦର୍ଶନ କରି ଭୋଟର ମାନଙ୍କୁ ସଚେତନ ଓ ସହାୟତା କରୁଛନ୍ତି ।ଏକ ସ୍ୱଚ୍ଛ ଓ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି ନିର୍ବାଚନ କମିଶନରଙ୍କ ଉଦ୍ଦେଶ୍ୟ ।ତେଣୁ ଭୋଟର ମାନେ ସେମାନଙ୍କ ପରିବାର ର ସଠିକ ତଥ୍ୟ ଯଥା ୧୮ ବର୍ଷ ବା ଉର୍ଦ୍ଧ୍ୱ ବ୍ୟକ୍ତି ଙ୍କ ନାମ ଯୋଗ କରିବା, ମୃତ, ସ୍ଥାନାନ୍ତର, ବିବାହ ଇତ୍ୟାଦି କ୍ଷେତ୍ରରେ ନାମ ବାଦ ଦେବା, ପରିଚୟ ପତ୍ର ରେ ତୃଟି ଥିଲେ ସଂଶୋଧନ ସମ୍ପର୍କିତ ସୂଚନା ପ୍ରଦାନ କରିପାରିବେ ।କାର୍ଯ୍ୟସୂଚୀ ଅନୁସାରେ ଏସଆଇଆର ପାଇଁ ଯୋଗ୍ୟତା ତାରିଖ ଜୁଲାଇ ୧ ତାରିଖ ଧାର୍ଯ୍ୟ କରାଯାଇଥିବା ବେଳେ ମଇ ୩୦ ତାରିଖ ଠାରୁ ଜୁନ ୨୮ ତାରିଖ ପର୍ଯ୍ୟନ୍ତ ବିଏଲଓ ମାନେ ଘରକୁ ଘର ପରିଦର୍ଶନ କରିବା କାର୍ଯ୍ୟ ଆରମ୍ଭ କରି ଦେଇଛନ୍ତି । ଜୁନ ୨୮ ତାରିଖ ସୁଦ୍ଧା ମତଦାନ କେନ୍ଦ୍ର ଗୁଡିକ ର ଯୁକ୍ତି ସଂଗତ ପୁନର୍ବିନ୍ୟାସ କରାଯିବ ।ଜୁଲାଇ ୫ ତାରିଖ ରେ ଖସଡା ଭୋଟର ତାଲିକା ପ୍ରକାଶ କରାଯିବ ।ଦାବି ଓ ଆପତି ଦାଖଲ ସମୟ ସୀମା ଜୁଲାଇ ୫ ରୁ ଅଗଷ୍ଟ ୮ ତାରିଖ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି ।ଜୁଲାଇ ୫ ରୁ ସେପଟ୍ମ୍ବର ୨ ତାରିଖ ପର୍ଯ୍ୟନ୍ତ ନୋଟିସ ପର୍ଯ୍ୟାୟ, ଦାବି ଓ ଆପତି ର ନିଷ୍ପତି ଗ୍ରହଣ କରାଯିବ ।ସେପଟ୍ମ୍ବର ୬ ତାରିଖରେ ଚୁଡାନ୍ତ ଭୋଟର ତାଲିକାରେ ପ୍ରକାଶନ କରାଯିବ ବୋଲି ନିର୍ବାଚନ କମିଶନ କାର୍ଯ୍ୟସୂଚୀ ପ୍ରସ୍ତୁତ କରିଛନ୍ତି ।ପୁରୀ ଜିଲ୍ଲାରେ ୧୬୦୯ ଜଣ ବିଏଲଓ ମାନେ ଭୋଟର ମାନଙ୍କ ଘରକୁ ଘର ପରିଦର୍ଶନ କରୁଛନ୍ତି । ଏ କ୍ଷେତ୍ରରେ ୧୬୧ ଜଣ ସୁପରଭାଇଜର ସେମାନ ଙ୍କୁ ସହଯୋଗ ଓ ପରାମର୍ଶ ଦେଉଛନ୍ତି ।ବିଏଲଓ ମାନେ ଏନୁମେରେସନ ବା ପରିଗଣନା ଫର୍ମ ଗୃହସ୍ଥ ଙ୍କୁ ପ୍ରଦାନ କରିବା ସହ ଭୋଟର ମାନଙ୍କୁ ଫର୍ମ ପୂରଣ କରିବାରେ ମାର୍ଗଦର୍ଶନ କରାଉଛନ୍ତି ।ଫର୍ମ ପୂରଣ ପରେ ବିଏଲଓ ମାନେ ଭୋଟର ଙ୍କ ଦ୍ୱାରା ଆବଶ୍ୟକ ସୂଚନା ସହ ପୂରଣ ହୋଇଥିବା ପରିଗଣନା ଫର୍ମ ସଂଗ୍ରହ କରି ଭୋଟର ମାନଙ୍କୁ ଏକ ସ୍ୱୀକୃତି ପତ୍ର ବା ଆକନଲେଜମେ[ ରସିଦ ପ୍ରଦାନ କରିବେ ।ଏ ସମସ୍ତ କାର୍ଯ୍ୟ ରେ ଜିଲ୍ଲା ର ସମସ୍ତ ଭୋଟର ସହଯୋଗ କରିବାକୁ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଅନୁରୋଧ କରିଛନ୍ତି ।

# ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ପୁରୀ (ନି.ପ୍ର.) ପୁରୀ ଜିଲ୍ଲା ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଆଜି ସଦଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ ।ଏଥିରେ ମୋଟ ୧୧୨ ଗୋଟି ଅଭିଯୋଗ ପତ୍ର ମିଳିଥିଲା ।ସେଥିରୁ ୯୭ ଗୋଟି ବ୍ୟକ୍ତିଗତ,୧୫ ଗୋଟି ଗ୍ରାମ ସମସ୍ୟା ସମ୍ପର୍କରେ ରହିଥିଲା ।ତତକ୍ଷଣାତ ୫ ଗୋଟି ଅଭିଯୋଗ ର ସମାଧାନ କରାଯାଇଥିଲା । ଅନ୍ୟ ଅଭିଯୋଗ ଗୁଡିକ ର ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗ ମାନଙ୍କୁ ପ୍ରେରଣ କରାଯାଇଥିଲା ।ଏହି ଶୁଣାଣୀ ରେ ଏସପି ପ୍ରତୀକ ସିଂ, ପୁରୀ ମହାନଗର ନିଗମ ର କମିଶନର ସ୍ନେହା ଅରୁଗୁଲା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ସିଡିଏମଓ ଡା ଅକ୍ଷୟ କୁମାର ଶତପଥୀ,ଅଭିଯୋଗ ଶୁଣାଣୀ ଅଧିକାରୀ ବିବେକାନନ୍ଦ ସାହୁ ଓ ଅନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ ।ଆସନ୍ତା ୮ ତାରିଖ ରେ ପୂର୍ବାହ୍ନ ୭ ଘଟିକା ରୁ ୧୦ ଘଟିକା ପର୍ଯ୍ୟନ୍ତ ଅସ୍ତରଙ୍ଗ ବ୍ଲକ ସମ୍ମିଳନୀ କକ୍ଷରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଜଣାଯାଇଛି ।ସେହିପରି ୧୬ ତାରିଖ ମଙ୍ଗଳବାର ପିପିଲି ବ୍ଲକରେ, ୨୨ ତାରିଖରେ ଡେଲାଙ୍ଗ ବ୍ଲକ ରେ ଓ ୨୯ ତାରିଖରେ ଗୋପ ବ୍ଲକରେ ଦିବା ୧୦ ଘଟିକା ରୁ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଅଭିଯୋଗ ଶୁଣାଣି ଅଧିକାରୀ ସୂଚନା ଦେଇଛନ୍ତି ।

# ଅନୁସୂଚିତ ଜାତି ଓ ଜନଜାତି ମିଳିତ ସମ୍ମିଳନୀ

ଜଳେଶ୍ୱର(ନି.ପ୍ର) : ଆଜି ପୂର୍ବାହ୍ନରେ ଜଳେଶ୍ୱର ବ୍ଲକର ବିଭିନ୍ନ ପଂଚାୟତ ଓ ପୌରପାଳିକାରୁ ଆସିଥ୍ ? ସିଥ ?ିବା ଅନୁସୂଚିତ ଜାତି ଓ ଜନଜାତି ମାନଙ୍କ ମିଳିତ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି । ଇଂଜଶ୍ରୀ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସଭାରେ ହାଇକୋର୍ଟର ବ ବରିଷ୍ଠ ଆଇନ୍ ?ଜିବୀ ରାମଚନ୍ଦ୍ର ଜେନା ସଭାପତିତ୍ୱ କରି ଅନୁସୂଚିତ ଜାତି ଓ ଜନ ଜନଜାତିର ଲୋକମାନଙ୍କ ସାମ୍ବିଧାନିକଅଧିକାର ସଂପର୍କରେ ଆଲୋଚନା କରିବା ସହିତ ସେମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସଂପର୍କରେ ଆଲୋକପାତ କରିଥିଲେ । ବିଶେଷଭାବେ ଚାକିରୀ କ୍ଷେତ୍ରରେ ପଦୋନ୍ନତିରେ ଓଆରଭି ଏକ୍ଟକୁ ଅଣଦେଖା କରାଯା କରାଯାଉଥିବା ଓ ତ୍ରିସ୍ତରୀୟ ପଂଚାୟତରାଜ ନିର୍ବାଚନରେ ଅନୁସୂଚିତ ଜାତି ଓ ଜନଜାତିର ପ୍ରାର୍ଥୀ ଚୟନ ସମୟରେ କେତେକ ତ୍ରୁଟି ପର୍ବ ପରିଲକ୍ଷିତ ହେଉଥିବାରୁ ଏ ସଂପର୍କରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରା ?ଯିବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ନେତ ନତା ପ୍ରଦୀପ ସିଂ, ହେମନ୍ତ ଦଳାଇ, ସମାଜସେବୀ ପ୍ରଭାକର ହାଁସଦା, ମଜଦୂର ନେତା ତଥା ଆଇନଜିବୀ ଲକ୍ଷ୍ମଣ ବେହେରା, ନିରଞ୍ଜନ ମାରାଣ୍ଡି ପ୍ରମୁଖ ମଂଚାସୀନ ହୋଇ ଅନୁସୂଚିତ ଜାତି ଓ ଜନଜାତି ଭାଇଭଉଣୀମାନେ ସେ ନେ ସେମାନଙ୍କ ଅଧିକାର ପାଇବାଲାଗି ଏକ ହେବାକୁ ଆହ୍ୱାନ ଦେଇଥିଲେ । ଶିବଶଂକର ଜେନା ମଂଚ ଆହ୍ୱାନ କରିଥିବା ବେଳେ ବୁଦ୍ଧଦେବ ଜେନା ନନା ଧନ୍ୟବାଦ ପ୍ରଦାନ କରିଥିଲେ । ସୁରେଶ ଚନ୍ଦ୍ର ଜେନା, ନବୀନ ଜେନା, ପ୍ରଭାକର ଜେନା, ଚନ୍ଦନ ଜେନା, ପ୍ରଦୀପ ବେରା, ଚୈତନ ବେରା, ବରା, ପଂଚାନନ ବେରା, ଶଶିଭୂଷଣ ଜେନା, ଶ୍ରୀକାନ୍ତ ଦଳାଇ, ଭଗବାନ ହାଁସଦା, ରବିନ୍ଦ୍ର ହାଁସଦା, ଗୋପାଳ ଚନ୍ଦ୍ର ଜେନା, ରଂଜନ ସିଂ ପ୍ରମୁଖ ପ୍ରମୁଖ ବହୁ ବହୁ ସଭ୍ୟ ପରିଚାଳନାରେ ସ ?ହାୟତା କରିଥିଲେ ।

# ସାଂସଦ ଙ୍କ ହସ୍ତକ୍ଷେପ ପରେ ମମତାଙ୍କୁ ମିଳିଲା ଭିନ୍ନକ୍ଷମ ଭତା

ନୀଳଗିରି,(ନି.ପ୍ର.):ନୀଳଗିରି ଏନ୍ ?ଏସି ଅନ୍ତର୍ଗତ ୨ ନମ୍ବର ୱାର୍ଡ ଘାଟଘର ସାହିର ବାସିନ୍ଦା ଶ୍ରୀମତୀ ମମତା ରାଉତ ଦୀର୍ଘ ଦିନ ଧରି ଜଟିଳ ରୋଗରେ ପୀଡ଼ିତ ହୋଇ ଅତ୍ୟନ୍ତ କଷ୍ଟଦାୟକ ଜୀବନ ବିତାଉଛନ୍ତି । ଏହି ରୋଗର ପ୍ରଭାବରେ ତାଙ୍କର ଶାରୀରିକ ଉଚ୍ଚତା କ୍ରମଶଃ ହ୍ରାସ ପାଇଛି । ଏକ ସମୟରେ ପ୍ରାୟ ସାଢ଼େ ପାଂଚ ଫୁଟ୍ ଉଚ୍ଚତା ଥିବା ମମତା ରାଉତ ବର୍ତମାନ ପ୍ରାୟ ଦୁଇ ଫୁଟ୍ ଉଚ୍ଚତାରେ ପହଂଚିଯାଇଛନ୍ତି ।କିଛି ଦିନ ପୂର୍ବରୁ ଏହି ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ମାନ୍ୟବର ସଂସଦପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଦୃଷ୍ଟିଗୋଚର ହୋଇଥିଲା । ସାଂସଦ ତତକ୍ଷାଣାତ୍ ମେଡିକାଲ ଟିମ୍ ସହ ଯୋଗାଯୋଗ କରି ତାଙ୍କ ଘରେ ସ୍ୱାସ୍ଥ୍ୟ ପରୀକ୍ଷାର ବ୍ୟବସ୍ଥା କରାଇଥିଲେ । ପରୀକ୍ଷା ପରେ ତାଙ୍କୁ ୮୦ ପ୍ରତିଶତ ଭିନ୍ନକ୍ଷମତା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଆଜି ପୂର୍ବାହ୍ନରେ ମାନ୍ୟବର ସଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ,ନୀଳଗିରି ଉପଜିଲ୍ଲାପାଳ ଶୁଭଶ୍ରୀ ରଥ,ଏନଏସି କାମଚଳା ଅଧ୍ୟକ୍ଷ ମହେନ୍ଦ୍ରନାଥ ବେହେରା,ଓ କାର୍ଯ୍ୟ ନିର୍ବାହି ଅଧିକାରୀ ଅଂଶୁମାନ ପରିଡା ତାଙ୍କ ଘରକୁ ଯାଇ ସରକାରଙ୍କ ପକ୍ଷରୁ ମାସିକ ୩୫୦୦ ଟଙ୍କା ଭିନ୍ନକ୍ଷମ ଭତା ପ୍ରଦାନ କରାଇଛନ୍ତି କ୍ଷ ଅନ୍ୟ ମାନଙ୍କ ମଧ୍ୟରେ ସାଂସଦଙ୍କ ସହାୟକ ଚନ୍ଦ୍ରବିନ୍ଦୁ ଦାସ,ସାଂସଦ ପ୍ରତିନିଧି ମନୋରଞ୍ଜନ ବେହେରା, ବିଜେପି ନୀଳଗିରି ନଗର ସଭାପତି ସୂର୍ଯ୍ୟକାନ୍ତ ବିଶ୍ୱାଳ,ରାକେଶ ପରିଛା,ଦୀପକ ଦାସ,ରମାକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

ତାଙ୍କର ଚିକିତ୍ସା ପାଇଁ ମଧ୍ୟ ସରକାର ଙ୍କ ପକ୍ଷରୁ ଯଥାସମ୍ଭବ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ସାଂସଦ ଶ୍ରୀଯୁକ୍ତ ଷଡଙ୍ଗୀ କହିଛନ୍ତି ।ଅପରପକ୍ଷରେସମାଜ ରେଏପରି ଅନେକ ଘଟଣା ଅଛି ସମାଜରେ ଅନେକ ଅସହାୟ ଓ ବଂଚିତ ବ୍ୟକ୍ତିଙ୍କ ସମସ୍ୟା ଦୀର୍ଘ ସମୟ ଧରି ଅଣଦେଖା ହୋଇ ରହିଯାଏ । ଗଣମାଧ୍ୟମ ଓ ସ୍ଥାନୀୟ ସଚେତନ ନାଗରିକଙ୍କ ଉଦ୍ୟମରେ ଘଟଣା ସାମ୍ନାକୁ ଆସିବା ପରେ ପ୍ରଶାସନ ଓ ସରକାର ପଦକ୍ଷେପ ନେଇଥାନ୍ତି ବୋଲି ସାଂସଦ ମତପ୍ରକାଶ କରିଛନ୍ତି କ୍ଷ ମମତା ରାଉତ ଦୀର୍ଘ ବର୍ଷ ଧରି ଭତା ପାଇବାରୁ ବଂଚିତ ଥିଲେ । ଆଜି ତାଙ୍କୁ ଭିନ୍ନକ୍ଷମ ଭତା ପ୍ରଦାନ କରାଯାଇଅଛି । ଏହି ମହତ୍ କାର୍ଯ୍ୟରେ ସହଯୋଗ କରିଥିବା ପ୍ରଶାସନିକ ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗ ,ସ୍ଥାନୀୟ କାର୍ଯ୍ୟକର୍ତା ଏବଂ ଘଟଣାକୁ ଲୋକଲୋଚନକୁ ଆଣିଥିବା ଗଣମାଧ୍ୟମର ସମସ୍ତ ପ୍ରତିନିଧିଙ୍କୁ ସାଂସଦ ଶ୍ରୀ ଷଡ଼ଙ୍ଗୀ ଆନ୍ତରିକ ଧନ୍ୟବାଦ ଜ୍ଞାପନ କରିଛନ୍ତି ।

# ଭଞ୍ଜନଗରରେ ଜିଲ୍ଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି

ଭଞ୍ଜନଗର(ନି.ପ୍ର.)ଭଞ୍ଜନଗର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ସୋମବାର ଗଞ୍ଜାମ ଜିଲ୍ଲା ସ୍ତରୀୟ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ କୀର୍ତି ଭାସନ୍ ଭି , ଗଞ୍ଜାମ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ସମୀର କୁମାର ଜେନା , ଉପ ଜିଲ୍ଲାପାଳ ଶ୍ରୀ ଉମାଶଙ୍କର ବେହେରା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଶ୍ରୀ ରଞ୍ଜନ କୁମାର ଦେ, ମୋଟ ୬୯ଟି ଅଭିଯୋଗର ଶୁଣାଣୀ କରିଥିଲେ । ୨ଟି ଅଭିଯୋଗର ସମାଧାନ ଶିବିରରେ କରାଯାଇଥିବା ବେଳେ ଅନ୍ୟ ଅଭିଯୋଗର ତ୍ୱରିତ୍ ସମାଧାନ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ରେଡକ୍ରସ୍



ପାଣ୍ଠିରୁ ୨ ଜଣ ବ୍ୟକ୍ତିଙ୍କୁ ଆର୍ଥିକ ସହାୟତା ୧୦,୦୦୦ ଟଙ୍କା ଯୋଗାଇ ଦିଆଯାଇଥିଲା । ସ୍ଥାନୀୟ ଜନସାଧାରଣ ଶିକ୍ଷା,କୃଷି, ସ୍ୱାସ୍ଥ୍ୟ, ଭତା, ଖାଦ୍ୟ ସୁରକ୍ଷା, ଗୃହ ନିର୍ମାଣ, ଜିବିକା ମିଶନ୍, ରାଜସ୍ୱ, ଜମିଜମା ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ସମ୍ପର୍କରେ ଜିଲ୍ଲାପାଳ ଙ୍କୁ ଅବଗତ କରିଥିଲେ । ଏହି ଶିବିରରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ସହକାରୀ ଜିଲ୍ଲାପାଳ ପ୍ରଧାନ ଟୁଲିଆମା, ସହାୟକ ଜିଲ୍ଲାପାଳ ରାମଚନ୍ଦ୍ର ମହାପାତ୍ର , ସ୍ଥାନୀୟ ଗୋଷ୍ଠି ଉନ୍ନୟନ ଅଧିକାରୀ , ତହସିଲଦାର ଭଞ୍ଜନଗର ଉପଖଣ୍ଡର ସମସ୍ତ ପ୍ରଶାସନ ତଥା ସରକାରୀ ଅଧିକାରୀମାନେ ଉପସ୍ଥିତ ରହିଥିଲେ । ଭଞ୍ଜନଗର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତ ରହି ଜନଶୁଣାଣୀ ପରିଚାଳନାରେ ସହଯୋଗ କରିଥିଲେ ।

# ମଦ ଦୋକାନ ଟେଣ୍ଡର ବଂଟନରେ ସ୍ୱଚ୍ଛତା ପାଇଁ ଆଖିରେ କଳାପଟି ବାନ୍ଧି ଲଟେରୀ ଉଠାଇବା ନୀତିଗତ ବିଡ଼ମ୍ବନା ନୁହଁ କି !

ବ୍ରହ୍ମପୁର, (ନି.ପ୍ର.)ନିଶା ନିବାରଣ ଆଇନ, ୧୯୫୬କୁ ଲାଗୁ କରିବାରେ ରାଜ୍ୟ ସରକାର ବିଫଳ ହେବା ପରଠୁଁ ମଦ, ସିଗାରେଟ, ଖଇନି ତଥା ସମସ୍ତ ପ୍ରକାର ନିଶା ଦ୍ରବ୍ୟର ପ୍ରଚାର ପ୍ରସାରରେ ନିଜେ ରାଜ୍ୟ ସରକାର ଅ[। ଭିଡ଼ି ଲାଗିପଡ଼ିବା ଏକ ସଭ୍ୟ ସମାଜ ପାଇଁ ଅତ୍ୟନ୍ତ ନିର୍ଲଜ ବ୍ୟବସ୍ଥା କ୍ଷ ସମଗ୍ର ରାଜ୍ୟ ତଥା ଗଞ୍ଜାମ ଜିଲ୍ଲାରେ ଏକ ତରଫା ଭାବେ ନିଶା କାରବାର ବୃଦ୍ଧି ପାଇ ମୁଖ୍ୟତଃ ଛାତ୍ର ଓ ଯୁବ ଗୋଷ୍ଠୀ ଏହାର ଶିକାର ହେଉଥିବାବେଳେ ହତ୍ୟା, ଗଣ ଦୁଷ୍କର୍ମ, ଭିଡ ହିଂସା, ଆଦି ଜଘନ୍ୟ ଅପରାଧ ପ୍ରବଳ ମାତ୍ରାରେ ବୃଦ୍ଧି ପାଉଛି କ୍ଷ ଏହାକୁ ନିୟନ୍ତ୍ରଣ କରି ଅପରାଧର ସାମ୍ରାଜ୍ୟକୁ ରୋକିବା ପାଇଁ ମଦ ମାଦକ ଦ୍ରବ୍ୟ ର ପ୍ରସାରକୁ ବନ୍ଦ କରିବା ଆବଶ୍ୟକ ବେଳେ ରାଜ୍ୟ ସରକାର ରାଜସ୍ୱ ସଂଗ୍ରହ ନାଁ ରେ ଅବାଧ ଭାବେ ଏହାର ପ୍ରଚାର ପ୍ରସାରରେ ଲାଗିପଡିଛନ୍ତି କ୍ଷ ଇତି ମଧ୍ୟରେ ମଦ କୁ ସରକାରୀ, ବେସରକାରୀ ତଥା ସ୍ୱୀକୃତି ପ୍ରାପ୍ତ ଓ ବେଆଇନ ଭାବେ ମଧ୍ୟ ଭାଗ ଭାଗ କରିସାରିଛନ୍ତି କ୍ଷ ଗଞ୍ଜାମ ଅବକାରୀ ଜିଲ୍ଲା ଅଧୀନରେ ଥିବା ସରକାରୀ ବିଦେଶୀ ମଦ ଦୋକାନ ଆବ[ନ ପାଇଁ ଗଞ୍ଜାମ ଜିଲ୍ଲାପାଳ ଆଖିରେ କଳାପଟି ବାନ୍ଧି ଲଟେରୀ ଉଠାଇବା ପ୍ରସଙ୍ଗ ସଭ୍ୟ ସମାଜ ପାଇଁ ଏକ ଅତ୍ୟନ୍ତ ସଙ୍କଟାପନ୍ନ ପରମ୍ପରା ଦର୍ଶାଉଛି ଏ୍ଂ ଏହା ସମଗ୍ର ରାଜ୍ୟରେ ରାଜ୍ୟ ଅବକାରୀ କମିଶନରଙ୍କ ନିର୍ଦ୍ଦେଶ ଅନୁଯାୟୀ ପରିଚାଳନା ହେଉଛି କ୍ଷ ଏହି ସମ୍ପୂର୍ଣ ଟେଣ୍ଡର ପ୍ରକ୍ରିୟାକୁ ତ୍ୱରାନ୍ୱିତ ପାଇଁ ଜିଲ୍ଲାପାଳ ମାନଙ୍କ ସହ ଅନ୍ୟ ଉଚ୍ଚପଦସ୍ଥ ପ୍ରଶାସନିକ ଓ ଅବକାରୀ ଅଧିକାରୀ ମାନଙ୍କୁ ଅତ୍ୟନ୍ତ ସମ୍ବେଦନହୀନ ଭାବେ ପ୍ରୟୋଗ କରାଯାଇଛି କ୍ଷ ସମାଜର ବହୁଳ କ୍ଷତି କରୁଥିବା, ଛାତ୍ର ଯୁବ ସମାଜକୁ ବିପଦଗାମୀ କରୁଥିବା, ମହିଳା ଙ୍କ ଉପରେ ହିଂସା, ନିର୍ଯାତନା ବଢ଼ାଉଥିବା,ଲୋକଙ୍କ ଆର୍ଥିକ ସଙ୍କଟ ବଢିବା ସହ ସେମାନଙ୍କ ଧନ ଜୀବନକୁ ବିପଦରେ ପକାଉଥିବା ମଦ ମାଦକ ଦ୍ରବ୍ୟକୁ ବେଆଇନ ବା ନିଷିଦ୍ଧ ଘୋଷଣା ଆବଶ୍ୟକ ବେଳେ ସରକାର ଏଭଳି ଘୃଣ୍ୟ ଜନ ବିରୋଧୀ ପଦକ୍ଷେପ ନେବାକୁ ସମାଜବାଦୀ ଅନୁଷ୍ଠାନ ମାନବ ଅଧିକାର ସୁରକ୍ଷା ମଂଚ ଦୃଢ଼ ନିନ୍ଦା କରିଛି ।

# ଜଙ୍ଗଲରୁ ମାଟି ଉଠାଇ ରାସ୍ତା ନିର୍ମାଣ ଘଟଣା

## ଫରେଷ୍ଟ ଗାର୍ଡ ଓ ଗ୍ରାମବାସୀଙ୍କ ଥାନାରେ ପୃଥକ ପୃଥକ ମାମଲା

ନୀଳଗିରି, (ନି.ପ୍ର.): ୨୮ ତାରିଖ ରାତିରେ ଧୋବଶିଳା ବିଟ୍ ଅଧିନସ୍ଥ କଇଁଥ ପଦା ଗ୍ରାମ ର ସଂରକ୍ଷିତ ଜଙ୍ଗଲ ରୁ ମାଟି ଆଣି ରାସ୍ତା ନିର୍ମାଣକୁ ନେଇ ଜଣେ ମହିଳା ଫରେଷ୍ଟ ଗାର୍ଡଙ୍କୁ ସ୍ଥାନୀୟ ବାସିନ୍ଦା ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଥିବା ନେଇ ଗାର୍ଡ ଜଣଙ୍କ ନୀଳଗିରି ଥାନାରେ ଅଭିଯୋଗ ପରେ ୬ଅଭିଯୁକ୍ତ ଙ୍କ ନାଁ ରେ ମାମଲା ରୁଜ୍ଜୁ କରିଛ ପୋଲିସ ।ଓପର ପକ୍ଷ ଉକ୍ତ ଗ୍ରାମର ଜୈନ କ ମହିଳା ଙ୍କୁ ସ୍ୱ ସମ୍ମୁଖରେ ଜାତି ଉଠେଇ କି ଗାଳି ଦେବା ଓ ମାଡ଼ମାରିବା ନେଇ ଥାନାରେ ଅଭିଯୋଗ ପରେ ଗାର୍ଡ ନାଁରେ ପୋଲିସ ମାମଲା ରଜୁ କରି ତଦନ୍ତ କରୁଥିବା ପୋଲିସ ସୂତ୍ର ରୁ ପ୍ରକାଶ । ଅଭିଯୋଗ ଅନୁଯାୟୀ ନୀଳଗିରି ବନ ବିଭାଗ ଅଧୀନ ଧୋବିଶିଳା ସଂରକ୍ଷିତ ଜଙ୍ଗଲରୁ ଟ୍ରାକ୍ଟର ଯୋଗେ ମାଟି ଉଠାଇ ଧୋବିଶିଳା ପଂଚାୟତ ୯ ନମ୍ବର ୱାର୍ଡ ରାବିଡ଼ି ସାହିରୁ ଡାହିସାହିକୁ ରାସ୍ତା ନିର୍ମାଣ କରାଉଥିଲେ ସ୍ଥାନୀୟ ଗ୍ରାମବାସୀ । ହେଲେ ନିର୍ମାଣ ହେଉଥିବା ରାସ୍ତାଟି ସଂରକ୍ଷିତ ଜଙ୍ଗଲ ଓ ଗ୍ରାମ୍ୟ ଜଙ୍ଗଲ ଅଂଚଳରେ ଥିବାରୁ ଫରେଷ୍ଟ ଗାର୍ଡ ବବିସ୍ମିତା ସାହୁ ଏହାକୁ ରୋକିବାକୁ ଯାଇଥିଲେ । ହେଲେ ଗ୍ରାମର ୬ଜଣ ଲୋକ ତାଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ କରିଥିବା ସେ ଅଭିଯୋଗ କରିଛନ୍ତି । ଅପରପକ୍ଷରେ କଇଁଥପଦା ଗାଁ ର ସର୍ବେଶ୍ୱର ସିଂ ର ସ୍ତ୍ରୀ ସାବିତ୍ରୀ(୩୨)ଅଭିଯୋଗ କରିଛନ୍ତି ଯେ ରାସ୍ତା କାର୍ଯ୍ୟ ନିର୍ମାଣଚାଲି ଥିଲା ବେଳେ ଫରେଷ୍ଟ ଗାର୍ଡବବିସ୍ମିତା ସାହୁ ପହଁଚି ଗ୍ରାମ ବାସୀଙ୍କ ଉପସ୍ଥିତ ରେ ସାବିତ୍ରୀ ଙ୍କୁ ଜାତି ଉଠାଇ ଅଶ୍ଳିଳ ଭାଷା ରେ ଗାଳି ଗୁଳଜ କରିବା ସହିତ ମାଡ଼ ମାରିଥିବା ନେଇ ଅଭିଯୋଗ କରିଛନ୍ତି ।ତେବେ ଡାହିସାହିକୁ ଏଯାଏ ରାସ୍ତା ନଥିବାରୁ ଗ୍ରାମକୁ ଆମ୍ବୁଲାନ୍ସ, ଅଗ୍ନିଶ୍ରମ ଗାଡ଼ି ଓ ଜରୁରୀ ସେବାରୁ ବଂଚିତ ହେଉଥିଲେ । ଉକ୍ତ ଗ୍ରାମକୁ ରାସ୍ତା ନଥିବାରୁ ବର୍ଷା ଦିନେ ସ୍କୁଲ,କଲେଜ, ଅନଗଣ୍ୱାଡ଼ି ପିଲା ଯାତାୟତ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଉକ୍ତ ଅଂଚଳ ଜଙ୍ଗଲ ଜମିରେ ଯାଉଥିବାରୁ ରାସ୍ତା ନିର୍ମାଣ ହେଇପାରୁନି । ଏନେଇ ପ୍ରଶାସନକୁ ବାରମ୍ବାର ଜଣାଇବା ପରେ ବି କିଛି ପଦକ୍ଷେପ ନିଆଯାଉନି । ତେଣୁ ବାଧ ହୋଇ ଆମେ ନିଜ ଉଦ୍ୟମରେ ରାସ୍ତା ନିର୍ମାଣ କରୁଥିଲୁ ବୋଲି କହି ଛନ୍ତି । ତଦନ୍ତ ହେଲେ ପ୍ରକୃତ ସତ୍ୟକଥା ପଦାକୁ ଆସିବ, ତାହା ଦେଖିବାକୁ ବାକି ରହିଲା ।

# ଅମ୍ବିକାପୁର ବାଳିକା ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଓ ପଂଚଲିଙ୍ଗେଶ୍ୱର ହାଇସ୍କୁଲ ପ୍ରଧାନ ଶିକ୍ଷକଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା

ସଜନାଗଡ଼, (ନି.ପ୍ର.); ନୀଳଗିରି ବ୍ଲକ ନରସିଂହପୁର ପଂଚାୟତ ଅମ୍ବିକାପୁର ସରକାରୀ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ପୁଷ୍ପଲତା ଦାସ ଙ୍କୁ ଏକ ଭାବପୂର୍ଣ ପରିବେଶ ମଧ୍ୟରେ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ପରିପ୍ରେକ୍ଷୀରେ ସନ୍ଧ୍ୟା ୭ ଘଟିକା ରେ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ କରାଯାଇଥିଲା ।ଉକ୍ତ ଉତ୍ସବରେ ସ୍କୁଲ ସମସ୍ତ ଶିକ୍ଷୟତ୍ରୀ ଓ କର୍ମଚାରୀ ମାନେ ଯୋଗଦେଇ ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ପୁଷ୍ପଲତା ଦାସ ଙ୍କ ୩୦ ବର୍ଷ ର ଅବିଶ୍ରାନ୍ତ ଶିକ୍ଷାଦାନ କୁ ନେଇ ଆଲୋକପାତ କରିଥିଲେ । ଛାତ୍ରୀ ବତ୍ସଳ ଶ୍ରୀମତୀ ଦାସ ଙ୍କ ଛାତ୍ରୀ ଙ୍କୁ ଶିକ୍ଷା ଦାନରେ କେବେବି କୋଣ୍ଠାବୋଧ ନକରି ପ୍ରେରଣା ଦେଇଥିବା ବେଳେ ଉଜ୍ଜଳ ଭବିଷ୍ୟତ ଓ ଉତୋରୋତର କାମନା କରିଥିଲେ । ସେ ଜଣେ ମେଳାପି, ମିଷ୍ଟଭାସି, ପରୋପକାରୀ, ଦୂରଦୃଷ୍ଟି ସମ୍ପନ୍ନା ବ୍ୟକ୍ତି ଥିବା ବେଳେ ବହୁ ଗୁଣ ରେ ଅଧିକାରୀ ଥିବା କଥା କହିଥିଲେ । ଆଜି ତାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟର ଛାତ୍ରୀ, ଅଭିଭାବକ,ପୁରାତନ ଛାତ୍ରୀ ଉପସ୍ଥିତ ଥିବାବେଳେ ବିଭିନ୍ନ ବିଦ୍ୟାଳୟରୁ ଶିକ୍ଷକ, ଶିକ୍ଷୟତ୍ରୀ ଯୋଗଦାନ କରି ଶ୍ରୀମତୀ ଦାସ ଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ, ମାନପତ୍ର, ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟ ରେ ଚିତରଂଜନ ଜେନା, ଜୀବନ ପ୍ରସାଦ ଗୁପ୍ତା, ଜ୍ୟୋତିସ୍ମିତା ଜେନା, ବବିସ୍ମିତା ଜେନା, ଶିକ୍ଷୟତ୍ରୀ ସୁମତି ତ୍ରିପାଠୀ, ସଞ୍ଜୁକ୍ତା ବାରିକ, ନିବେଦିତା ମହାନ୍ତି, ନିର୍ମଳା ସାହୁ, କର୍ମଚାରୀ ପ୍ରମଦ ମହାନ୍ତି, ଅବସରପ୍ରାପ୍ତ ଶିକ୍ଷୟତ୍ରୀ ଗୋପଲକ୍ଷ୍ମୀ ସାହୁ, ଭାଇ/ଭଉଣି, ସାଙ୍ଗସାଥୀ, ପରିଜନ, ବନ୍ଧୁ ବାନ୍ଧବ ଉପସ୍ଥିତ ଥିଲେ ।ଲୋତକପୂର୍ଣ୍ଣ ଭାବ ବିହ୍ୱଳ ପରିବେଶ ମଧ୍ୟରେ ବିଦାୟ ଦିଆଯାଇଥିଲା ।

# ମହାପ୍ରଭୁଙ୍କ ସ୍ନାନଯାତ୍ରାରୁ ବାହୁଡ଼ା ଯାତ୍ରା ପର୍ଯ୍ୟନ୍ତ ନୀତିନିର୍ଘଂଟ ସ୍ଥିରୀକୃତ



ପୁରୀ: ମହାପ୍ରଭୁଙ୍କ ଆଗାମୀ ସ୍ନାନଯାତ୍ରା, ରଥଯାତ୍ରା, ବାହୁଡ଼ା ଯାତ୍ରାକୁ ନେଇ ସରିଛି ଛତିଶାନିଯୋଗ ବୈଠକ । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜେନ୍ଦ୍ରଭିଷେକ ଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ନୀତିନିର୍ଘଂଟ ଅନୁମୋଦିତ ହୋଇଛି । ସଅଳ ଦ୍ୱାରଫିଟା ଓ ଭୋରରୁ ମଙ୍ଗଳ ଆଳତି ଉପରେ ଗୁରୁତ୍ୱ ଦିଆଯାଇଛି । ଗତବର୍ଷର ଅଘଟଣ ଯେଭଳି ପୁନରାବୃତି ନ ହେବ, ତା' ଉପରେ ଗୁରୁତ୍ୱ ଦିଆଯାଇଛି । ଏଥର ଭୋରରୁ ମହାପ୍ରଭୁଙ୍କ ମଙ୍ଗଳ ଆଳତି ହେବ । ସ୍ନାନଯାତ୍ରାରେ ପହଣ୍ଡି ବିଜେ, ଜଳ ବିଜେ, ଜଳ ଲାଗି, ଛେରା ପହଁରା, ହାତୀବେଶକୁ ଶୃଙ୍ଖଳିତ କରିବା ପାଇଁ ସେବାୟତ ପ୍ରତିଶ୍ରୁତି ଦେଇଛନ୍ତି । ରଥଯାତ୍ରା ସମୟରେ ଶୃଙ୍ଖଳିତ ପହଣ୍ଡି ଓ ରଥଟଣା ସହିତ ଶୃଙ୍ଖଳିତ ଦର୍ଶନ ନେଇ ସମସ୍ତଙ୍କର ସହଯୋଗ ଲୋଡ଼ା ଯାଇଛି ବୋଲି ଶ୍ରୀ ପାଢି କହିଛନ୍ତି । ଛତିଶାନିଯୋଗ ବୈଠକରେ ହୋଇଥିବା ନୀତିନିର୍ଘଂଟ ଅନୁଯାୟୀ ଜୁନ ୨୪ରେ ରାଜେନ୍ଦ୍ରଭିଷେକ, ୨୫ରେ ରୁକ୍ମିଣୀ ହରଣ ଏକାଦଶୀ, ୨୬ରେ ଚମ୍ପକ ଦ୍ୱାଦଶୀ, ୨୭ରେ ଦଇତା ପ୍ରବେଶ, ୨୯ରେ ଦେବସ୍ନାନ ପୂର୍ଣ୍ଣିମା, ଜୁଲାଇ ୧୪ରେ ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ ଏବଂ ୧୬ରେ ରଥଯାତ୍ରା ଅନୁଷ୍ଠିତ ହେବ ।

# ଆସନ୍ତା ୧୨ରେ ଡେରାଡୁନ ଗସ୍ତରେ ଯିବେ ରାଷ୍ଟ୍ରପତି

ଡେରାଡୁନ : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଭାରତୀୟ ସାମରିକ ଏକାଡେମୀ (ଆଇ. ଏମ୍. ଏ.) ର ପାସିଂ ଆଉଟ୍ ପରେଡରେ 'ଜୁନ ୧୩ରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ । ରାଷ୍ଟ୍ରପତି ଜୁନ ୧୨ ରେ ଦୁଇ ଦିନିଆ ଗସ୍ତରେ ଡେରାଡୁନରେ ପହଂଚିବେ । ସୋମବାର ଦିନ ଜଣେ ସରକାରୀ ମୁଖପାତ୍ର ସୂଚନା ଦେଇଛନ୍ତି ଯେ ରାଷ୍ଟ୍ରପତି ମୁର୍ମୁ ଜୁନ ୧୨ ଏବଂ ୧୩ ରେ ଡେରାଡୁନକୁ ଦୁଇ ଦିନିଆ ଗସ୍ତରେ ଯିବେ । ଜୁନ ୧୩ ସକାଳ ୭ଟା ୩୦ ମିନିଟରେ ରାଷ୍ଟ୍ରପତି ଏକାଡେମୀ ଏବଂ କ୍ୟାମ୍ପସରେ ଆଇ. ଏମ୍. ଏ. ର ୧୫୮ତମ ନିୟମିତ ପାଠ୍ୟକ୍ରମ ଏବଂ ୧୪୧ତମ ବୈଷୟିକ ସ୍ନାତକ ପାଠ୍ୟକ୍ରମର ପାସିଂ ଆଉଟ ପରେଡକୁ ଅଭିବାଦନ ଜଣାଇବେ ଏବଂ ସଫଳତାର ସହ ତାଲିମ ସମାପ୍ତ କରିଥିବା ଜେଂଟେଲମେନ କ୍ୟାଡେଟମାନଙ୍କୁ ସମ୍ବୋଧିତ କରିବେ । ଏହି ଅବସରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା କ୍ୟାଡେଟମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇପାରେ ।



# ଆସନ୍ତାକାଲିରୁ ଆରବିଆଇର ମୁଦ୍ରା ନୀତି ସମୀକ୍ଷା ବୈଠକ

ନୂଆଦିଲ୍ଲୀ : ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ଛଅ ସଦସ୍ୟ ବିଶିଷ୍ଟ ମୁଦ୍ରା ନୀତି କମିଟି (ଏମପିସି) ତିନି ଦିନିଆ ସମୀକ୍ଷା ବୈଠକ ୩ ରୁ ୫ ଜୁନ୍ ପର୍ଯ୍ୟନ୍ତ ହେବ ।ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ଜୁନ୍ ୫ ରେ ନୀତିଗତ ନିଷ୍ପତି ଘୋଷଣା କରିବେ । ବିଶେଷଜ୍ଞଙ୍କ ଅନୁଯାୟୀ ଆରବିଆଇ ମୁମ୍ବାଇରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ପଶ୍ଚିମ ଏସିଆ ସଙ୍କଟ ଏବଂ ଭୂ-ରାଜନୈତିକ ଉତେଜନା,ମୁଦ୍ରାସ୍ଫୀତି ଚିନ୍ତା ଏବଂ ଟଙ୍କା ଉପରେ ଚାପ ଯୋଗୁଁ ରେପୋ ହାରକୁ ୫.୨୫% ରେ ଅପରିବର୍ତିତ ରଖିପାରେ ।ଅର୍ଥନୈତିକ ବିଶେଷଜ୍ଞମାନେ କହିଛନ୍ତି ଯେ ଏମପିସି ଏଥର ପ୍ରମୁଖ ସୁଧ ହାର, ରେପୋ ହାରରେ କୌଣସି ପରିବର୍ତନ କରିବ ନାହିଁ । ବୃଦ୍ଧି ପାଉଥିବା ଶକ୍ତି ମୂଲ୍ୟ, ଟଙ୍କା ଦୁର୍ବଳ ହେବା ଏବଂ ଯୋଗାଣ ଶୃଙ୍ଖଳା ବାଧା ଯୋଗୁଁ ଆରବିଆଇ ଏହାର ମୁଦ୍ରାସ୍ଫୀତି ପୂର୍ବାନୁମାନ ବଢ଼ାଇପାରେ ।



# କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀଙ୍କ ସହ ଆଲୋଚନା କଲେ ମୁଖ୍ୟମନ୍ତ୍ରୀ

## ଖଣି ଅଂଚଳରେ ସାଚୁରେସନ୍ ମୋଡ୍ ରେ ଯୋଜନାଗୁଡ଼ିକର କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଆରୋପ

ଭୁବନେଶ୍ୱର : ଓଡ଼ିଶାର ଖଣିଜ କ୍ଷେତ୍ରକୁ ସୁଦୃଢ଼ କରିବା ଏବଂ ଜାତୀୟ ଅର୍ଥନୀତିରେ ଓଡ଼ିଶାର ଅବଦାନକୁ ଆହୁରି ବୃଦ୍ଧି କରିବା ପାଇଁ ସୋମବାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଶ୍ରୀ ଜି. କିଷନ ରେଡ୍ଡୀଙ୍କ ସହିତ ଆଲୋଚନା କରି କେନ୍ଦ୍ର ସରକାରଙ୍କ ସହଯୋଗ କାମନା କରିଛନ୍ତି ।ଆଲୋଚନାରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଦେଶର ଖଣିଜ ଅର୍ଥନୀତି ଓ ଶିଳ୍ପ ଅଭିବୃଦ୍ଧିରେ ଓଡ଼ିଶାର ଗୁରୁତ୍ୱ କ୍ରମାଗତ ଭାବେ ବୃଦ୍ଧି ପାଇ ଚାଲିଛି । ୨୦୨୫-୨୬ ଆର୍ଥିକ ବର୍ଷରେ ଓଡ଼ିଶାରେ ପ୍ରାୟ ୪୭୧ ମିଲିଅନ୍ ଟନ୍ ଖଣିଜ ପଦାର୍ଥ ଉତ୍ପାଦନ ହୋଇଥିବା ବେଳେ ଏଥିରୁ ପ୍ରାୟ ୪୬ ହଜାର କୋଟି ଟଙ୍କାର ରାଜସ୍ୱ ସଂଗ୍ରହ ହୋଇଛି । ତେବେ, ଏ କ୍ଷେତ୍ରରେ ଓଡ଼ିଶାର ଅଭିବୃଦ୍ଧିକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ କେନ୍ଦ୍ର ସରକାରଙ୍କ ଅହୁରି ସକ୍ରିୟ ସହଯୋଗ ଆବଶ୍ୟକ ବୋଲି ସେ କହିଥିଲେ । ଓଡ଼ିଶାରେ ଯେଉଁ ଖଣିଜ ବ୍ଲକ୍ ଗୁଡ଼ିକ ନିଲାମ ହୋଇଛି, ତାହାର ଜଙ୍ଗଲ ଓ ପରିବେଶ ମଞ୍ଜୁରୀ ତ୍ୱରାନ୍ୱିତ କରିବା ପାଇଁ ସେ କେନ୍ଦ୍ର ସରକାରଙ୍କ ସହଯୋଗ କାମନା କରିଥିଲେ ।



ଏହାସହିତ ଶାଶୁବୋହୂମାଳୀ ବକ୍ସାଇଟ ବ୍ଲକ୍ ଓ ଠାକୁରାଣୀ ଲୁହାପଥର ବ୍ଲକ୍ ଓଏମସି କୁ ପ୍ରଦାନ କରିବା ପାଇଁ ମଧ ସେ କହିଥିଲେ । ଖଣିଜ ଓ ପରିବହନକୁ ଅଧିକ ଦକ୍ଷ ଓ ସ୍ୱଳ୍ପ ଖର୍ଚ୍ଚ ବିଶିଷ୍ଟ କରିବା ପାଇଁ ରେଳ ଓ ବନ୍ଦରଭିତିଭୂମିର ତ୍ୱରିତ ବିକାଶ ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ପରିବେଶ ସୁରକ୍ଷା ଦୃଷ୍ଟିରୁ ପରିତ୍ୟକ୍ତ କୋଇଲା ଖଣି ଗୁଡ଼ିକ ଫ୍ଲାଇଆସ୍ ଜରିଆରେ ପୁର୍ନଭରଣ କରିବା ପାଇଁ ଏକ ଉପଯୁକ୍ତ ଫ୍ରେମୱାର୍କ ପ୍ରସ୍ତୁତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଏହାସହିତ ଖଣିଜ ପଦାର୍ଥର ଉନ୍ନତ ବିଶ୍ଳେଷଣ ପାଇଁ ଆଧୁନିକ ଟେକ୍ନୋଲୋଜି ଯୋଗାଇ ଦେବା ପାଇଁ ସେ କେନ୍ଦ୍ରମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । କେନ୍ଦ୍ରମନ୍ତ୍ରୀ ଶ୍ରୀ ରେଡ୍ଡୀ କହିଥିଲେ ଯେ, ଖଣି କ୍ଷେତ୍ରର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ରେଳ, ବନ୍ଦର, ଜଙ୍ଗଲ ଓ ପରିବେଶ ଆଦି ବିଭିନ୍ନ ବିଭାଗର ସହଯୋଗର ଆବଶ୍ୟକତା ରହିଛି ।ତେଣୁ, ଏଥିପାଇଁ ସମସ୍ତ ମନ୍ତ୍ରାଳୟ ଓ ରାଜ୍ୟ ସରକାର ମିଶି ଏକ ଉଚ୍ଚସ୍ତରୀୟ ବୈଠକ ଜରିଆରେ ସମସ୍ତ ବିଷୟ ଗୁଡ଼ିକ ଆଲୋଚନା ମାଧ୍ୟମରେ ସମାଧାନ କରିବାକୁ ସେ ପ୍ରସ୍ତାବ ଦେଇଥିଲେ । ବୈଠକରେ ଖଣିଜ ଅଂଚଳର ବିକାଶ ଓ ସ୍ଥାନୀୟ ଲୋକଙ୍କର କଲ୍ୟାଣ ସମ୍ପର୍କରେ ମଧ ଆଲୋଚନା ହୋଇଥିଲା । ଏଥିପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ସମସ୍ତ ଯୋଜନାଗୁଡ଼ିକୁ ସାଚୁରେସନ୍ ମୋଡ୍ ରେ କାର୍ଯ୍ୟକାରୀ କରିବା ପାଇଁ ପରାମର୍ଶ ଦେଇଛନ୍ତି । ତେଣୁ, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମସ୍ତ ଯୋଜନା ତଥା ଡିଏମଏଫ୍ ପାଣ୍ଠି ଏବଂ କମ୍ପାନୀମାନଙ୍କର ସିଏସଆର ପାଣ୍ଠିକୁ ଖଣିଜ ଅଂଚଳରେ ଏକ ସମନ୍ୱିତ ପ୍ରଣାଳୀରେ କାର୍ଯ୍ୟକାରୀ କରି ସମ୍ପୂର୍ଣ୍ଣତା ବା ସାଚୁରେସନ୍ ହାସଲ କରିବା ପାଇଁ ବୈଠକରେ ଗୁରୁତ୍ୱ ଆରୋପ କରାଯାଇଥିଲା । ଏଥିପାଇଁ ଓଡ଼ିଶାରେ ସି.ଏମ୍. ସମ୍ପଦା ନାମକ ଏକ ଯୋଜନା ପ୍ରସ୍ତୁତ କରାଯାଇଛି ବୋଲି ବୈଠକରେ ସୂଚନା ଦିଆଯାଇଥିଲା । ବୈଠକରେ ବିଭିନ୍ନ କେନ୍ଦ୍ରୀୟ ଖଣି ପିଏସୟୁ ମାନଙ୍କର ବିଭିନ୍ନ ସମସ୍ୟା ଓ ସମାଧାନ ସମ୍ପର୍କରେ ଆଲୋଚନା ହୋଇଥିଲା । ଏଥିରେ ମହାନଦୀ କୋଲ୍ ଫିଲ୍ଡସ ଲିମିଟେଡ, ନେଭେଲି ଲିଗନାଇଟ କର୍ପୋରେସନ, ସିଙ୍ଗାରେନୀ କୋଲିଆରିଜ୍ କମ୍ପାନୀ ଲିମିଟେଡ, ନାଲ୍କୋ, ଇଣ୍ଡିଆନ ବ୍ୟୁରୋ ଅଫ୍ ମାଇନ୍ସ ଆଦି ସଂସ୍ଥାର ଉଚ୍ଚ ପଦାଧିକାରୀମାନେ ଯୋଗ ଦେଇ ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ । ବୈଠକରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଉନ୍ନୟନ କମିଶନର, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଶିଳ୍ପ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ଅତିରିକ୍ତ ମୁଖ୍ୟ ଶାସନ ସଚିବ (ଇଡ୍କୋ ଅଧକ୍ଷା) ପ୍ରମୁଖ ଉପସ୍ଥିତ ଥିଲେ । କେନ୍ଦ୍ର ଖଣି ସଚିବ ଓ ଖଣି ମନ୍ତ୍ରଣାଳୟର ଉଚ୍ଚ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

# ପଶ୍ଚିମ ଏସିଆର ସାମ୍ପ୍ରତିକ ପରିସ୍ଥିତି ନେଇ ଆନ୍ତଃମନ୍ତ୍ରଣାଳୟ ସାମ୍ବାଦିକ ସମ୍ମିଳନୀ

ନୂଆଦିଲ୍ଲୀ : ପଶ୍ଚିମ ଏସିଆର ବିକଶିତ ପରିସ୍ଥିତି ମଧ୍ୟରେ, ଭାରତ ସରକାର ନିୟମିତ ଅପଡେଟ୍ ମାଧ୍ୟମରେ ନାଗରିକମାନଙ୍କୁ ସୂଚନା ଦେବା ପାଇଁ ପ୍ରୟାସ ଜାରି ରଖିଛନ୍ତି । ଏହି ପରିପ୍ରେକ୍ଷୀରେ, ଆଜି ଜାତୀୟ ଗଣମାଧ୍ୟମ କେନ୍ଦ୍ରରେ ଏକ ଗଣମାଧ୍ୟମ ବ୍ରିଫିଂ ଅନୁଷ୍ଠିତ ହୋଇଥିଲା, ଯେଉଁଠାରେ ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ, ବନ୍ଦର, ଜଳପଥ ଏବଂ ଜାହାଜ ପରିବହନ ମନ୍ତ୍ରଣାଳୟର ଅଧିକାରୀମାନେ ଇନ୍ଧନ ଉପଲବ୍ଧତା ଏବଂ ପ୍ରମୁଖ କ୍ଷେତ୍ରଗୁଡ଼ିକରେ ସ୍ଥିରତା ବଜାୟ ରଖିବା ପାଇଁ ଗ୍ରହଣ କରାଯାଉଥିବା ପଦକ୍ଷେପ ବିଷୟରେ ଅପଡେଟ୍ ପ୍ରଦାନ କରିଥିଲେ । ରସାୟନ ଏବଂ ସାର ମନ୍ତ୍ରଣାଳୟ, ଗ୍ରାହକ ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଂଟନ ମନ୍ତ୍ରଣାଳୟ, ଆର୍ଥିକ ସେବା ବିଭାଗ, ଅର୍ଥ ମନ୍ତ୍ରଣାଳୟ ମଧ ଏହି ପରିପ୍ରେକ୍ଷୀରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ । ଆର୍ଥିକ ସେବା ବିଭାଗ ଉଲ୍ଲେଖ କରିଛି ଯେ କେନ୍ଦ୍ର କ୍ୟାବିନେଟ ଜରୁରୀକାଳୀନ କ୍ରେଡିଟ୍ ଲାଇନ ଗ୍ୟାରେଂଟି ଯୋଜନା (ଇସିଏଲଜିଏସ୍) ୫.୦ କୁ ଅନୁମୋଦନ କରିଛି । ପଶ୍ଚିମ ଏସିଆ ସଙ୍କଟକୁ ଦୃଷ୍ଟିରେ ରଖି ଯେକୌଣସି ସ୍ୱଳ୍ପକାଳୀନ ତରଳତା ଅସମାନତାକୁ ଦୂର କରିବା ପାଇଁ ଯୋଗ୍ୟ ଋଣଗ୍ରହୀତାଙ୍କ ପାଇଁ ଅତିରିକ୍ତ କ୍ରେଡିଟ୍ ସୁବିଧା ଅଧୀନରେ ଡିଫଲ୍ଟ ପରିମାଣ ପାଇଁ ନ୍ୟାସନାଲ୍ କ୍ରେଡିଟ୍ ଗ୍ୟାରେଂଟି ଟ୍ରଷ୍ଟି କମ୍ପାନୀ ଲିମିଟେଡ୍ (ଏନସିଜିଟିସି) ଦ୍ୱାରା ସଦସ୍ୟ ଋଣ ପ୍ରଦାନକାରୀ ସଂସ୍ଥା (ଏମଏଲଆଇ) ମାନଙ୍କୁ ଏମଏସଏମଇ ପାଇଁ ୧୦୦% ଏବଂ ଅଣ-ଏମଏସଏମଇ ଏବଂ ବିମାନ କ୍ଷେତ୍ର ପାଇଁ ୯୦% କ୍ରେଡିଟ୍ ଗ୍ୟାରେଂଟି କଭରେଜ୍ ପ୍ରଦାନ କରିବା ଏହି ଯୋଜନାର ଲକ୍ଷ୍ୟ । ଯୋଜନାର ପ୍ରମୁଖ ବୈଶିଷ୍ଟ୍ୟଗୁଡ଼ିକ:ଯୋଗ୍ୟ ଋଣଗ୍ରହୀତା: ୩୧ ମାର୍ଚ୍ଚ, ୨୦୨୬ ସୁଦ୍ଧା କାର୍ଯ୍ୟକ୍ଷମ ପୁଞ୍ଜି ସୀମା ସହିତ ଏମଏସଏମଇ ଏବଂ ଅଣ-ଏମଏସଏମଇ ଏବଂ ବକେୟା ଋଣ ସୁବିଧା ଥିବା ସୂଚୀବଦ୍ଧ ଯାତ୍ରୀ ବିମାନ କମ୍ପାନୀଗୁଡ଼ିକ, ଯଦି ସେମାନଙ୍କର ଆକାଉଂଟ ମାନକ ହୋଇଥାଏ । ଗ୍ୟାରେଂଟି କଭରେଜ୍: ଏମଏସଏମଇ ପାଇଁ ୧୦୦% ଏବଂ ଅଣ- ଏମଏସଏମଇ ଏବଂ ବିମାନ କ୍ଷେତ୍ର ପାଇଁ ୯୦% । ଏହି ଯୋଜନାର ଲକ୍ଷ୍ୟ ପଶ୍ଚିମ ଏସିଆ ସଂଘର୍ଷରୁ ଉପୁଜିଥିବା ଚ୍ୟାଲେଞ୍ଜଗୁଡ଼ିକୁ ମୁକାବିଲା କରିବା ପାଇଁ ବ୍ୟବସାୟଗୁଡ଼ିକୁ ସକ୍ଷମ କରିବା । ଏହା ସହିତ, ଏହା ବ୍ୟବସାୟଗୁଡ଼ିକୁ ସେମାନଙ୍କର କାର୍ଯ୍ୟକ୍ଷମତା ବଜାୟ ରଖିବା, ଚାକିରିକୁ ସୁରକ୍ଷା ଦେବା ଏବଂ ଯୋଗାଣ ଶୃଙ୍ଖଳ ବଜାୟ ରଖିବାରେ ସାହାଯ୍ୟ କରିବ ବୋଲି ଆଶା କରାଯାଉଛି । ପ୍ରସ୍ତାବିତ କ୍ରେଡିଟ୍ ଗ୍ୟାରେଂଟି ଯୋଜନା ବ୍ୟବସାୟଗୁଡ଼ିକୁ, ବିଶେଷକରି ଏମଏସଏମଇ ଏବଂ ବିମାନ କ୍ଷେତ୍ରକୁ, ସେମାନଙ୍କର ଅତିରିକ୍ତ କାର୍ଯ୍ୟକାରୀ ପୁଞ୍ଜି ଆବଶ୍ୟକତାଗୁଡ଼ିକୁ ବ୍ୟାଙ୍କ ଏବଂ ଆର୍ଥିକ ସଂସ୍ଥାଗୁଡ଼ିକ ଦ୍ୱାରା ପୂରଣ କରିବା ନିଶ୍ଚିତ କରିବା ପାଇଁ ଏକ ପ୍ରମୁଖ ପଦକ୍ଷେପ । ସମୟୋଚିତ ତରଳତା ପ୍ରଦାନ କରି, ଏହି ଯୋଜନା ବ୍ୟବସାୟଗୁଡ଼ିକୁ ବଜାୟ ରଖିବ ଏବଂ ଚାକିରି କ୍ଷତିକୁ ରୋକିବ । ଏହା ନିରନ୍ତର ଘରୋଇ ଉତ୍ପାଦନକୁ ମଧ ପ୍ରୋତ୍ସାହିତ କରିବ ଏବଂ ପରିବେଶର ସ୍ଥିରତା ବଜାୟ ରଖିବ । ଗ୍ରାହକ ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଂଟନ ମନ୍ତ୍ରଣାଳୟର ଉପଭୋକ୍ତା ବ୍ୟାପାର ବିଭାଗ ଦେଶବ୍ୟାପୀ ୫୭୮ ଟି କେନ୍ଦ୍ରରୁ ରିପୋର୍ଟ କରାଯାଇଥିବା ୪୦ ଟି ଖାଦ୍ୟ ସାମଗ୍ରୀର ଦୈନିକ ମୂଲ୍ୟ ଉପରେ ନଜର ରଖିଛି । ବିଭାଗ ସୂଚନା ଦେଇଛି ଯେ: ଚଳିତ ଭୂରାଜନୈତିକ ଉତେଜନା ମଧ୍ୟରେ, ଭାରତର ଖାଦ୍ୟ ମୂଲ୍ୟ ସ୍ଥିରତା ୨୦୨୫-୨୬ ରେ ୩୭୬୬ ଏଲଏମଟି ର ରେକର୍ଡ ଖାଦ୍ୟ ଶସ୍ୟ ଉତ୍ପାଦନ ଦ୍ୱାରା ସମର୍ଥିତ, ଯାହା ୨୦୨୪-୨୫ ରେ ୩୫୭୭ ଏଲଏମଟି ତୁଳନାରେ ୫.୨% ବୃଦ୍ଧି ଏବଂ ୨୦୨୩-୨୪ ସ୍ତର ତୁଳନାରେ ପ୍ରାୟ ୧୩% ଅଧିକ । ଶସ୍ୟ ଏବଂ ଡାଲି ଉଭୟରେ ଉଚ୍ଚ ଉତ୍ପାଦନ ଉପଲବ୍ଧତା ଚିନ୍ତାକୁ ହ୍ରାସ କରିଛି ।

# ବୈଶ୍ୱିକ ପ୍ରତିକୂଳତା ସତ୍ତ୍ୱେ ରପ୍ତାନି ପରିମାଣ ଓ ମୂଲ୍ୟରେ ଐତିହାସିକ ସଫଳତା

## ରପ୍ତାନିରେ ଫ୍ରୋଜେନ୍ ଚିଙ୍ଗୁଡ଼ିର ଚାହିଦା ; ପ୍ରମୁଖ କ୍ରେତା ଆମେରିକା ଓ ଚୀନ୍

ଭୁବନେଶ୍ୱର : ଭାରତ ୨୦୨୫-୨୬ ଆର୍ଥିକ ବର୍ଷରେ ୭୩,୮୯୦.୪୬ କୋଟି ଟଙ୍କା (୮.୪୬ ବିଲିୟନ ଡଲାର) ମୂଲ୍ୟର ୧୯,୭୨,୦୧୮ ମେଟ୍ରିକ୍ ଟନ୍ ସାମୁଦ୍ରିକ ଖାଦ୍ୟ ରପ୍ତାନି କରିଛି, ଯାହା ପ୍ରତିକୂଳ ବଜାର ବ୍ୟବସ୍ଥା ସତ୍ତ୍ୱେ ପରିମାଣ ଏବଂ ମୂଲ୍ୟ ଦୃଷ୍ଟିରୁ ସର୍ବକାଳୀନ ଓ ସର୍ବାଧିଓ୍ୱକ । ସାମୁଦ୍ରିକ ଦ୍ରବ୍ୟ ରପ୍ତାନି ବିକାଶ କର୍ତୃପକ୍ଷ (ଏମ୍.ପି.ଇ.ଡି.ଏ)ର ଅଧକ୍ଷ ଶ୍ରୀ ପି ଜବାହରଙ୍କ ସୂଚନା ଅନୁଯାୟୀ, ପରିମାଣ ଏବଂ ମୂଲ୍ୟ ଉଭୟ ଦୃଷ୍ଟିରୁ ଫ୍ରୋଜେନ୍ ଚିଙ୍ଗୁଡ଼ି ରପ୍ତାନି ସାମଗ୍ରୀ ତାଲିକାର ଶୀର୍ଷରେ ଥିଲା, ଯେତେବେଳେ ଆମେରିକା ଏବଂ ଚୀନ୍ ଭାରତୀୟ ସାମୁଦ୍ରିକ ଖାଦ୍ୟର ସର୍ବାଧିକ ଆମଦାନୀକାରୀ ଥିଲେ । ସାମୁଦ୍ରିକ ଖାଦ୍ୟ ରପ୍ତାନିରେ ଫ୍ରୋଜେନ୍ ଚିଙ୍ଗୁଡ଼ି ପ୍ରମୁଖ ଉତ୍ପାଦ ଭାବରେ ରହିଆସିଛି, ଯାହା ୪୯,୦୩୭.୯୩ କୋଟି ଟଙ୍କା (୫,୬୨୪.୪୮ ନିୟୁତ ଆମେରିକୀୟ ଡଲାର) ଆୟ କରିଛି । ଏହା ମୋଟ ପରିମାଣର ୪୦.୧୯% ଏବଂ ସାମୁଦ୍ରିକ ଖାଦ୍ୟ ରପ୍ତାନିରୁ ମୋଟ ଆମେରିକୀୟ ଡଲାର ଆୟର ୬୬.୫୨% ଅଟେ । ଏହି ସମୟ ମଧ୍ୟରେ, ଚିଙ୍ଗୁଡ଼ି ରପ୍ତାନି ଟଙ୍କା ମୂଲ୍ୟରେ ୧୩.୧୬% ଏବଂ ଡଲାର ମୂଲ୍ୟରେ ୮.୭୪% ବୃଦ୍ଧି ପାଇଛି ।୨୦୨୫-୨୬ ଆର୍ଥିକ ବର୍ଷରେ ସର୍ବମୋଟ ୭,୯୨,୬୪୭ ମେଟ୍ରିକ ଟନ୍ ଫ୍ରୋଜେନ୍ ଚିଙ୍ଗୁଡ଼ି ରପ୍ତାନି ହୋଇଥିଲା । ସବୁଠାରୁ ବୃହତମ ବଜାର ଯୁକ୍ତରାଷ୍ଟ୍ର ଆମେରିକା ହୋଇଥିବାରୁ ୨,୫୬,୧୨୮ ମେଟ୍ରିକ ଟନ୍ ଫ୍ରୋଜେନ୍ ଚିଙ୍ଗୁଡ଼ି ଆମଦାନୀ କରିଥିଲା ଓ ଏହା ପରେ ଚୀନ୍ ୧,୬୯,୫୦୫ ମେଟ୍ରିକ ଟନ୍, ୟୁରୋପୀୟ ସଂଘ ୧,୩୫,୫୯୯ ମେଟ୍ରିକ ଟନ୍, ଦକ୍ଷିଣ ପୂର୍ବ ଏସିଆ ୮୩,୮୧୦ ମେଟ୍ରିକ ଟନ୍, ଜାପାନ ୪୦,୭୭୬ ମେଟ୍ରିକ ଟନ୍, ମଧ୍ୟପ୍ରାଚ୍ୟ ୩୦,୪୭୮ ମେଟ୍ରିକ ଟନ୍ ଏବଂ ଅନ୍ୟାନ୍ୟ ସମସ୍ତ ଦେଶ ମିଳିତ ଭାବରେ ୭୬,୩୫୧ ମେଟ୍ରିକ ଟନ୍ ରପ୍ତାନି କରିଥିଲେ । ଏଲ୍. ଭାନାମେଇ ଏବଂ ବ୍ଲାକ୍ ଟାଇଗର୍ ଚିଙ୍ଗୁଡ଼ିର ରପ୍ତାନି ପରିମାଣ ଏବଂ ମୂଲ୍ୟ ଉଭୟରେ ବୃଦ୍ଧି ପାଇଛି । ଦ୍ୱିତୀୟ ସର୍ବାଧିକ ରପ୍ତାନି ହୋଇଥିବା ଫ୍ରୋଜେନ୍ ମାଛ ୫,୬୫୮.୩୭ କୋଟି ଟଙ୍କା (୬୪୩.୭୦ ନିୟୁତ ଡଲାର) ଆୟ କରିଛି ଓ ତୃତୀୟ ସର୍ବାଧିକ ରପ୍ତାନି ହୋଇଥିବା ଶୁଖୁଆ ଟ.୫,୦୭୯.୦୯ କୋଟି (୫୭୭.୪୪ ନିୟୁତ ଡଲାର) ଆୟ କରିଛି ଏବଂ ଟଙ୍କା ମୂଲ୍ୟ ଦୃଷ୍ଟିରୁ ୭୮.୦୫% ରପ୍ତାନି ଧାରା ସହିତ ଅର୍ନ୍ତଜାତୀୟ ବଜାରରେ ଏହାର ଉଚ୍ଚ ଚାହିଦାକୁ ଦର୍ଶାଇଛି ।ଫ୍ରୋଜେନ୍ ସ୍କିଡ୍ ରପ୍ତାନି ୧,୦୨,୦୬୦ ମେଟ୍ରିକ୍ ଟନ୍ ରେ ପହଂଚିଛି, ଯାହା ଟ. ୪,୪୯୩.୮୦ କୋଟି (୫୧୩.୮୪ ନିୟୁତ ଡଲାର) ଆୟ କରିଛି । ଏହି ସମୟରେ, ଫ୍ରୋଜେନ୍ କଟଲଫିସ୍ ପରିମାଣ ଏବଂ ମୂଲ୍ୟ ଉଭୟରେ ବୃଦ୍ଧି ପାଇଛି, ପରିମାଣରେ ୧୩.୩୨% ଏବଂ ମୂଲ୍ୟରେ ୧୬.୨୫%, ଯାହାର ରପ୍ତାନି ୬୭,୧୫୭ ମେଟ୍ରିକ୍ ଟନ୍ ହୋଇଛି ଯାହାର ମୂଲ୍ୟ ଯଥାକ୍ରମେ ୩୩୧.୯୬ ନିୟୁତ ଡଲାର ଥିଲା । ଶୀତଳିକୃତ ସାମଗ୍ରୀର ରପ୍ତାନି ଟ. ୬୨୨.୩୧ କୋଟି (୭୧.୨୭ ନିୟୁତ ଡଲାର) ଆୟ କରିଛି । ଜୀବନ୍ତ ସାମୁଦ୍ରିକ ଖାଦ୍ୟ ସାମଗ୍ରୀର ରପ୍ତାନି ମୂଲ୍ୟ ଡଲାର ଅନୁସାରେ (୬୨.୪୩ ନିୟୁତ ଡଲାର) ୧୧.୪୬% ବୃଦ୍ଧି ପାଇଛି ।

# ଆସନ୍ତାକାଲି କଟକରେ ହେବ ଇସିଏଲଜିଏସ ୫.୦ ସମ୍ପର୍କିତ ଜନସଚେତନତା କାର୍ଯ୍ୟକ୍ରମ

ନୂଆଦିଲ୍ଲୀ : ଆସନ୍ତାକାଲି ବୁଧବାର କଟକଠାରେ ଏମଏସଏମଇଗୁଡ଼ିକ ପାଇଁ ଜରୁରୀକାଳୀନ କ୍ରେଡିଟ୍ ଲାଇନ ଗ୍ୟାରେଂଟି ଯୋଜନା (ଇସିଏଲଜିଏସ ୫.୦)କୁ ନେଇ ଏକ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ୟୁକୋ ବ୍ୟାଙ୍କର ମହାପ୍ରବନ୍ଧକ ଏବଂ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟିର ସଂଯୋଜକ ପ୍ରଣବ କୁମାର ବିଶ୍ୱାସ କହିଛନ୍ତି, ବୁଧବାର କଟକର ଲିଡ୍ ଜିଲ୍ଲା ବ୍ୟାଙ୍କ କାର୍ଯ୍ୟାଳୟ ଦ୍ୱାରା ପ୍ରମୋଦ ସମ୍ମିଳନୀ କକ୍ଷ, ମହାନଦୀ ରିଙ୍ଗ ରୋଡରେ ଏକ ଜନସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଇସିଏଲଜିଏସ ୫.୦ ଯୋଜନାର ବ୍ୟାପକ ପ୍ରଚାର ଏବଂ ଅଂଶୀଦାରମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ । ସେ କହିଛନ୍ତି ଯେ ଏହି ଯୋଜନା ରାଜ୍ୟର ଏମଏସଏମଇ ୟୁନିଟ୍




ପାଇଁ ସ୍ୱଳ୍ପକାଳୀନ ଆର୍ଥିକ ଆହ୍ୱାନ ଦୂର କରିବା, ନିଯୁକ୍ତି ସୁରକ୍ଷା ସୁନିର୍ଶ୍ଚିତ କରିବା ଏବଂ ଶିଳ୍ପ କାର୍ଯ୍ୟକଳାପରେ ନିରନ୍ତରତା ବଜାୟ ରଖିବାରେ ସହାୟକ ହେବ । ଏହି ଯୋଜନା ପଶ୍ଚିମ ଏସିଆ ସଙ୍କଟରୁ ଉପୁଜିଥିବା ସାମୟିକ ଆର୍ଥିକ ଅସନ୍ତୁଳନକୁ ଦୂର କରିବା ପାଇଁ ଯୋଗ୍ୟ ଋଣଗ୍ରହୀତାଙ୍କ ପାଇଁ ପ୍ରଦାନ କରାଯାଇଥିବା ଅତିରିକ୍ତ କ୍ରେଡିଟ୍ ସୁବିଧା ଅଧୀନରେ ଡିଫଲ୍ଟ ପରିମାଣ ପାଇଁ ସଦସ୍ୟ ଋଣ ପ୍ରଦାନକାରୀ ସଂସ୍ଥା (ଏମଏଲଆଇ)ଗୁଡ଼ିକୁ ଋଣ ଗ୍ୟାରେଂଟି ସୁରକ୍ଷା ପ୍ରଦାନ କରିବ । ଏହାଦ୍ୱାରା ବିମାନ କ୍ଷେତ୍ରର ସଂସ୍ଥାଗୁଡ଼ିକ ସମେତ ଅଣଏମଏସଏମଇ ପାଇଁ ୯୦% ଏବଂ ଏମଏସଏମଇ ସଂସ୍ଥାଗୁଡ଼ିକ ପାଇଁ ୧୦୦ ପ୍ରତିଶତ ପର୍ଯ୍ୟନ୍ତ ଋଣ ପ୍ରୋତ୍ସାହନ ଦିଆଯାଇପାରିବ । ଏହି ଯୋଜନାରେ ଆକର୍ଷଣୀୟ ସୁଧ ହାର ସହିତ କୌଣସି ଗ୍ୟାରେଂଟି ଫି ନାହିଁ । ଏହାବ୍ୟତୀତ ଋଣ ସୁବିଧା ମଞ୍ଜୁର ପାଇଁ କୌଣସି ପ୍ରକ୍ରିୟାକରଣ ଶୁଳ୍କ ଏବଂ ଋଣର ଶୀଘ୍ର ପରିଶୋଧ ପାଇଁ କୌଣସି ଆଗୁଆ ଫୈଠ ଜରିମାନା ବ୍ୟବସ୍ଥା ମଧ ନାହିଁ । ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ଇସିଏଲଜିଏସ ୫.୦ ଯୋଜନାର ଢାଂଚା, ଯୋଗ୍ୟତା ମାନଦଣ୍ଡ, ଲାଭ ଏବଂ କାର୍ଯ୍ୟାନ୍ୱୟନ ପ୍ରକ୍ରିୟା ସମ୍ପର୍କରେ ବ୍ୟାଙ୍କ, ଏମଏସଏମଇ ୟୁନିଟ୍ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ଅଂଶୀଦାରମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା, ଯାହା ଦ୍ୱାରା ସର୍ବାଧିକ ସଂଖ୍ୟକ ଯୋଗ୍ୟ ୟୁନିଟ୍ ଏହାର ଲାଭ ଉଠାଇପାରିବେ ।

# ରୋଗୀ-କେନ୍ଦ୍ରିକ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ ପାଇଁ ଇଏସ୍ଆଇସିର ଡିଜିଟାଲ୍ ପଦକ୍ଷେପ

ନୂଆଦିଲ୍ଲୀ : ଚିକିତ୍ସା ସେବାର ଗୁଣବତା ବୃଦ୍ଧି କରିବା ଏବଂ ରୋଗୀ-କୈନ୍ଦ୍ରିକ ସ୍ୱାସ୍ଥ୍ୟସେବା ପ୍ରଦାନ ସୁନିର୍ଶ୍ଚିତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରଣାଳୟ ଅଧୀନରେ 'କର୍ମଚାରୀ ରାଜ୍ୟ ବୀମା ନିଗମ' (ଇଏସ୍ଆଇସି), ଦେଶବ୍ୟାପୀ ଏହାର ସମସ୍ତ ହସ୍ପିଟାଲ ଏବଂ ଔଷଧାଳୟଗୁଡ଼ିକରେ ଏକ ବ୍ୟାପକ କେନ୍ଦ୍ରୀୟ ଅନଲାଇନ୍ ରୋଗୀ ମତାମତ ବ୍ୟବସ୍ଥା ସଫଳତାର ସହ କାର୍ଯ୍ୟକାରୀ କରିଛି । ଏହି ଡିଜିଟାଲ ପଦକ୍ଷେପ ବୀମାଭୁକ୍ତ ବ୍ୟକ୍ତି (ଆଇପି) ଏବଂ ରୋଗୀମାନଙ୍କୁ ସେମାନଙ୍କର ସ୍ୱାସ୍ଥ୍ୟସେବା ଅଭିଜ୍ଞତାକୁ ସହଜ ଭାବରେ ବାଂଟିବା, ନିର୍ଦ୍ଧିଷ୍ଟ ସମସ୍ୟା ସମ୍ପର୍କରେ କହିବା ଏବଂ ସଂସ୍ଥାଗତ ଉନ୍ନତି ପାଇଁ ପ୍ରୟୋଗଯୋଗ୍ୟ ପରାମର୍ଶ ପ୍ରଦାନ କରିବାକୁ ସକ୍ଷମ କରିଥାଏ । ସୁବିଧାର ପରିଷ୍କାର ପରିଛନ୍ନତା, ଚିକିତ୍ସା କର୍ମଚାରୀଙ୍କ ବ୍ୟବହାର ଏବଂ ଆବଶ୍ୟକୀୟ ଔଷଧର ଉପଲବ୍ଧତା ପରି ଗୁରୁତ୍ୱପୂର୍ଣ୍ଣ ସେବା ମାନଦଣ୍ଡଗୁଡ଼ିକ ଉପରେ ସିଧାସଳଖ ନାଗରିକମାନଙ୍କର ମତାମତ ଗ୍ରହଣ କରିବା ପାଇଁ ଏହି ପ୍ଲାଟଫର୍ମଟି ଡିଜାଇନ୍ କରାଯାଇଛି । ବ୍ୟାପକ ଅଂଶଗ୍ରହଣ ଏବଂ ସମ୍ପୂର୍ଣ୍ଣ ସୁଗମ ପହଂଚ ସୁନିର୍ଶ୍ଚିତ କରିବା ପାଇଁ, ଏହି ବ୍ୟବସ୍ଥା ରୋଗୀମାନଙ୍କ ପାଇଁ ବହୁବିଧ ମତାମତ ମାଧ୍ୟମ ପ୍ରଦାନ କରୁଛି: ସ୍ୱୟଂଚାଳିତ ଏସଏମଏସ୍ ଲିଙ୍କ୍: ଇଏସ୍ଆଇସି'ର ଏଚଆଇଏସ୍ (ଧନ୍ୱନ୍ତରୀ) ମଡ୍ୟୁଲ୍ ମାଧ୍ୟମରେ ସେବା ଗ୍ରହଣ କରିବା ପରେ ତୁରନ୍ତ ବୀମାଭୁକ୍ତ ବ୍ୟକ୍ତିଙ୍କୁ ଏସଏମଏସ୍ ମାଧ୍ୟମରେ ଏକ ସିଧାସଳଖ ମତାମତ ଲିଙ୍କ୍ ପଠାଯାଏ । ଅନ୍-ସାଇଟ୍ କ୍ୟୁଆର୍ କୋଡ୍: ସମସ୍ତ ଓପିଡି ଏବଂ ହସ୍ପିଟାଲର ବିଭିନ୍ନ ସ୍ଥାନରେ ପ୍ରମୁଖ ଭାବରେ ଲଗାଯାଇଥିବା ଅନୁକୂଳିତ, ବହୁଭାଷୀ ପୋଷ୍ଟରରେ ପ୍ରଦର୍ଶିତ କ୍ୟୁଆର୍ କୋଡ୍ ସ୍କାନ କରି ତୁରନ୍ତ ହିତାଧିକାରୀମାନେ ନିଜର ମତାମତ ସେୟାର କରିପାରିବେ । ୱେବ୍ ପୋର୍ଟାଲ୍: ଅଧିକୃତ ଇଏସ୍ଆଇସି ୱେବସାଇଟ୍ ମାଧ୍ୟମରେ ମଧ ସିଧାସଳଖ ଭାବେ ମତାମତ ଦାଖଲ କରାଯାଇପାରିବ ।

# ଆଇପିଏଲରେ ବୈଭବ ସୂର୍ଯ୍ୟବଂଶୀଙ୍କ ରେକର୍ଡ଼କୁ ନେଇ ଟିମ୍ ଇଣ୍ଡିଆରେ ଏଂଟ୍ରି ପାଇଁ ବଢ଼ିଲା ଦାବି

ନୂଆଦିଲ୍ଲୀ : ବର୍ତମାନ ସମୟରେ କ୍ରିକେଟରେ ଜଣେ ବିସ୍ମୟ ସୃଷ୍ଟି ହୋଇଛନ୍ତି । ସମସ୍ତଙ୍କ ମୁହଁରେ ଏବେ ତାଙ୍କର ଆଲୋଚନା । ସେ ହେଉଛନ୍ତି ୧୫ ବର୍ଷିୟ ବୈଭବ ସୂର୍ଯ୍ୟବଂଶୀ । କମ୍ ବୟସରେ ସେ ବଡ଼ ବିସ୍ଫୋରଣ କରିଛନ୍ତି । ତାଙ୍କର ବ୍ୟାଟିଂର ଜଲୱାରେ ସମସ୍ତେ ଦିଓ୍ୱାନା ପାଲଟି ଯାଇଛନ୍ତି । ବିଶ୍ୱର ବଡ଼ ବଡ଼ ବୋଲରଙ୍କୁ ଶକ୍ତ ପ୍ରହାର କରି ବଲକୁ ବାଉଣ୍ଡରୀ ପାର କରିବାରେ ପାଲଟିଛନ୍ତି ମାହିର । ରାଜସ୍ଥାନ ରୟାଲ୍ସର ଓପନର ଆଇପିଏଲ ୧୦୧୬ରେ କରିଛନ୍ତି କମାଲ । ସେ ଏହି ସିଜନରେ ୧୬ଟି ମ୍ୟାଚରେ ୭୭୬ ରନ କରିଛନ୍ତି , ଯେଉଁଥିରେ ୨୩୭.୩୦ ରହିଛି ତାଙ୍କର ଷ୍ଟ୍ରାଇକ୍ ରେଟ୍ । ସବୁଠୁ କମ୍ ବୟସରେ ସେ ଅରେଞ୍ଜ କ୍ୟାପ୍ ଜିତିବାର ଗୌରବ ହାସଲ କରିଛନ୍ତି । ତାଙ୍କର ବ୍ୟାଟରୁ ୭୨ଟି ଛକା ଛୁଟିଛି , ଯାହାକି ନୂଆ ରେକର୍ଡ । ସୂର୍ଯ୍ୟବଂଶୀଙ୍କୁ ଭାରତର ସିନିୟର ଟିମରେ ସାମିଲ କରିବାକୁ ଚର୍ଚ୍ଚା ଜୋର ଧରିଛି । ବିସିସିଆଇର ପୂର୍ବତନ ଚିଫ୍ ସିଲେକ୍ଟର ଏମଏସକେ ପ୍ରସାଦ ମଧ ସୂର୍ଯ୍ୟବଂଶୀଙ୍କୁ ଖୁବ ଶୀଘ୍ର ଟିମ୍ ଇଣ୍ଡିଆରେ ଏଂଟ୍ରି ଦେବାକୁ ଦାବି କରିଛନ୍ତି । ସେ ଆଇପିଏଲର ୧୯ତମ ସିଜନର ଶେଷ ହବା କ୍ଷଣି କହିଛନ୍ତି, ଏହି ଯୁବ ଓପନରଙ୍କୁ ଆୟରଲାଣ୍ଡ ଗସ୍ତରେ ଚୟନ କରାଯିବା ଉଚିତ୍ । ଭାରତ ୨୬ ଜୁନରୁ ଆୟରଲାଣ୍ଡ ବିରୋଧରେ ଦୁଇଟି ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ ଖେଳିବ । ପିଟିଆଇକୁ ପ୍ରସାଦ କହିଛନ୍ତି – ସେ ( ସୂର୍ଯ୍ୟବଂଶୀ) କେବଳ ଜଣେ ଅସାଧାରଣ ପ୍ରତିଭା ନୁହେଁ , ସେ ଟି-୨୦ କ୍ରିକେଟରେ ୱାର୍ଲ୍ଡର ବେଷ୍ଟ ଖେଳାଳିଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ । ତାଙ୍କୁ ତୁରନ୍ତ ଭାରତୀୟ ଟିମ୍ରେ ସାମିଲ କରାଯିବା ଉଚିତ୍ । ଇଣ୍ଡିଆନ-ଏ ସହ ଶ୍ରୀଲଙ୍କା ଗସ୍ତ ପରେ ତାଙ୍କୁ ଆୟରଲ୍ୟାଣ୍ଡ ବିରୋଧରେ ସିରିଜ ପାଇଁ ଭାରତୀୟ ଟିମ୍ରେ ଚୟନ କରାଯିବା ଉଚିତ୍ । ମୋର ଆଶା ଯେ, ତାଙ୍କୁ ଭାରତର ସିନିୟର ଟିମରେ ଚୟନ କରାଯାଇ ପାରେ । ମୋର ପୂରା ବିଶ୍ୱାସ ଯେ, ସେ ଶ୍ରୀଲଙ୍କାରେ ଭାରତ ପକ୍ଷରୁ ଭଲ ପ୍ରଦର୍ଶନ କରିବେ ।




# ଆଲୋକ କମିଲେ ଟେଷ୍ଟ ମ୍ୟାଚରେ ପରୀକ୍ଷଣ ଭାବେ ବ୍ୟବହାର ହେବ ଗୋଲାପୀ ବଲ୍



ନୂଆଦିଲ୍ଲୀ: ଆଇସିସି ଅଧକ୍ଷ ଜୟ ଶାହଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଟେଷ୍ଟ ମ୍ୟାଚକୁ ନେଇ ଏକ ବଡ ନିଷ୍ପତି ନିଆଯାଇଛି । ଯଦି ମ୍ୟାଚ ସମୟରେ ଆଲୋକର ଅଭାବ ପରିଲକ୍ଷିତ ହୁଏ ଏବଂ ଫ୍ଲଡ ଲାଇଟ୍ସର ବ୍ୟବହାର କରାଯାଏ ତେବେ ପରୀକ୍ଷଣ ଭାବେ ଗୋଲାପୀ ବଲର ବ୍ୟବହାର କରାଯିବ । ଯଦି ଖେଳାଳିମାନେ କୌଣସି ଅସୁବିଧାର ସମ୍ମୁଖୀନ ହୁଅନ୍ତି ତେବେ ଏହି ନିୟମରେ ପରିବର୍ତନ କରାଯିବ । ଟେଷ୍ଟ ମ୍ୟାଚରେ ଯଦି ଉଭୟ ଟିମ ଏ ନେଇ ରାଜି ହେବେ ତେବେ ଗୋଲାପୀ ବଲର ବ୍ୟବହାର କରାଯିବ । ଆଇସିସି ନିୟମ ଅନୁସାରେ ପ୍ରତ୍ୟେକ ଦିନ ୯୦ ଓଭର ବୋଲିଂ କରାଯିବ । ୭୫ ଓଭର ଖେଳାଯିବା ପରେ ଆଲୋକ କମିଲେ ଫ୍ଲଡ ଲାଇଟ୍ସ ଜଳାଯିବ ଏବଂ ବାକି ୧୫ ଓଭରରେ ଗୋଲାପୀ ବଲ ବ୍ୟବହାର କରାଯିବ । ବୈଠକରେ ଟିମର ହେଡ କୋଚ ଟେଷ୍ଟ ମ୍ୟାଚ ବ୍ରେକ ସମୟରେ ପଡିଆକୁ ଆସିପାରିବେ ବୋଲି ନିଷ୍ପତି ନିଆଯାଇଛି । ସେହିପରି କୌଣସି ବୋଲରଙ୍କ ଆକ୍ସନ ଉପରେ ଅମ୍ପାୟରଙ୍କ ସନ୍ଦେହ ହେଲେ ହକ ଆଇ ଡାଟାର ବ୍ୟବହାର ହୋଇପାରିବ । ଏହି ସମସ୍ତ ନିୟମ ପରୀକ୍ଷଣ ଭାବେ ଲାଗୁ କରାଯିବ ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**